# ମା' ହୀରାନୀଳାଙ୍କ ଝାମୁଯାତ୍ରା ସମ୍ପନ୍ନ

ଲାଞ୍ଜିଗଡ଼,୧୯।୨(ରମେଶ ଚନ୍ଦ୍ର ନାୟକ)



କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପୋଖରିବନ୍ଧ ପଞ୍ଚାୟତ ବକଟପୁର ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ହୀରାନୀଳାଙ୍କ ଝାମୁଯାତ୍ରା ମାଘ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ପୂଜକମାନେ ମାଘମାସ ଦ୍ୱିତୀୟା ଦିନ ୭ଟି ନୂଆ ଚାଙ୍ଗୁଡ଼ିରେ ନଦୀରୁ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ଧାନ, ମକା, ମୁଗ, ବିରି, କୋଳଥ ଇତ୍ୟାଦି ବିହନ ଗଜା ହେବା ପାଇଁ ଚାଗୁଡିରେ ଥିବା ବାଲିରେ ପକାଇଥାନ୍ତି ଓ ଝାମେରା କଣ୍ଟାରେ ଦୋଳି ତିଆରି କରିଥାନ୍ତି। ଗଜା ହୋଇଥିବା ବିହନ ଓ କଣ୍ଟା ଦୋଳିକୁ ନବମୀ ପର୍ଯ୍ୟନ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହିଦିନ ମା' ହୀରାନୀଳା କଞ୍ଚା ମାଠିଆରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଗାଁରେ ଜୈନିକ ବ୍ୟକ୍ତିଙ୍କ ଦେହରେ ଦେବୀଙ୍କ ଆର୍ବିଭାବ ହେଇଥିଲା। ଏହାପରେ ଦେବୀଙ୍କ କାଳିସୀ ମୁଖ୍ୟ ପୀଠସ୍ଥଳୀ ହୀରାନୀଳା ପାହାଡକୁ ଶହ ଶହ ଶ୍ରଦ୍ଧାଳୁ ଯାଇ ନିଜ ମାନସିକ ଅନୁସାରେ ମା'ଙ୍କ ଆସ୍ଥାନରେ ଝଣ୍ଡା ବାନ୍ଧିଥିଲେ। ଏହା କଲେ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ କରନ୍ତି। ଏହା ପରେ ସେଠାରୁ ଏକ ଶୋଭାଯାତ୍ରାରେ ଗ୍ରାମରେ ଥିବା ବାଲିଘରକୁ ଫେରି ଆସିଥିଲେ। ପ୍ରଥମେ ଗାଁ ଗୋନ୍ତିଆଙ୍କ ଘରକୁ ଯାଇ ପାଦ ପୂଜା ପରେ ସେଠାରୁ ଝାମୁଯାତ୍ରା ପଡିଆକୁ ଫେରିଥିଲେ। ପ୍ରଥମେ ମୁନିଆ ଝାମେରା କଣ୍ଟାରେ ତିଆରି ଦୋଳିରେ ବସି ଭକ୍ତମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ଡହଡ଼ହ ତତଲା ନିଆଁରେ ଦେବୀଙ୍କ କାଳିସୀ ଚାଲିବା ସହ ନିଜ ଶକ୍ତିର ପରିଚୟ ଦେଇଥିଲେ। ଏହାପରେ ମାନସିକ କରିଥିବା ଭକ୍ତମାନେ ମାନସିକ ଅନୁଯାୟୀ ପୋଢ, ଛେଳି ଓ ବହୁ ସଂଖ୍ୟକ କୁକୁଡ଼ା ପାରା ବଳି ଦିଆଯାଉଥିଲା। ଏଥିରେ ହୀରାନୀଳାଙ୍କ ମୁଖ୍ୟ ବାହୁକ ମନୁ ବେହେରା, ସର୍ବ ଗଣ୍ଡା, ଦେବାନନ୍ଦ ସାହୁ, ନକୁଳ ବେହେରା, ରାମମନ ବାରିକ, ଶକ୍ତି ସାଗର ବାରିକଙ୍କ ସମେତ ଯାତ୍ରାରେ ଗ୍ରାମବାସୀ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଗାଁ ଗୌନ୍ତିଆ ବିକ୍ରମାଦିତ୍ୟ ବାରିକ, ଦେବୀଙ୍କ ଅତିଥି ତଥା ମୁଖ୍ୟ ପାରମ୍ପରିକ ସେବକ ଭାବେ ଦେବୀଙ୍କ ସହ ଗ୍ରାମ ପରିକ୍ରମା କରିଥିଲେ।

## ସଂକ୍ଷେପରେ

### ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରୁ ମୃତଦେହ ଜବତ

ଭବାନୀପାଟଣା,୧୯।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲର ସୁନାମାଲ ନିକଟରେ ଗତ ୨ ତାରିଖ ବିଭାଗୀୟ ଯନ୍ତ୍ରୀ ଭବାନୀ ଶଙ୍କର ମହନ୍ତଙ୍କ ମୃତଦେହ ଜବତ କରାଯାଇଥିଲା। ଏହାର କିଛି ଦିନପରେ ସୋମବାର ଜୟପାଟଣା ବ୍ଲକ ଉଛୁଳା ପଞ୍ଚାୟତ କୁମଜୋର ଗାଁ ନିକଟ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରେ ଏକ ଅଚିହ୍ନା ଯୁବକଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ଏଯାଏଁ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଖବର ପାଇ ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

### ଅଣ ଜଳସେଚିତ କ୍ରିୟାନୁଷ୍ଠାନ କମିଟିର ଜରୁରିକାଳୀନ ବୈଠକ

ଖଡ଼ିଆଲ,୧୯।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଝିଦ୍ରିଡୋଡ଼ାସ୍ଥିତ ଆମ୍ବତୋଟାଠାରେ ଅଣଜଳସେଚିତ କ୍ରିୟାନୁକମିଟିର ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖଡିଆଲ ବ୍ଲକ ସନମହେଶ୍ୱର ଗ୍ରାମପଞ୍ଚାୟତ ଝୋଲପଥର, ସାନମହେଶ୍ୱର, ବଡ଼ମହେଶର, ସୁନାମୁଦି, ଦେଓବାହାଲ, ବରଗାଁ ଗ୍ରାମପଞ୍ଚାୟତ ବେନ୍ଦ୍ରାବାହାଲ, ଡୁମେରବାହାଲ, ପୋଡାପାଲି ଚନାବେଡ଼ା ଗ୍ରାମପଞ୍ଚାୟତ ରୁହେନପଦର, ଭୋଜପୁର ଗ୍ରାମପଞ୍ଚାୟତ ଭୋଜପୁର, ଭାଲୁଡଙ୍ଗରି, ଝିଦ୍ରିଡୋଡ଼ା ସମେତ କୋମନା ବ୍ଲକ ପେଣ୍ଡରାବନ ଗ୍ରାମପଞ୍ଚାୟତ ପଲସିପାଣି, ଧରମସାଗର, ଚାନ୍ଦୋପଲା ଗ୍ରାମର ଶହ ଶହ ଚାଷୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସେହି ପ୍ରସଙ୍ଗରୁ ଝିଖାଲି ଡେମରୁ ଜଳସେଚନ କାର୍ଯ୍ୟ ତ୍ୱରାନ୍ୱିତ ନ ହେଲେ ଆଗାମୀ ନିର୍ବାଚନରେ ଏହି ସବୁ ଗ୍ରାମଗୁଡ଼ିକ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇ ଜିଲାପାଳଙ୍କୁ ଏକ ଲଖିତ ପତ୍ର ପ୍ରଦାନ କରାଯାଇଛି। ସମସ୍ତ ଗ୍ରାମରୁ ସ୍ୱାକ୍ଷର ହେବା ପରେ ଚଳିତ ସପ୍ତାହରେ ଦିଆଯିବା ପାଇଁ ସ୍ଥିର କରାଗଲା। କାର୍ଯ୍ୟକ୍ରମରେ ଡାକ୍ତର ସିଦ୍ଧାର୍ଥ ଶଙ୍କର ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଗୌତମ ମୁଣ୍ଡ, ଜଗତରାମ ଶବର ପ୍ରମୁଖ ସାମିଲ ହୋଇଥିଲେ।

### ୨ଶହ ଦିନ କାମ ସମ୍ପୂର୍ଣ୍ଣ କରିଥିବା ଶ୍ରମିକଙ୍କୁ ସମ୍ବର୍ଦ୍ଧନା

ଟିଟିଲାଗଡ଼, ୧୯।୨(ଶରତ ମିଶ୍ର)

ଟିଟିଲାଗଡ ବ୍ଲକ ଲୁଥରୁବନ୍ଧ ପଞ୍ଚାୟତରେ ସରପଞ୍ଚ ଜ୍ୟୋସ୍ନା ସାହୁଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟା ଗୀତା ବିଶି, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାର ତଥା ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଟିଟିଲାଗଡ ଅଞ୍ଚଳରେ ବିକାଶ କାର୍ଯ୍ୟ ନେଇ ଉପସ୍ଥିତ ଜନତାଙ୍କୁ ସଚେତନ କରିଥିଲେ। ଜିପିଇଓ ପଦ୍ମକାନ୍ତ ପାଣିଗ୍ରାହୀ, ସମିତି ସଭ୍ୟ ସୀମାଞ୍ଚଳ ବେନିଆ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ହିଆଲ, ପୂର୍ବତନ ସମିତି ସଭ୍ୟା ମାଧୁରି ହରପାଲ ମଞ୍ଚାସୀନ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଞ୍ଚାୟତରେ ଏମ୍‌ଜିଏ୍‌ଆର୍‌ଇଜିଏସ୍ ଯୋଜନାରେ ୨ଶହ ଦିନର କାମ ସମ୍ପୂର୍ଣ୍ଣ କରିଥିବା ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଡୋକରୀଚଞ୍ଚରା ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ଭୂମି ପୂଜନ

କୋକସରା,୧୯।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହୁକୁମାଠାରୁ ଗୁଡହାଣ୍ଡି ଡୋକରୀଚଞ୍ଚରାକୁ ଅନେକ ବର୍ଷ ଧରି ରାସ୍ତା ପାଇଁ ଅଞ୍ଚଳବାସୀ ପ୍ରଶାସନ ଓ ଜନପ୍ରତିନିଧିଙ୍କଠାରେ ଦାବି କରି ଆସୁଥିଲେ। ସୋମବାର ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଧର୍ମଗଡ଼ ବିଧାୟକ ମୋଷଧି ବାଗ ରାସ୍ତା କାର୍ଯ୍ୟ ଉଦଘାଟନ କରିଛନ୍ତି। ୨୨ କି.ମି. ଏହି ରାସ୍ତା କୋକସରା, ମାଝୀଗୁଡା, ଦାବ୍ରିଗୁଡା, ହଂସପଡା, ମହିମା, ଭୁର୍ଷାଗୁଡା, ଘଣ୍ଟିଗୁଡା, ଖଲିଗଡ଼ ଦେଇ ଡୋକରୀଚଞ୍ଚରାକୁ ସଂଯୋଗ କରିବ। ଏହି ରାସ୍ତା ନିର୍ମାଣ ହେଲେ ପର୍ଯ୍ୟଟନ ସ୍ଥଳୀକୁ ଆସୁଥିବା ପର୍ଯ୍ୟଟକ ସମେତ ଅଞ୍ଚଳବାସୀ ମଧ୍ୟ ଉପକୃତ ହେବେ। ବିଧାୟକ ବାଗ, ମହିମା ସମିତି ସଭ୍ୟ ଘନଶ୍ୟାମ ନାଏକ, ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ବିଜେଡି ବ୍ଲକ ସମ୍ପାଦକ ପଙ୍କଜ ପୋଢ଼, ଛାତ୍ର ସଭାପତି ମାନସ ବେହେରା, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନବ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ୨ ମୃତ, ୧ ଗୁରୁତର

ଲାଞ୍ଜିଗଡ଼,୧୯।୨
(ରମେଶ ଚନ୍ଦ୍ର ନାୟକ)

**ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବେଡାଗାଁ ପଞ୍ଚାୟତ ଦାନିକାପେଲ ଗାଁରେ ରବିବାର ୧୧ କେଭି ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଛିଣ୍ଡି ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଟାମକୁରୁଞ୍ଜା ଗାଁର କାଙ୍ଗା ମାଝି (୫୦) ଏବଂ ଦାନିକାପେଲ ଗାଁର ଟିଙ୍ଗୁ ମାଝି (୩୫)। ଆହତ ଡ଼ଙ୍ଗେ ମାଝି (୪୬)ଙ୍କୁ ଭବାନୀପାଟଣା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସୂଚନା ଯେ, ଲାଞ୍ଜିଗଡ ବ୍ଲକ ବେଡାଗାଁ ପଞ୍ଚାୟତ ଟାମକୁରୁଞ୍ଜା ଗାଁର କାଙ୍ଗା ସକାଳେ ଦାନିକାପେଲ ଗାଁକୁ ନିଜ ନୂଆ ସମୁଦି ଘରକୁ ଆସିଥିଲେ। ସନ୍ଧ୍ୟାରେ ସେ ଘରକୁ ଫେରୁଥିବା ବେଳେ ନୂଆ ବନ୍ଧୁ ହୋଇଥିବାରୁ କିଛି ବାଟ ତାଙ୍କ ସହ ଟିଙ୍ଗୁ ଓ ରଙ୍ଗେ ଯାଉଥିଲେ। ସୁଲିମ ଓ ଦାନିକାପେଲ ମଝି ରାସ୍ତା ଉପର ଦେଇଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ହଠାତ ଛିଣ୍ଡି ସେମାନଙ୍କ ଉପରେ ପଡିବାରୁ ୩ଜଣ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରି ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର କାଙ୍ଗା ଓ ଟିଙ୍ଗୁଙ୍କୁ ମୃତ ଘୋଷଣା କରିଥିଲେ। ରଙ୍ଗେଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ସ୍ଥାନାନ୍ତର କରାଯାଇଥିବା ଡାକ୍ତର ଭବାନୀଶଙ୍କର ଲେଙ୍କା ସୂଚନା ଦେଇଛନ୍ତି। ରବିବାର ରାତି ହୋଇଯାଇଥିବାରୁ ସୋମବାର ବ୍ୟବଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି । ଏ ନେଇ ବିଶ୍ୱନାଥପୁର ଥାନାରେ ଦଫା ଏଆଇପିସି ୩୦୪ରେ ଏକ ମାମଲା (ନଂ.୧୮/୨୪) ରୁଜୁ କରି ତଦନ୍ତ କରୁଥିବା ଥାନାଧିକାରୀ ମମତା ହେମ୍ବ୍ରମ ସୂଚନା ପ୍ରଦାନ କରିଛନ୍ତି। ପ୍ରାଣ ହରାଇଥିବା ୨ମୃତକଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ଗୁରୁତର ଡଙ୍ଗେଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ସାକ୍ଷାତ କରି ଚିକିତ୍ସା ବ୍ୟବସ୍ଥାର ତଦାରଖ କଲେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶିବାଜୀ ମାଝି।

# ୬ କେନ୍ଦ୍ରରେ ପରୀକ୍ଷା ଦେବେ ୯୨୧ ପରୀକ୍ଷାର୍ଥୀ

କର୍ଲାମୁଣ୍ଡା,୧୯।୨(ପ୍ରଦୀପ କୁମାର ସାହୁ)

**କର୍ଲାମୁଣ୍ଡା ବ୍ଲକ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଚଳିତ ମାଟ୍ରିକ ପରୀକ୍ଷା ମଙ୍ଗଳବାର ପ୍ରଥମ ଦିବସରେ ୬ଟି କେନ୍ଦ୍ରରେ ୯୨୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ସୂଚନା ମିଳିଛି। ସୂଚନା ମତେ କର୍ଲାମୁଣ୍ଡା ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲରେ ତେରେସିଙ୍ଗା ଓ ଭଟାପଲା ହାଇସ୍କୁଲର ୧୨୨ଜଣ ଛାତ୍ରୀଛାତ୍ର, ତେରେସିଙ୍ଗା ହାଇସ୍କୁଲରେ କେସିଙ୍ଗା ବ୍ଲକ ବେଲଖଣ୍ଡି, ସ. ମାଲପଡା ଓ ବାପୁଜି ହାଇସ୍କୁଲ ରିଷିଡାର ୨୨୭ଜଣ ଛାତ୍ରୀଛାତ୍ର, ରିଷିଡା ବାପୁଜି ହାଇସ୍କୁଲରେ ସରକାରୀ ବାଳିକା ହାଇସ୍କୁଲ ରିଷିଡା, ଗଜବାହଲ ହାଇସ୍କୁଲର ମୋଟ ୧୭୫ ଛାତ୍ରୀଛାତ୍ର, ଭଟାପଲା ହାଇସ୍କୁଲରେ ଉନ୍ନୀତ ହାଇସ୍କୁଲ ବାଞ୍ଜିପଦର, ରେଗଡା ଓ ରିଞ୍ଜା ହାଇସ୍କୁଲର ୯୫ଜଣ ଛାତ୍ରୀଛାତ୍ର, ଗଜବାହଲ ପରୀକ୍ଷା କେନ୍ଦ୍ରରେ ପୌରକେଲା ଓ ଏମ୍. ରାମପୁର ବ୍ଲକ ଗୋଛାଡେଙ୍ଗ ହାଇସ୍କୁଲର ୧୨୩ ଜଣ ଛାତ୍ରୀଛାତ୍ର, ଜୋରାଡବରା ପରୀକ୍ଷା କେନ୍ଦ୍ରରେ ଏମ୍. ରାମପୁର ବ୍ଲକ କେନ୍ଦୁବନ୍ଧ ଓ ମୁଡିଙ୍ଗ ହାଇସ୍କୁଲର ୧୭୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ଜଣାପଡ଼ିଛି। ପରୀକ୍ଷାରେ ଅସାଧୁ ଉପାୟକୁ ଅବଲମ୍ବନ ନ କରିବାକୁ ବୁଦ୍ଧିଜୀବୀ ମହଲରେ ଅନୁରୋଧ କରାଯାଇଛି।

# ବସ୍ ଧକ୍କାରେ ୬ ମଇଁଷି ମୃତ

ଭବାନୀପାଟଣା,୧୯।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଘଣ୍ଟବାହାଲି ଛକ ୨୬ ନଂ ଜାତୀୟ ରାଜପଥ ଉପରେ ସୋମବାର ରାତିରେ ଏକ ଘରୋଇ ବସ (ଜନାର୍ଦ୍ଦନ) ଧକ୍କାରେ ୬ଟି ମଇଁଷିର ମୃତ୍ୟୁ ହୋଇଥିବା ଜଣାପଡିଛି। ବସ ଭବାନୀପାଟଣାକୁ ଯାଉଥିବାବେଳେ ଏହି ସମୟରେ ରାସ୍ତାରେ ଯାଉଥିବା ୬ଟି ମଇଁଷିକୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ବସ (ନଂ.ଓ୦୮ଆର-୧୦୫୫) ବୋଲି ଜଣାପଡିଥିବାବେଳେ ଦୁର୍ଘଟଣାରେ ବସ ଆଗପଟ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଘଟଣାକୁ ନେଇ ଘଣ୍ଟବାହାଲି ଛକରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଲିଡରଶିପଠାରେ ସରପଞ୍ଚଙ୍କ କର୍ମଶାଳା

ନୂଆପଡ଼ା,୧୯।୨(ମକାରୁ ବେମାଲ)

ଆକାଂକ୍ଷା ଭାରତ ସହଯୋଗୀ ଅନ୍ତର୍ଗତ ଓଡିଶାର ୧୦ଟି ଆକାଂକ୍ଷା ଜିଲା ଓ ୨୦ଟି ଆକାଂକ୍ଷା ବ୍ଲକର ଚୟନ ସରପଞ୍ଚମାନଙ୍କୁ ନେଇ ରାଜସ୍ଥାନସ୍ଥିତ ପିରାମଲ ସ୍କୁଲ ଅଫ ଲିଡରଶିପଠାରେ ୩ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ନୂଆପଡ଼ା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ଖଇରା ସରପଞ୍ଚ କୈଳାଶ ଚନ୍ଦ୍ର ଚିନ୍ଦା ଜିଲା ପକ୍ଷରୁ ଅଂଶ ଗ୍ରହଣ କରିଛନ୍ତି। ପିରାମିଲ ଫାଉଣ୍ଡେସନ ପ୍ରତିନିଧିଙ୍କ ନେତୃତ୍ୱରେ ଓଡିଶା, ଛତିଶଗଡ, କେରଳ, ଝାଡଖଣ୍ଡ ଓ ହିମାଚଳ ପ୍ରଦେଶର ସରପଞ୍ଚମାନଙ୍କ ମଧ୍ୟରେ ନିଜର ବ୍ୟକ୍ତିତ୍ୱକୁ ବୁଝିବା, ଦଳଗତ କାର୍ଯ୍ୟ କରିବା, ଗ୍ରାମ ପଞ୍ଚାୟତ କାର୍ଯ୍ୟ ଶୈଳିକୁ ବୁଝିବା, ଗ୍ରାମପଞ୍ଚାୟତସ୍ତରୀୟ ଯୋଜନା ଓ ସୁବିଧ, ପଞ୍ଚାୟତ ବିକାଶ କରିବାର ଭୂମିକା, ମହିଳାଙ୍କ ଉନ୍ନତି, ସ୍ୱଚ୍ଛ ଓ ଆଦର୍ଶ ଗ୍ରାମ ବନେଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ସରପଞ୍ଚଙ୍କ ଭୂମିକା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସରପଞ୍ଚମାନେ ଉତ୍ସାହର ସହିତ ପ୍ରଶିକ୍ଷଣ ନେବା ସହ ଆଗାମୀ ଦିନରେ ନିଜର ପଞ୍ଚାୟତକୁ ସଶକ୍ତ ବନେଇବାରେ ସଂକଳ୍ପ ନେଇଥିଲେ।



ପ୍ରଶିକ୍ଷଣ ନେଉଥିବା ସରପଞ୍ଚ ବୃନ୍ଦ।

# ଲାଞ୍ଜିଗଡ଼ରେ ପୋଲିସର ଜନସମ୍ପର୍କ ଶିବିର

ଲାଞ୍ଜିଗଡ଼,୧୯।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ବିଶ୍ୱନାଥପୁର ଥାନା ଅଧୀନ ପୋଖରୀବନ୍ଧ ଗ୍ରାମପଞ୍ଚାୟତ ଭେଜିପଦରଠାରେ ପୋଲିସ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି.ଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ପୋଲିସ ଜନସମ୍ପର୍କ ଶିବିରରେ ଭେଜିପଦର ସମେତ କେଶପଦର, ବେଡାଲଖମନ ତଥା ଗ୍ରାମ ପଞ୍ଚାୟତ ଅଞ୍ଚଳରୁ ବହୁ ଲୋକ ଯୋଗଦେଇଥିଲେ। ବିଶ୍ୱନାଥପୁର ଥାନା ଅଧିକାରୀ ମମତା ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଶିବିରରେ ଅତିଥି ଭାବେ ରାଜସ୍ୱ ନିରୀକ୍ଷକ ସୁରେଶ କୁମାର ବଳିଆରସିଂ, ବିଶ୍ୱନାଥପୁର ଥାନ ଏସଆଇ ତୀର୍ଥ ମାଝି, ପିଇଡବ୍ଲୁ ମିଡ଼ିଆ ଆସୋସିଏଶନ ବରିଷ୍ଠ ଉପଦେଷ୍ଟା ସନ୍ତୋଷ କୁମାର ତୁଳ, ସଭାପତି ନିଲେଶ କୁମାର ନାଗ ସାଧାରଣ ସମ୍ପାଦକ ଗୋପାଳ ଦାସ ମହାନନ୍ଦ, ଶିକ୍ଷକ ପ୍ରଦୀପ ପୁଷ୍ଟି ପ୍ରମୁଖ ଶିବିରରେ ଯୋଗଦେଇଥିଲେ। ସ୍ଥାନୀୟ ଲୋକଙ୍କୁ ଉତ୍ସାହିତ କରାବା ନେଇ ଏହି ଅବସରରେ ପୋଲିସ ବିଭାଗ ତଥା ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜାନ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀମାନଙ୍କୁ ଖାତା, କଲମ, ସ୍କୁଲ ବ୍ୟାଗ, ପାଣି ବୋତଲ, ଯୁବକ ମାନଙ୍କ ପାଇଁ ପରିଧାନ ବସ୍ତ୍ର, ବୃଦ୍ଧବୃଦ୍ଧା ମାନଙ୍କୁ କମଳ ବଣ୍ଟନ କରାଯାଇଥିଲା। ଏଥିରେ ହାବିଲଦାର ଜତିନ କୁମାର ପ୍ରଧାନ, ତ୍ରିବିକ୍ରମ ବିଶାଳ, କୁମାର ଦ୍ରୋଣ, ସୁବ୍ରତ, ତୀର୍ଥ, କାହ୍ନା ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଶ୍ରୀରାମ ଚରିତ ମାନସ ଯଜ୍ଞ ଉଦ୍‌ଯାପିତ

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରୁଗୁଡିଖାଲ ମାନସ ବିହାରରେ ଚାଲିଥିବା ନବ ଦିନାତ୍ମକ ବିଶ୍ୱଶାନ୍ତି ଶ୍ରୀରାମ ଚରିତ ମାନସ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଆଧାତ୍ମିକ ଜ୍ଞାନ ଆହରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ ଏବଂ ମିନାବଜାର ମଜା ନେବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ଲାଗି ରହିଥିଲା। ୯ ତାରିଖ ତ୍ରିବେଣି ଅମାବାସ୍ୟାରେ ଅଧିବାସ ହୋଇଥିଲା । ବେନ୍ଦ୍ର ରଘୁନାଥ ମଠର ମଠାଧିଶ ଜମୁନା ଦାସ ମହାରାଜଙ୍କ ପୌରାହିତ୍ୟରେ ଯଜ୍ଞାଚାର୍ଯ୍ୟ ଗୌରୀଶଙ୍କର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ବ୍ୟାସ ଉଦ୍ଧବ ତ୍ରିପାଠୀ ଓଡିଆ ଏବଂ ଛନ୍ଦାଚରଣ ଦାସ ହିନ୍ଦୀ ରାମାୟଣ ପଠନ କରିଥିଲେ। ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଂସ୍କୃତିକ ସଭାରେ ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ପଧାନ ଅଧ୍ୟକ୍ଷତା କରିଥିଲେ। ସଭାକାର୍ଯ୍ୟକୁ ଜ୍ୟୋତିପ୍ରକାଶ ସାହୁ ସଂଯୋଜନା କରିଥିଲେ।

# ପରୀକ୍ଷା ଦେବେ ୨୪ ହଜାର ୮୧୨ ପରୀକ୍ଷାର୍ଥୀ

ବଲାଙ୍ଗୀର,୧୯।୨
(ବୀରେନ୍ଦ୍ର କୁମାର ଝାଙ୍କର)

**ଆଜିଠାରୁ ମାଟ୍ରିକ୍ ପରୀକ୍ଷା**

- **୧୭୭ଟି ପରୀକ୍ଷା କେନ୍ଦ୍ରରେ ହେବ ପରୀକ୍ଷା**

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ବର୍ଷର ମାଟ୍ରିକ ବୋର୍ଡ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ଏନେଇ ବଲାଙ୍ଗୀର ଶିକ୍ଷା ବିଭାଗ ତରଫରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ମୁତାବକ ବଲାଙ୍ଗୀର ଜିଲାରେ ୩୬୫ଟି ହାଇସ୍କୁଲ ପାଇଁ ୧୭୭ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେବ। ଜିଲାର ସମୁଦାୟ ୨୫ ହଜାର ୬୩ଟି ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ। ଏଥିରେ ୨୪,୪୧୭ ରେଗୁଲାର, ୮୨ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ, ୧୪୧ ଜଣ ମଧ୍ୟମା ରେଗୁଲାର ଏବଂ ଏକ୍ସରେଗୁଲାର, ୧୭୨ ଜଣ ରାଜ୍ୟ ମୁକ୍ତ ସ୍କୁଲ କୋର୍ସ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଜିଲାର ୧୭୭ଟି ପରୀକ୍ଷା କେନ୍ଦ୍ରରୁ ୧୭୧ଟି କେନ୍ଦ୍ରରେ ରେଗୁଲାର ଏବଂ ଏକ୍ସରେଗୁଲାର, ୩ଟି ମଧ୍ୟମା ଏବଂ ୩ଟି ରାଜ୍ୟ ମୁକ୍ତ ସ୍କୁଲ କୋର୍ସ ପରୀକ୍ଷା କେନ୍ଦ୍ର ରହିଛି। ପରୀକ୍ଷାର୍ଥୀମାନେ ଯେଭଳି ଭାବେ ସୁରୁଖୁରୁରେ ପରୀକ୍ଷା ଦେଇପାରିବେ ସେନେଇ ବ୍ୟବସ୍ଥା କରାଯାଇଛି ବୋଲି ଡିଇଓଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ୧୭୭ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୧୧୭ଟି ସରକାରୀ ହାଇସ୍କୁଲ ଏବଂ ୫୪ଟି ଅନୁଦାନପ୍ରାପ୍ତ ତଥା ନୂତନ ଅନୁଦାନପ୍ରାପ୍ତ ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଛି। ଜିଲାର ୩୩ଟି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରୁ ୯ଟିରେ ଏଆଇ ସିସିଟିଭି ଓ ୨୪ଟି ରେକର୍ଡିଂ ସିସିଟିଭି ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ୪ଟି ସ୍କ୍ୱାଡ ଏବଂ ବୋର୍ଡ ପକ୍ଷରୁ ଏକ ସ୍କ୍ୱାଡ ଗଠନ କରାଯାଇଛି। ଏମାନେ ପରୀକ୍ଷା ସମୟରେ ଜିଲାବ୍ଯାପୀ ପରିଭ୍ରମଣ କରି ପରୀକ୍ଷା କେନ୍ଦ୍ର ଗୁଡିକ ତଦାରଖ କରିବେ ବୋଲି କୁହାଯାଇଛି। ଜିଲାର ନୋଡାଲ ସେଣ୍ଟର ମାନଙ୍କୁ ପୋଲିସ ସୁରକ୍ଷା ବ୍ଯବସ୍ଥା କଡାକଡି କରାଯାଇଛି। ମଙ୍ଗଳବାର ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ତେବେ ସକାଳ ସାଢ଼େ ୭ଟାରୁ ପରୀକ୍ଷାର୍ଥୀମାନେ ସ୍କୁଲକୁ ପ୍ରବେଶ କରିବେ ବୋଲି କୁହାଯାଇଛି। ମଙ୍ଗଳବାର ମାଟ୍ରିକ ପରୀକ୍ଷା ପ୍ରଥମ ଦିନ ମାତୃଭାଷା ଓଡିଆ ଓ ହିନ୍ଦୀ ଭାଷା ସାହିତ୍ୟ ପରୀକ୍ଷା ହେବ। ଆସନ୍ତା ୪ ମାର୍ଚ୍ଚରେ ମାଟ୍ରିକ୍ ପରୀକ୍ଷା ସରିବ।

# ସୁଧୀର ଧଙ୍ଗଡ଼ାମାଝି ପାଇବେ କିଶୋରୀ ଚରଣ ପୁରସ୍କାର

ଭବାନୀପାଟଣା,୧୯।୨(ଉତ୍ତମ କୁମାର ଦାଶ)

ବିଶିଷ୍ଟ ସାହିତ୍ୟିକ କିଶୋରୀ ଚରଣ ଦାସଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ କିଶୋରୀ ଚରଣ ପୁରସ୍କାର ପାଇବେ ଯୁବ କଥାକାର ସୁଧୀର କୁମାର ଧଙ୍ଗଡ଼ାମାଝି। ଟାଇମପାସ ପକ୍ଷରୁ ପ୍ରକାଶିତ ତାଙ୍କର ଗଳ୍ପ ପୁସ୍ତକ 'ଖଂଗାର୍' ପାଇଁ ସେ ଏହି ପୁରସ୍କାର ପାଇବେ। ପୁରସ୍କାର ସ୍ୱରୂପ ମାନପତ୍ର, ଉପଢୌକନ ଓ ପାଞ୍ଚ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ, ପୂର୍ବରୁ 'ଖଂଗାର୍' ଟାଇମପାସ ବେଷ୍ଟସେଲର୍ ପୁରସ୍କାର-୨୦୨୧ ପାଇବା ସହ ୨୦୨୦ ଓ ୨୦୨୧ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ସଂକ୍ଷିପ୍ତ ସୂଚୀରେ ସାମିଲ ହୋଇଥିଲା। କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ବ୍ରୁିପଦର ଗ୍ରାମର ପ୍ରତିମା ଧଙ୍ଗ ଓ ଯଦୁମଣି ଧଙ୍ଗ ସୁପୁତ୍ର ସୁଧୀର ଗଳ୍ପ, କବିତା, ପ୍ରବନ୍ଧ, ଫିଚର୍, ଲଳିତ ନିବନ୍ଧ, ଅନୁବାଦ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରୁଥିବା ବେଳେ ମଞ୍ଚ, ଚଳଚ୍ଚିତ୍ର, ଟେଲିଫିଲ୍ମ ଆଦିରେ ଅଭିନୟ ସହ ଦୂରଦର୍ଶନ ଓ ଆକାଶବାଣୀରେ ଉପସ୍ଥାପନା କରି ଲୋକପ୍ରିୟ ହୋଇଛନ୍ତି। ସଂପ୍ରତି ସେ ଶିକ୍ଷା ବିଭାଗରେ ସିଆରସିସି ଭାବେ କାର୍ଯ୍ୟରତ ଅଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ କଥାକାର କିଶୋରୀ ଚରଣ ଦାସଙ୍କ ସ୍ମୃତିରେ ୪୦ ବର୍ଷରୁ କମ ଯୁବ ଲେଖକମାନଙ୍କ ଦ୍ୱାରା ରଚିତ ଗଳ୍ପ, ଉପନ୍ୟାସ ପୁସ୍ତକ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଆସନ୍ତା ମାର୍ଚ୍ଚ ୧ ତାରିଖ ସନ୍ଧ୍ୟାରେ କଟକ ଶତାବ୍ଦୀ ଭବନଠାରେ କିଶୋରୀ ଚରଣ ଜନ୍ମ ଶତବାର୍ଷିକୀ ସମାରୋହରେ ଧଙ୍ଗଡ଼ାମାଝିଙ୍କୁ ପୁରସ୍କୃତ କରାଯିବ ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।



ସୁଧୀର ଧଙ୍ଗଡାମାଝି।

# ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଭବାନୀପାଟଣା/ଜୁନାଗଡ଼,୧୯।୨ (ଉତ୍ତମ କୁମାର ଦାଶ/ ସୁନୀଲ କୁମାର ସିଂହ)

ରାଜ୍ୟ ସଂଘ ଆହ୍ୱାନ କ୍ରମେ କଳାହାଣ୍ଡି ଜିଲା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ସୋମବାର ୬ ଦଫା ଦାବି ନେଇ ସ୍ଥାନୀୟ ତହସିଲ ସମ୍ମୁଖରେ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। ଏଥିରେ ରାଜସ୍ୱ ବିଭାଗର ଆରଏସ୍, ଆରଆଇ ଓ ଏଆରଆଇ ସାମିଲ ହୋଇଛନ୍ତି। ୬ ଦଫା ଗୁଡିକରେ ଓଡିଆରଏସ୍ କ୍ୟାଡର ପୁର୍ନଗଠନ, ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ବେତନ ସଞ୍ଚନାରେ ପରବର୍ତ୍ତୀ ସ୍ତରକୁ ଯଥା ଓଆରଏସପିର ସ୍ତର-ବି (ସେଲ-୧) ଓ ୯୦% ରାଜସ୍ୱ ନିରୀକ୍ଷକ ପଦବୀ ପଦୋନ୍ନତି ଭାବେ ସ୍ଥିର କରାଯାଉ, ରାଜସ୍ୱ ସୁପରଭାଇଜର ପଦର ନାମକରଣ ଅତିରିକ୍ତ ତହସିଲଦାରଙ୍କୁ ପରିବର୍ତ୍ତନ କରାଯାଇ ତଦନୁସାରେ ୩.୧ ରାଜସ୍ୱ ମଣ୍ଡଳରେ ତହସିଲଗୁଡିକରେ ନିଯୁକ୍ତି କରାଯାଉ, ଓଏଏସ୍ ପାଇଁ ୨୫% ପଦବୀ ଯୋଗ୍ୟ ରାଜସ୍ୱ ସୁପରଭାଇଜର (ପ୍ରସ୍ତାବିତ ଅତିରିକ୍ତ ତହସିଲଦାର)ଙ୍କ ଦରମା ସେବା କାର୍ଯ୍ୟକାଳ ଓ ପଦୋନ୍ନତି ପାଇଁ ସଂରକ୍ଷିତ ରଖାଯାଉ ଦାବି ରହିଛି। ସରକାର ଦାବିଗୁଡିକୁ ସମାଧାନ ନ କଲା ଯାଏଁ ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। କଳାହାଣ୍ଡି ତହସିଲ କାର୍ଯ୍ୟାଳୟ ଓ ଜୁନାଗଡ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୬ ଦଫା ଦାବି ନେଇ ରାଜସ୍ୱ ବିଭାଗର ଆରଏସ୍, ଆରଆଇ ଓ ଏଆରଆଇ ସାମିଲ ହୋଇ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳିଛି।




ଜୁନାଗଡ ତହସିଲ ସମ୍ମୁଖରେ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ସଂଘର ଆନ୍ଦୋଳନ।

# ବରଗଡ଼ରେ ହେବ ମେଡ଼ିକାଲ କଲେଜ

ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ଏକ ମେଡ଼ିକାଲ କଲେଜ ସ୍ଥାପନ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଥିବା ସୂଚନା ମିଳିଛି। ଜିଲାର ଭଟଲି ତହସିଲ ଅନ୍ତର୍ଗତ ଟୁକୁର୍ଲା ମୌଜାରେ ରହିଥିବା ୫ଏକର ଜମିରେ ଏହି ମେଡ଼ିକାଲ କଲେଜ ସ୍ଥାପନ ହେବ। ଏଥିପାଇଁ ଜାଗା ଚିହ୍ନଟ ହୋଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗକୁ ଚିହ୍ନିତ ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ମଙ୍ଗଳବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି କଲେକ୍ଟର (ରାଜସ୍ୱ ବିଭାଗ) ପତ୍ରସଂଖ୍ୟା-୨୯୭୪ ତା-୧୯।୨।୨୦୨୪ରିଖରେ ଭଟଲି ତହସିଲଦାରଙ୍କୁ ବିହିତ ପଦକ୍ଷେପ ନେବା ପାଇଁ ଚିଠି ଲେଖିଥିବା ଜଣାପଡ଼ିଛି ।

# ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନରେ ରାଜସ୍ୱ କ୍ଷେତ୍ର ଅଧିକାରୀ

- ତହସିଲ ଅଫିସ ଆଗରେ ଧାରଣା
- ରାଜସ୍ୱ ବିଭାଗ କାର୍ଯ୍ୟ ପ୍ରଭାବିତ

ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)

ରାଜ୍ୟରେ କାର୍ଯ୍ୟରତ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରିଆସୁଥିବା ଅଭିଯୋଗ ହୋଇଛି। ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ଦୀର୍ଘଦିନ ହେଲା ୬ଦଫା ଦାବି କରିଆସୁଛନ୍ତି । ମାତ୍ର ସେମାନଙ୍କ ଦାବି ସମୂହ ପୂରଣ ହୋଇ ନ ଥିବା ଯୋଗୁ ମଙ୍ଗଳବାରଠାରୁ ସେମାନେ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି କ୍ରମରେ ବରଗଡ଼ ଜିଲାରେ କାର୍ଯ୍ୟରତ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ କାର୍ଯ୍ୟବନ୍ଦ ସହିତ ଜିଲାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । କ୍ଷେତ୍ର ଅଧିକାରୀଙ୍କ ଏଭଳି ଆନ୍ଦୋଳନ ଯୋଗୁ ଜିଲାରେ ରାଜସ୍ୱ ବିଭାଗରେ କାର୍ଯ୍ୟ ପ୍ରଭାବିତ ହୋଇଛି ।



ଗାଇସିଲେଟ ତହସିଲ ଆଗରେ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଧାରଣା ।

ଓଡ଼ିଆରଏସ୍ ନିୟମ ୧୯୮୩ରେ ଆବଶ୍ୟକ ସଂଶୋଧନ ମାଧ୍ୟମରେ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ, ରାଜସ୍ୱ ସୁପରଭାଇଜର ପଦର ନାମକରଣକୁ ଅତିରିକ୍ତ ତହସିଲଦାର ଭାବେ ପରିବର୍ତ୍ତନ, ଓଏଏସ୍ ପାଇଁ ୨୫ପ୍ରତିଶତ ପୋଷ୍ଟ ପଦୋନ୍ନତି ଯୋଗ୍ୟ ରାଜସ୍ୱ ସୁପରଭାଇଜରଙ୍କ ଦରମା, ସେବା, କାର୍ଯ୍ୟକାଳ ଏବଂ ରାଜସ୍ୱ ପ୍ରଶାସନର ଅଭିଜ୍ଞତା ଉପରେ ଆଧାର କରି ପଦୋନ୍ନତି ପାଇଁ ସଂରକ୍ଷିତ ରଖିବା, ଓଆରଏସ୍‌ରେ ପଦୋନ୍ନତି ପାଇଁ ସିସିଆର ମାନଦଣ୍ଡକୁ ବିଲୋପ କରିବା, ୨୦୦୬ ଜାନୁୟାରୀ ପହିଲାରୁ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଏବଂ ରାଜସ୍ୱ ସୁପରଭାଇଜରଙ୍କ ବେତନ ବର୍ଦ୍ଧିତ ସ୍କେଲରେ ଧାର୍ଯ୍ୟ କରାଯିବା, ଆଉଟସୋର୍ସିଂ ମାଧ୍ୟମରେ ରାଜସ୍ୱ ନିରୀକ୍ଷକ ମଣ୍ଡଳ ପାଇଁ ଗ୍ରୁପ୍-ଡି ପୋଷ୍ଟ ପୂରଣ ଏବଂ କାର୍ଯ୍ୟସୂଚୀରେ ଆବଶ୍ୟକ ପରିବର୍ତ୍ତନ ପରେ କୃଷି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ କୃଷି ବିଭାକୁ ସ୍ଥାନାନ୍ତର ପାଇଁ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଦାବି କରିଆସୁଛି। ମାତ୍ର ସରକାର ସେ ଦିଗରେ କିଛି ପଦକ୍ଷେପ ନେଇ ନ ଥିବା ଅଭିଯୋଗ କରି ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛି। ବରଗଡ଼ ଜିଲାରେ ସଂଘର ଜିଲା ସଭାପତି ଲୋକନାଥ ଭୋଇ, ସମ୍ପାଦକ ନରୋତ୍ତମ ପଣ୍ଡା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସେହିପରି ଜିଲାର ବରପାଲି, ଗାଇସିଲେଟ୍, ଭଟଲି, ବିଜେପୁର ତହସିଲ ସମ୍ମୁଖରେ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ଧାରଣାରେ ବସିଛନ୍ତି।

# ଆଜି ବରଗଡ଼ ଆସୁଛନ୍ତି ମୁଖ୍ୟମନ୍ତ୍ରୀ

ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ବରଗଡ଼ ଗସ୍ତରେ ଆସୁଥିବା ସୂଚନା ମିଳିଛି। ତାଙ୍କ ଏହି ଗସ୍ତରେ ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନ ୧୨ଟାରେ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ, ବରଗଡ଼ କ୍ୟାନ୍ସର ହସ୍ପିଟାଲ, ନୃସିଂହନାଥ ରୂପାନ୍ତରୀକରଣ ପ୍ରକଳ୍ପର ଉଦ୍‌ଘାଟନ ଏବଂ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ମିନିଟରେ ନବୀନ ନିବାସରୁ ବାହାରି ୧୦ଟା ୩୫ମିନିଟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ପୂର୍ବାହ୍ନ ୧୦ଟା ୪୦ମିନିଟ୍‌ରେ ସୁପର କିଙ୍ଗ୍ ଏୟାର ବି ୨୦୦ ଭିଟି-ଇଏଚ୍‌ବି ଏୟାରକ୍ରାଫ୍ଟ ଯୋଗେ ପଦ୍ମପୁର ସତୀଭଟା ଏୟାରଷ୍ଟ୍ରିପ୍ ଅଭିମୁଖେ ଆସିବେ। ପୂର୍ବାହ୍ନ ୧୧ଟା ୩୦ମିନିଟ୍‌ରେ ସତୀଭଟା ଏୟାରଷ୍ଟ୍ରିପ୍‌ରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଅନ୍ୟ ଏକ ହେଲିକପ୍ଟର ଅଗଷ୍ଟା ୧୦୯ ଭିଟି-ଓଏସଏଚ୍ ଯୋଗେ ପୂର୍ବାହ୍ନ ୧୧ଟା ୩୫ମିନିଟ୍‌ରେ ବିଜେପୁର ବ୍ଲକ କନାପାଲି ପମ୍ପ ହାଉସ ନିକଟରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌କୁ ଯିବେ। ଉକ୍ତ ହେଲିପ୍ୟାଡ୍‌ରେ ସେ ୧୧ଟା ୫୫ମିନିଟ୍‌ରେ ପହଞ୍ଚିବେ ଏବଂ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପର ପମ୍ପ ହାଉସ ପରିଦର୍ଶନ ସହିତ ଉକ୍ତ ପ୍ରକଳ୍ପର ଡେମୋନଷ୍ଟ୍ରେଶନ ଦେଖିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ନିକଟସ୍ଥ ବିଜେପୁର ଷ୍ଟାଡ଼ିୟମ କାର୍ଯ୍ୟକ୍ରମ ସ୍ଥଳୀକୁ ଯାଇ ମଧ୍ୟାହ୍ନ ୧୨ଟାରେ ମୁଖ୍ୟମନ୍ତ୍ରୀ ଉକ୍ତ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ କରି ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେବେ। କାର୍ଯ୍ୟକ୍ରମ ସରିବା ପରେ ଅପରାହ୍ନ ୧୨ଟା ୨୭ମିନିଟରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ସତୀଭଟା ଏୟାରଷ୍ଟ୍ରିପ୍‌କୁ ଯିବେ ଏବଂ ସେଠାରୁ ପୁଣି ଅପରାହ୍ନ ୧୨ଟା ୫୫ମିନିଟ୍‌ରେ ଏୟାରକ୍ରାଫ୍ଟ ଯୋଗେ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ରହିଛି।

# ସୋହେଲାରେ ପରୀକ୍ଷା ଦେବେ ୧୫୬୮ ଛାତ୍ରୀଛାତ୍ର

ସୋହେଲା,୧୯।୨( ଅଶ୍ୱିନୀ ପାତ୍ର)

ଆଜିଠାରୁ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ସୋହେଲା ବ୍ଲକରେ ଚଳିତବର୍ଷ ମୋଟ ୧୫୬୮ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ବ୍ଲକର ୮ଟି କେନ୍ଦ୍ରରେ ପରୀକ୍ଷା ବ୍ୟବସ୍ଥା କରାଯାଇଛି। ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ହବ୍ କରାଯାଇଛି। ଗ୍ରାମ ପଞ୍ଚାୟତ ହାଇସ୍କୁଲ ପେଟୁପାଲିରେ ୨୧୮, ଘେଁସ ହାଇସ୍କୁଲରେ ୧୯୨, ସୋହେଲା ବାଳିକା ହାଇସ୍କୁଲରେ ୨୩୩, ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୩୯, ଦଶମାଇଲ ସେବାଶ୍ରମ ହାଇସ୍କୁଲରେ ୧୬୪, ଗ୍ରିଞ୍ଜାଲ ହାଇସ୍କୁଲରେ ୨୦୦, ଚିଚିଣ୍ଡା ହାଇସ୍କୁଲରେ ୧୪୦, ତବଡ଼ା ହାଇସ୍କୁଲରେ ୧୩୨ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜଣା ପଡ଼ିଛି।

# ପଦ୍ମଶ୍ରୀ ସାଧୁ ମେହେରଙ୍କ ଶ୍ରଦ୍ଧାଞ୍ଜଳି ସଭା

ବରପାଲି,୧୯।୨(ଚିତ୍ତରଞ୍ଜନ ସାହୁ)

ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ, ପ୍ରଯୋଜକ ତଥା ବର୍ଷୀୟାନ ଅଭିନେତା ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କ ଏକ ଶ୍ରଦ୍ଧାଞ୍ଜଳି ସଭା ପୁନେ ସ୍ଥିତ ଜୁନିୟର ଷ୍ଟାଫ କ୍ଲବ ଖଡ଼କିଠାରେ ବିସିଏ ଭେଟଘାଟ କଲଚୁରାଲ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିସିଏର ସଭ୍ୟାସଭ୍ୟ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ। ସଭ୍ୟ ଜିତେନ୍ଦ୍ର ମିଶ୍ର ସ୍ୱର୍ଗତ ମେହେରଙ୍କ ସ୍ମୃତିଚାରଣ କରିଥିଲେ। ସଂଘ ସଭାପତି ହେମସାଗର ସାହୁ ଓ ସଙ୍ଗୀତ ବିଶାରଦ ରାଜଶ୍ରୀ ହୋତା ତାଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦିବ୍ୟ କିଶୋର ବକ୍ସି, ରାଜେନ୍ଦ୍ର ନାୟକ, ଜିତେନ୍ଦ୍ର ମିଶ୍ର, ଜ୍ୟୋତିରଞ୍ଜନ ପୂଜାରୀ, ସୁଶାନ୍ତ ସାହୁ, ଅର୍ଜୁନ ଗୁରୁ, ଅଭିରାମ ମିଶ୍ର, ଉପେନ୍ଦ୍ର ତ୍ରିପାଠୀ, ଅଭିନବ ଯୋଶୀ, ସ୍ନେହାପ୍ରଭା ବକ୍ସି, ମନୀଷା ପାଣିଗ୍ରାହୀ, ସସ୍ମିତା ସାହୁ, ଲିକିତା ସାହୁ, ପ୍ରତ୍ୟୁଷା ଗୁରୁ ଏବଂ ଓ କେ.ସି. ହୋତା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ସଭ୍ୟାସଭ୍ୟ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚିନିକଳ କର୍ମଚାରୀ ସଂଘର ଧାରଣା ।

# ବଢୁଛି ସମର୍ଥନ, ପ୍ରଶାସନର ଅଣଦେଖା

## ଚିନିକଳ କର୍ମଚାରୀ ସଂଘର ଧାରଣା

- ଧାରଣାସ୍ଥଳରେ ଜଣେ ଗୁରୁତର
- ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି

ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସମବାୟ ଚିନିକଳକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରିଦେଲେ। ବନ୍ଦ ଘୋଷଣାକୁ ୪ମାସ ବିତିଯାଇଛି। ମାତ୍ର ଏପର୍ଯ୍ୟନ୍ତ ଚିନିକଳରେ କାର୍ଯ୍ୟରତ କର୍ମଚାରୀଙ୍କୁ ଦୀର୍ଘ ୭୪ମାସର ଦରମା ମିଳିନାହିଁ। ଏଭଳି ଅଭିଯୋଗ କରି ଗତ ୭ତାରିଖରୁ କର୍ମଚାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଧାରଣାରେ ବସୁଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କୁ ବକେୟା ଦରମା ମିଳିବା ତ ଦୂରର କଥା, ଧାରଣାସ୍ଥଳକୁ ଆଲୋଚନା ପାଇଁ ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ଧାରଣା ଚାଲିଥିବାବେଳେ ସୋମବାର ସଂଘର ସଦସ୍ୟ ଉଦ୍ଧବ ସାହୁ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ଅନ୍ୟପକ୍ଷେ ପ୍ରଶାସନ ଅଣଦେଖା କରୁଥିଲେ ମଧ୍ୟ ଚିନିକଳ କର୍ମଚାରୀଙ୍କ ଧାରଣାକୁ ଜନସମର୍ଥନ ବଢ଼ିବାରେ ଲାଗିଛି। ସୋମବାର ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, ସମଲେଶ୍ୱରୀ ସଂଘ ସଭାପତି ସମୀର ପ୍ରଧାନ, ସୋସିଆଲ କ୍ଲବର ସଭାପତି ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରୀ, ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଭବାନୀ ସାହୁ, କୋଶଲ ମଜଦୁର ସଂଘର ପ୍ରତିଷ୍ଠାତା ନନ୍ଦନ ମହାନନ୍ଦ, ସଙ୍ଗଠନର ଅନ୍ୟ କର୍ମକର୍ତ୍ତା, ସଭ୍ୟଙ୍କ ସହିତ ପହଞ୍ଚି ସମର୍ଥନ ଜଣାଇଥିଲେ। ସେହିପରି ବରିଷ୍ଠ ନାଗରିକ ସଂଘ, କର୍ମଚାରୀ ସୁରକ୍ଷା ମଞ୍ଚ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଧାରଣାସ୍ଥଳକୁ ଯାଇ ସମର୍ଥନ କରିଥିଲେ । ଗୋଟିଏ ପଟେ ଧାରଣାକୁ ସମର୍ଥନ ବଢ଼ିଚାଲିଥିବାବେଳେ ଅନ୍ୟପଟେ ସେଥିପ୍ରତି ପ୍ରଶାସନ ଆଖିବୁଜି ଦେଇଥିବା ଯୋଗୁ ଅସନ୍ତୋଷ ତେଜିବାରେ ଲାଗିଛି। ବକେୟା ଦରମା ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ଏବଂ ଆବଶ୍ୟକ ହେଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଘର ସାଧାରଣ ସମ୍ପାଦକ ସୁବ୍ରତ ସାହୁ ଚେତାବନୀ ଦେଇଛନ୍ତି। ଧାରଣାରେ ସଂଘର ଅନ୍ୟ କର୍ମକର୍ତ୍ତା ଏବଂ ଶତାଧିକ ସଭ୍ୟ ସାମିଲ ହୋଇଛନ୍ତି।

# ଭଗବାନ ମିଶ୍ରଙ୍କ ଜୟନ୍ତୀ ସମାରୋହ

ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଭଗବାନ ମିଶ୍ର ସ୍ମୃତି ସମିତି ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍, ସମାଜ ସଂସ୍କାରକ ସ୍ୱର୍ଗତ ଭଗବାନ ମିଶ୍ରଙ୍କ ୮୮ତମ ଜୟନ୍ତୀ ସମାରୋହ ପାଳିତ ହୋଇଛି। ସମିତି ସଭାପତି ସର୍ଦ୍ଦାର ପ୍ରୀତମ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝି ମୁଖ୍ୟ ଅତିଥି ଏବଂ ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ନନ୍ଦିଘୋଷ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସଂସ୍କୃତିରେ ଗୁରୁଙ୍କ ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଦେଶର ବିକାଶ ପାଇଁ ଭାରତୀୟ ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବାକୁ ହେବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷକ, ସାହିତ୍ୟିକ ବଡ଼ଦର୍ଲିପାଲି(ରୁଚିଦା)ର ବିପିନ ବିହାରୀ ବେହେରାଙ୍କୁ ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। ସମ୍ପାଦକ ପ୍ରାଧ୍ୟାପକ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ ବିବରଣୀ ପାଠ କରିଥିଲେ। ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। କାମିନୀ ଦାଶ, ଖୁସବୁ ଶର୍ମା, ମୁଗ୍ଧା ଦାଶ ଗୁରୁ ବନ୍ଦନା ଗାନ କରିଥିଲେ । ସେହିପରି ଜୟନ୍ତୀ ଅବସରରେ ପୂର୍ବରୁ ଅନୁଷ୍ଠିତ ଜିଲାସ୍ତରୀୟ ହିନ୍ଦୀ ପ୍ରତିଯୋଗିତାର ୩୬ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହିତ ଗତବର୍ଷ ମାଟ୍ରିକ ପରୀକ୍ଷାରେ ଜିଲାରେ ସର୍ବାଧିକ ମାର୍କ ରଖିଥିବା ଏବଂ ପ୍ରତ୍ୟେକ ବିଷୟରେ ସର୍ବାଧିକ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ମେଧା ପୁରସ୍କାର ପ୍ରଦାନ କରାଯାଇଥିଲା। ଉପସଭାପତି କମଳ ଯୋଶୀ, ସହ ସମ୍ପାଦକ ବିନୋଦ ସାହୁ, ମନୋରମା ଷଡ଼ଙ୍ଗୀ, ଅଭିମନ୍ୟୁ ଭୋସାଗର, ମିନାକ୍ଷୀ ଦାଶ, ଗୋପାଳ ଷଡ଼ଙ୍ଗୀ, ପ୍ରଦୀପ୍ତଭାନୁ ମହାନ୍ତି, ଜଗଦୀଶ ସୈନ, ରାମକୃଷ୍ଣ ଠାକୁର, ନୀଳାମ୍ବର ମେହେର ପ୍ରମୁଖ ସହଯୋଗ କରିଥିଲେ।



ଜୟନ୍ତୀ ସମାରୋହରେ ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଉଛି ।

# ଜଙ୍ଗଲ ନିଆଁ ନିରାକରଣ ସଚେତନତା କାର୍ଯ୍ୟକ୍ରମ

ପଦ୍ମପୁର,୧୯।୨(ପ୍ରଦୀପ୍ତ ଦାଶ)

ବରଗଡ ବନଖଣ୍ଡ ପଦ୍ମପୁର ବନାଞ୍ଚଳ ତରଫରୁ ରାଜବୋରାସମ୍ବର ବ୍ଲକ ଜମରତଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ଜମରତଳା ସରପଞ୍ଚ ବିଦ୍ଯୁ ଭୂଷଣ ଚାନ୍ଦ, ମୁଖ୍ୟ ବକ୍ତା ଜିଲା ପରିବେଶ ସୁରକ୍ଷା ମଞ୍ଚ ବରଗଡ଼ ସମ୍ପାଦକ ପ୍ରକୃତି ବନ୍ଧୁ ମୀନକେତନ ସାହୁ, ସମ୍ମାନୀତ ଅତିଥି ରାଜବୋରାସମ୍ବର୍ ବ୍ଲକ ଉପାଧ୍ୟକ୍ଷା ସଂଯୁକ୍ତା ଚାନ୍ଦ, ଜିଲା ପରିଷଦ ସଭ୍ୟ ମକରଧ୍ୱଜ ବଗାର, ଜମରତଳା ବନ ସୁରକ୍ଷା ସମିତି ସଭାପତି ପ୍ରଦୀପ ପଣ୍ଡା,ଜୟନ୍ତ ସେଠ୍ ପ୍ରମୁଖ ଅଂଶଗ୍ରହଣ କରି ଜଙ୍ଗଲ ନିଆଁ ନିରାକରଣ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ରାଜକୁମାର ସାହୁଙ୍କ ନିର୍ଦ୍ଦେଶନାରେ ସଚେତନ ହେମା ନାଟ୍ୟ ସଂସଦ ଢୋଲବନ୍ଧ ତରଫରୁ ଜଙ୍ଗଲ ନିଆଁ ନିରାକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ମାକଡ ବିହା ପ୍ରଦର୍ଶିତ କରାଯାଇଥିଲା। ଶିବିରରେ ପଦ୍ମପୁର ବନାଞ୍ଚଳର ବିଭିନ୍ନ ବନ ସୁରକ୍ଷା ସମିତିର ସଭାପତି,କର୍ମକର୍ତ୍ତା,ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା,ଏମବିକେ, ସିଆରପି,ସମସ୍ତ ଫରେଷ୍ଟର,ଫରେଷ୍ଟ ଗାର୍ଡ଼, ଗଜ ସାଥି, ଅନ୍ୟାନ୍ୟ ଫରେଷ୍ଟ କର୍ମଚାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଆମ ଜଙ୍ଗଲ ଯୋଜନା ଟିମ୍ ଲିଡର ପ୍ରକାଶ ଚନ୍ଦ୍ର ହୋତା ସଂଯୋଜନା କରିଥିବା ବେଳେ ଫରେଷ୍ଟର ଅଶ୍ୱିନୀ କୁମାର ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହାପରେ ପଦ୍ମପୁର ବନାଞ୍ଚଳ ର ଜୟପୁର ଠାରେ ପୁଣି ବନ କର୍ମଚାରୀଙ୍କ ସହାୟତାରେ ଆମେ ସଚେତନ ହେମା ନାଟ୍ୟ ସଂସଦ ତରଫରୁ ସଚେତନତା କାର୍ଯ୍ୟକ୍ରମ ମାକଡ ବିହା ପ୍ରଦର୍ଶିତ ହୋଇଥିଲା।



ପଦ୍ମପୁର ଜଙ୍ଗଲ ବିଭାଗ ପକ୍ଷରୁ ସଚେତନ କରାଯାଉଛି।

# ଆଇଆଇଟି-ଜେଇଇରେ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)



ଅରିନ ସତ୍ୟମ ସାଇ ପ୍ରତୀକ ପ୍ରିୟଙ୍କା



ବିପ୍ରାଂଶୁ ମନିଷା ଖୁସି

ଆଇଆଇଟି-ଜେଇଇ(ମେନ୍) ସେଲ-୧ ପ୍ରବେଶିକା ପରୀକ୍ଷାରେ ବରଗଡ଼ କ୍ରୀଷ୍ଣା ଆବାସିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଫଳତା ଅର୍ଜନ କରିଛନ୍ତି। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ସୂଚନା ଦେଇଛନ୍ତି, ବରଗଡ଼ କ୍ରୀଷ୍ଣା ବିକାଶର ୬ଛାତ୍ରୀଛାତ୍ର ୯୮ପ୍ରତିଶତରୁ ଉର୍ଦ୍ଧ୍ୱ, ୧୪ଛାତ୍ରୀଛାତ୍ର ୯୭ପ୍ରତିଶତରୁ ଉର୍ଦ୍ଧ୍ୱ, ୨୩ଛାତ୍ରୀଛାତ୍ର ୯୫ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ୯୨ଛାତ୍ରୀଛାତ୍ର ୨୦୨୩ ଜେଇଇର ନିର୍ଦ୍ଧାରିତ କଟ୍‌ଅଫ୍ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। କ୍ରୀଷ୍ଣା ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ (ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି ପରୀକ୍ଷାଫଳ ଉପରେ ସୂଚନା ଦେଇ କହିଛନ୍ତି, ପ୍ରତୀକ ୯୮.୮୪, ପ୍ରିୟଙ୍କା ୯୮.୮୩, ଅରିନ ୯୮.୫୧, ବିପ୍ରାଂଶୁ ୯୮.୩୫, ମନୀଷା ୯୮.୧୨, ଖୁସି ୯୮.୧୧, ସୌମ୍ୟା ୯୭.୯୪, ଶୁଭାଶିଷ ୯୭.୯୨, ସତ୍ୟମ ସାଇ ୯୭.୯୧, ରିତେଶ ୯୭.୭୩, ଅରମାନ ୯୭.୨୩, ପ୍ରୀତିଦେବ ୯୭.୨୦, ପୋଲସ୍ତ୍ୟ ୯୭.୧୧, ମଧୁସୂଦନ ୯୭.୦୯ ପ୍ରତିଶତ ମାର୍କ ରଖି ତାଲିକାର ଶ୍ରେଷ୍ଠରେ ରହିଛନ୍ତି । ପଦାର୍ଥ ବିଜ୍ଞାନରେ ଅରିନ ଶତ ପ୍ରତିଶତ, ଖୁସି ୯୯.୮୯, ସୌମ୍ୟା ୯୯.୬୯, ପୋଲସ୍ତ୍ୟ ୯୯.୪୫, ଅରମାନ ୯୯.୩୭, ପ୍ରତୀକ ୯୯.୩୩, ପ୍ରିୟଦର୍ଶନ ୯୯.୨୧ ରଖି ସଫଳ ହୋଇଛନ୍ତି । ରସାୟନ ବିଜ୍ଞାନରେ ସତ୍ୟମ ସାଇ ଶତ ପ୍ରତିଶତ, ଅରିନ ୯୯.୯୪, ଓଜସ୍ୱୀ ୯୯.୮୨, ବିପ୍ରାଂଶୁ ୯୯.୮୨, ହର୍ଷିତା ୯୯.୫୯, ମନୀଷା ୯୯.୪୮, ଚିନ୍ମୟାନନ୍ଦ ୯୯.୪୭, ପ୍ରତୀକ ୯୯.୪୧, ଶୁଭାଶିଷ ୯୯.୩୭, ଅରମାନ ୯୯.୩୭ ପ୍ରତିଶତ ମାର୍କ ରଖିଛନ୍ତି । ବିକାଶରେ ଚାଲିଥିବା ସେଣ୍ଟ୍ରାଲାଇଜଡ୍ ଏଣ୍ଟ୍ରାନ୍ସ ଏକାଡ଼େମୀର ପାଠ୍ୟକ୍ରମ ଯୋଗୁ ଛାତ୍ରୀଛାତ୍ରଙ୍କୁ ଏଭଳି ସଫଳତା ମିଳିଛି ବୋଲି କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ମତବ୍ୟକ୍ତ କରିଛନ୍ତି। କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟ(ସିନିୟର ସେକେଣ୍ଡାରୀ) ଅଧ୍ୟକ୍ଷ ପତି, ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକଙ୍କୁ ଏହାର ଶ୍ରେୟ ଦେଇଛନ୍ତି । ଆଗାମୀ ଦିନରେ ହେବାକୁ ଜେଇଇ ମେନ ସେଲ-୨, ଆଇଆଇଟି ଜେଇଇ ଏଡ଼ଭାନ୍ସଡ୍, ଏନ୍‌ଟିଏ-ନିଟ୍(ମେଡ଼ିକାଲ), ସିୟୁଇଟି, ସିଏ, ଏଡ଼ିଏ, ବୋର୍ଡ ପରୀକ୍ଷାରେ ମଧ୍ୟ ଛାତ୍ରୀଛାତ୍ର ଏଭଳି ସଫଳତା ଆଣିବେ ବୋଲି ଚେୟାରମ୍ୟାନ କ୍ରୀଷ୍ଣା ଆଶାପୋଷଣ କରିଛନ୍ତି । କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# କଣ୍ଟାବାଞ୍ଜି ବିଧାୟକଙ୍କୁ ହତ୍ୟା ଧମକ

- ଲାଗିଛି ଧମକପୂର୍ଣ୍ଣ ବ୍ୟାନର
- ବ୍ୟାନରରେ ଜଣେ ଯୁବକଙ୍କ ଫଟୋ ରହିଛି
- ହତ୍ୟାଧମକ ପରେ କଣ୍ଟାବାଞ୍ଜିରେ ତୀବ୍ର ପ୍ରତିକ୍ରିୟା
- ଥାନାରେ ଅଭିଯୋଗ, ମଙ୍ଗଳବାର କଣ୍ଟାବାଞ୍ଜି ବନ୍ଦ ଡାକରା
- ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରାଯିବ: ଏସ୍‌ଡିପିଓ

ବଲାଙ୍ଗୀର,୧୯।୨
(ବୀରେନ୍ଦ୍ର କୁମାର ଝାଙ୍କର)

କଣ୍ଟାବାଞ୍ଜି ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜାଙ୍କୁ ହତ୍ୟା ଧମକ ଦିଆଯାଇ କଣ୍ଟାବାଞ୍ଜି ସହରାଞ୍ଚଳର ଦୁଇଟି ସ୍ଥାନରେ ସୋମବାର ସକାଳେ ଦୁଇଟି ବ୍ୟାନର ଲଗାଯାଇଥିବା ଦେଖିବାକୁ ମିଳିଥିଲା। ଉକ୍ତ ବ୍ୟାନରରେ ୧୫ ଦିନ ମଧ୍ୟରେ ବିଧାୟକ ସାଲୁଜାଙ୍କୁ ମାରି ଦେମି ବୋଲି ଲେଖାଯାଇଛି। ବ୍ୟାନରରେ ଜଣେ ଯୁବକଙ୍କ ଫଟୋ ମଧ୍ୟ ଲଗାଯାଇଛି। ଏଭଳି ଏକ ବ୍ୟାନର ସହରର ଦୁଇଟି ସ୍ଥାନରେ ଲଗାଯିବା ଖବର ପ୍ରଚାରିତ ହେବା ପରେ ଚାଞ୍ଚଲ୍ୟ ଖେଳି ଯାଇଥିଲା। କିଏ ଓ କେଉଁ ଉଦ୍ଦେଶ୍ୟରେ ନିର୍ବାଚନ ପୂର୍ବରୁ ଏଭଳି ବ୍ୟାନର ଲଗାଇଛି ତାହା ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାକୁ ନେଇ ଭୁବନେଶ୍ୱରରେ ଥିବା ବିଧାୟକ ସାଲୁଜା ମଧ୍ୟ ଚିନ୍ତା ପ୍ରକଟ କରିଥିଲେ। ଅପରାହ୍ଣରେ କଣ୍ଟାବାଞ୍ଜି ନଗରପାଳ ବରିୟମ୍ ସିଂ ସାଲୁଜା, ଉପନଗରପାଳ, କାଉନସିଲର ଓ ନେତାଙ୍କ ସହ ଥାନାକୁ ଯାଇ ଅଭିଯୋଗ କରିଛନ୍ତି। ଏହି ଘଟଣାର ପ୍ରତିବାଦରେ କଂଗ୍ରେସ କର୍ମୀ ଏବଂ କଣ୍ଟାବାଞ୍ଜି ଜନସାଧାରଣଙ୍କ ତରଫରୁ ମଙ୍ଗଳବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି।

ସୋମବାର ସକାଳୁ କଣ୍ଟାବାଞ୍ଜି ଗୋରୁବଜାର ନିକଟରେ ଏବଂ ସରକାରୀ ବାଳିକା ହାଇସ୍କୁଲ ନିକଟ ଏକ ଉଠା ଦୋକାନରେ ଦୁଇଟି ବ୍ୟାନର ଲଗାଯାଇଥିବା ଦେଖାଯାଇଥିଲା। ଉକ୍ତ ବ୍ୟାନରରେ ଏମ୍‌ଏଲଏ ସନ୍ତୋଷ ସିଂ ସଲୁଜା କେ ୧୫ ଦିନ ଭିତରେ ମୁଇଁ ମାରିଦେମିଁ ବୋଲି ଲେଖାଯାଇଛି। ଲେଖାଟି କୋଶଲୀ ଭାଷାରେ ଲେଖାଯାଇଛି। କେଶରୀ ରଙ୍ଗର ଗୋଟିଏ ବ୍ୟାନରରେ କଳା ସ୍ୟାହିରେ ଓ ଅନ୍ୟଟି ଧଳାରଙ୍ଗର ବ୍ୟାନରରେ ଲାଲ ସ୍ୟାହିରେ ଲେଖାଯାଇଛି। ବ୍ୟାନର ଉପରେ ଜଣେ ଅପରିଚିତ ଯୁବକଙ୍କ ଫଟୋ ଷ୍ଟାପଲରରେ ଲଗାଯାଇଥିଲା। କଣ୍ଟାବାଞ୍ଜି ଥାନା ପୋଲିସ ସମ୍ପୃକ୍ତ ବ୍ୟାନର ଓ ଫଟୋକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ଏସ୍‌ପି ରଷିକେଶ ଖିଲାରି କଣ୍ଟାବାଞ୍ଜି ପହଞ୍ଚି ତଦନ୍ତ ନିରୀକ୍ଷଣ କରିଛନ୍ତି। କଣ୍ଟାବାଞ୍ଜି ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ ଓ ଅନ୍ୟ ପୋଲିସ ଟିମ୍ ତଦନ୍ତ ଜୋରଦାର କରିଛନ୍ତି। ଘଟଣା ସମ୍ପର୍କରେ ବିଧାୟକ ସାଲୁଜା ଜାଣିବା ପରେ ଏସ୍‌ପି ଖିଲାରିଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ପୋଲିସ ଡିଜିଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଧାୟକ ସାଲୁଜା କରିଥିଲେ। ଅପରାହ୍ଣରେ ନଗରପାଳ ତଥା ବିଧାୟକଙ୍କ ସାନଭାଇ ବରିୟମ ସିଂ ସାଲୁଜା, ବିଧାୟକଙ୍କ ପୁଅ ତେଜି ସିଂ, ଉପନଗରପାଳ ମନୋରମା ରାଉତ, ନଗର କଂଗ୍ରେସ ସଭାପତି ଡମ୍ବରୁଧର ବେହେରା, କଂଗ୍ରେସ କାଉନସିଲର ବରିଷ୍ଠ ଆଡଭୋକେଟ ବିଷ୍ଣୁପ୍ରସାଦ ଶର୍ମା ଥାନାକୁ ଯାଇ ଅଭିଯୋଗ କରିଥିଲେ। ବ୍ୟାନର ଲଗାଯିବା ଘଟଣାକୁ ନେଇ ସହରରେ ଆତଙ୍କ ସୃଷ୍ଟି ହୋଇଥିବା ଦର୍ଶାଇବା ସହ ବିଧାୟକ ଓ ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସମସ୍ତଙ୍କ ସୁରକ୍ଷା ଦାବି କରିଛନ୍ତି। ପ୍ରାୟ ଅଢେଇ ବର୍ଷ ତଳେ ବିଧାୟକ ସାଲୁଜାଙ୍କୁ କଣ୍ଟାବାଞ୍ଜି ସହର ଉପକଣ୍ଠରେ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ ହୋଇଥିଲା ଓ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏବେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଚାର ପ୍ରସାର ଆରମ୍ଭ ହେବାକୁ ଥିବାବେଳେ ଏଭଳି ଧମକପୂର୍ଣ୍ଣ ବ୍ୟାନର ଲଗାଯିବା ଘଟଣା ସାଧାରଣରେ ଭୟସଞ୍ଚାର କରିଛି। ନିର୍ବାଚନକୁ ଆଖି ଆଗରେ ରଖି କେହି ଏଭଳି ଧମକପୂର୍ଣ୍ଣ ବ୍ୟାନର ଲଗାଇଛି ନା ଆଉ କେଉଁ କାରଣ ରହିଛି ତାକୁ ନେଇ ପୋଲିସ ତଦନ୍ତ କରୁଛି। ଏହା ସହିତ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ମାଓବାଦୀଙ୍କ ଗତିବିଧି ରହିଥିବାରୁ ସେଦିଗକୁ ମଧ୍ୟ ଚର୍ଚ୍ଚା କରାଯାଉଛି। ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି ବୋଲି ଏସ୍‌ଡିପିଓ ସାହୁ ଗଣମାଧ୍ୟମକୁ କହିଛନ୍ତି। ମଙ୍ଗଳବାର କଣ୍ଟାବାଞ୍ଜିର ସମସ୍ତ ଦୋକାନ ବଜାର ବନ୍ଦ କରାଯିବ ବୋଲି ନଗର କଂଗ୍ରେସ ପକ୍ଷରୁ ଡାକରା ଦିଆଯାଇଛି।


କଣ୍ଟାବାଞ୍ଜି ଏନ୍‌ଏସି ଅଧ୍ୟକ୍ଷ ଓ ଅନ୍ୟମାନେ ଥାନାରେ ଅଭିଯୋଗ କରୁଛନ୍ତି।



କଣ୍ଟାବାଞ୍ଜି ସହରରେ ଲଗାଯାଇଥିବା ଧମକପୂର୍ଣ୍ଣ ବ୍ୟାନର।

## ସଂକ୍ଷେପରେ

### ବାଇକ୍‌କୁ ଧକ୍କା ଦେଲା ଟ୍ରକ୍

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସାଲେଭାଟ ଅଙ୍ଗନଦୀ ପୋଲ ଉପରେ ଏକ ବାଇକକୁ ସାମନା ପଟରୁ ଏକ ଟ୍ରକ ସୋମବାର ଧକ୍କା ଦେଇଥିଲା। ଏଥିରେ ଡୁଙ୍ଗରିପାଲି ଥାନା ଟୁନିଆମୁଣ୍ଡା ଗ୍ରାମର ୩ଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମୁରାଚି ବଡେଇ(୩୮), ତାଙ୍କ ସ୍ତ୍ରୀ ସୁରେନ୍ଦ୍ରୀ ଏବଂ ନାବାଳକ ପୁଅ। ସେମାନଙ୍କୁ ନିକଟସ୍ଥ ଡୁଙ୍ଗରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଦୁର୍ଘଟଣା ପରେ ଟ୍ରକକୁ ନେଇ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଦୁର୍ଘଟଣା ଘଟାଇ ଥିବା ଟ୍ରକକୁ ଜବତ କରିଛି। ସୂଚନା ଅନୁଯାୟୀ, ସୁବର୍ଣ୍ଣପୁର ଜିଲା ଟୁନିଆମୁଣ୍ଡା ଗ୍ରାମର ମୁରାଚି ଏବଂ ତାଙ୍କ ପରିବାର ଲୋଇସିଂହା ଥାନା ବଘାପାଲି ଗ୍ରାମର ସମ୍ପର୍କୀୟଙ୍କ ଘରକୁ ଅନ୍ନପ୍ରସନ୍ନ ଉତ୍ସବରେ ଯୋଗଦେବା ପାଇଁ ଯାଉଥିଲେ। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ସାଲେଭାଟ ଅଙ୍ଗନଦୀ ପୋଲ ଉପରେ ସମନା ପଟରୁ ଆସୁଥିବା ଏକ ଟ୍ରକ ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା।

### ଲୋଇସିଂହା ବ୍ଲକ: ୭ କେନ୍ଦ୍ରରେ ୧୦୪୧ ପରୀକ୍ଷାର୍ଥୀ

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତବର୍ଷର ମାଟ୍ରିକ ବୋର୍ଡ ପରୀକ୍ଷା ୨୦ତାରିଖଠାରୁ ଆରମ୍ଭ ହେବ। ଲୋଇସିଂହା ବ୍ଲକର ୭ଟି କେନ୍ଦ୍ରରେ ମୋଟ ୧୦୪୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବ୍ଲକ ଶିକ୍ଷା ବିଭାଗ ସୂତ୍ରରୁ ଜଣାଯାଇଛି। ଲୋଇସିଂହା ବାଳିକା ହାଇସ୍କୁଲ କେନ୍ଦ୍ରରେ ୧୫୯ ଜଣ, ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରେ ୨୩୭, ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲରେ ୧୨୩, ଝାରମୁଣ୍ଡା ଅଞ୍ଚଳ ହାଇସ୍କୁଲରେ ୧୩୯, କୁଶଙ୍ଗ ପଞ୍ଚାୟତ ହାଇସ୍କୁଲରେ ୧୩୨, ସରଗାଡ ଲାଲବାହାଦୁର ହାଇସ୍କୁଲରେ ୧୪୧ ଏବଂ କୁଟୁରାପାଲି ପଞ୍ଚାୟତ ହାଇସ୍କୁଲରେ ୧୧୦ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଲୋଇସିଂହା ବାଳିକା ହାଇସ୍କୁଲ ହବ ସେଣ୍ଟରୁ ସମସ୍ତ କେନ୍ଦ୍ରକୁ ନିର୍ଦ୍ଧାରିତ ସମୟରେ ପ୍ରଶ୍ନପତ୍ର ଯୋଗାଣ କରାଯିବ। କେନ୍ଦ୍ରରେ ଅପ୍ରତିକର ପରିସ୍ଥିତି ଏଡାଇବା ପାଇଁ ବୋର୍ଡ ଏବଂ ଶିକ୍ଷା ବିଭାଗ ପକ୍ଷରୁ କଡା ପଦକ୍ଷେପ ନିଆଯାଇଛି।

### ବିଜେଡିର ଶଙ୍ଖ ଜନସମ୍ପର୍କ ପଦଯାତ୍ରା

ମୁରିବାହାଲ, ୧୯।୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଓ ଗଁରେଇ ପଞ୍ଚାୟତର ବିଭିନ୍ନ ପଞ୍ଚାୟତରେ ସୋମବାର ବିଜେଡିର ଶଙ୍ଖ ଜନସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିରୂପମା ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଜନସାଧାରଣଙ୍କୁ ଅବଗତ କରାଯିବା ସହ ସେମାନଙ୍କ ସମସ୍ୟା ଶୁଣାଯାଇଥିଲା। ଏଥିରେ ବଲାଙ୍ଗୀର ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ପିଙ୍କି ଖର୍ସେଲ, ବରିଷ୍ଠ ବିଜେଡି ନେତା ଦିଲୀପ ପୃଷ୍ଟି, କଶ୍ୟପ ସରାଫ, ଦିଲୀପ ସାହୁ, ଦୀନବନ୍ଧୁ ଟାକ୍ରୀ, ରତନ ଭୋଇ, ବାଲ୍ମୀକି ଭୋଇ, ଜୟ ସିଂ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### ଗୀତିକାର ଉଦୟନାଥ ଦର୍ଜୀଙ୍କ ବିୟୋଗରେ ଶୋକସଭା

ବଲାଙ୍ଗୀର,୧୯।୨
(ବୀରେନ୍ଦ୍ର କୁମାର ଝାଙ୍କର)

ଜଣାଶୁଣା ଗୀତିକାର ଉଦୟନାଥ ଦର୍ଜୀଙ୍କ ବିୟୋଗରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୂଜ୍ୟପୂଜା ସେବା ସଙ୍ଗଠନ ଓ ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ ରବିବାର ଶୋକ ପ୍ରକାଶ କରାଯାଇଛି । ଏହି ଅବସରରେ ଟିକ୍ରାପଡା ସ୍ଥିତ ଦଧିବାମନ ମନ୍ଦିରରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଏଥିରେ ହୃଷୀକେଶ ପୁରୋହିତ, ଡ. ପ୍ରେମଚାନ୍ଦ ମହାନ୍ତି, ଜୟରାମ ମିଶ୍ର, କସ୍ତୁରୀ ରଥ, କେଶବ ଚନ୍ଦ୍ର ମିଶ୍ର ଓ ମଦନ ମୋହନ ରଥ ତାଙ୍କ ବକ୍ତବ୍ୟରେ ଉଦୟନାଥ ଦର୍ଜୀଙ୍କ ଜୀବନାଦର୍ଶ ଓ ଗୀତିକାର ଜୀବନ ଉପରେ ଆଲୋଚନା କରିଥିଲେ । ସଭାରେ ସୀତାଂଶୁ ଶେଖର ମିଶ୍ର, ସୁନାଧର ବନଛୋର, କପିଳ ପତି, ଚୁଡେନ୍ଦ୍ର କୁମାର ବେହେରା, ଦୁର୍ଗା ଚରଣ ସାହୁ, ମାନସ ବାଗ, ଧୀରେନ୍ଦ୍ର ନାରାୟଣ ସିଂହଦେଓ ଓ ପ୍ରଦୀପ ପଶାୟତ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ କମିଟି ବୈଠକ

ବଲାଙ୍ଗୀର,୧୯।୨
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ କମିଟି ବୈଠକ ଶାନ୍ତିପଡାସ୍ଥିତ ସିଦ୍ଧଶଙ୍କର ଆଇରନ୍ ଷ୍ଟୋର ପ୍ରକୋଷ୍ଠରେ ସଭାପତି ନାରାୟଣ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଙ୍ଗତ ସଦସ୍ୟ ଶୁଭେନ୍ଦୁ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନ କରାଯାଇଥିଲା। ପୂର୍ବତନ ସଭାପତି ପ୍ରଭାକର ମିଶ୍ର ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା। ସାଧାରଣ ସମ୍ପାଦକ ଅଶୋକ କୁମାର ଚାନ୍ଦ ବୈଠକ ବିବରଣୀ ଉପସ୍ଥାପନ କରିଥିଲେ। ମେଡିକାଲ କର୍ତ୍ତୃପକ୍ଷଙ୍କ ସହମତିରେ ଆସନ୍ତା ମାର୍ଚ୍ଚ ୫ରେ ଏକ ସ୍ୱାସ୍ଥ୍ୟ ଶିବିର କରାଯିବା ପାଇଁ ସ୍ଥିରୀକୃତ କରାଯାଇଥିଲା। ମଞ୍ଚର ସାଧାରଣ ପରିଷଦ ବୈଠକ ଆସନ୍ତା ୭ ଏପ୍ରିଲରେ ଆୟୋଜନ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚର ସ୍ଥାୟୀ ଗୃହ ନିମନ୍ତେ ସ୍ଥାନ ନିରୂପଣ ଓ ଗୃହ ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଏକ ଉପକମିଟି ଗଠନ କରାଯାଇଥିଲା। ଏତଦ୍‌ ବ୍ୟତୀତ ଏଦିଗରେ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ଯୁଗ୍ମସମ୍ପାଦକ ଗୌରଚନ୍ଦ୍ର ପୁରୋହିତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଆଲୋଚନାରେ ସୁଧାଂଶୁ ଶେଖର ଦର୍ଜୀ, ପ୍ରଫୁଲ୍ଲ କୁମାର ସାହୁ, ନବୀନ ନନ୍ଦ, ଧନଞ୍ଜୟ ମିଶ୍ର, ପଦ୍ମ ଚରଣ ଆଚାର୍ଯ୍ୟ, ହରେକୃଷ୍ଣ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ମଥାମଣି ପଣ୍ଡା, ପ୍ରମୋଦ ଗୁରୁ, ବାସୁଦେବ ମେହେର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ନୀଳାଞ୍ଜନ ଚିରଗୁନ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୃତକଙ୍କ ପରିବାରକୁ ଭେଟିଲେ ଯାଦବ ମହାସଭା କାର୍ଯ୍ୟକର୍ତ୍ତା

### ଗ୍ୟାସ୍ ବିସ୍ଫୋରଣ ଘଟଣା

ବେଲପଡ଼ା,୧୯।୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ କାନୁଟ ଗାଁର ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ମୃତକଙ୍କ ପରିବାରକୁ ବ୍ଲକ ଯାଦବ ମହାସଭା କାର୍ଯ୍ୟକର୍ତ୍ତା ରବିବାର ଭେଟିଛନ୍ତି। ପ୍ରତିନିଧି ଦଳ ଉକ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ମୃତ ବ୍ୟକ୍ତିଙ୍କ ଶୁଦ୍ଧିକ୍ରିୟା ଆଦି କିଭଳି ହୋଇପାରିବ ସେନେଇ ସାମାଜିକ ସ୍ତରରେ ଆବଶ୍ୟକ ସହଯୋଗ କରାଯିବ ବୋଲି କହିଥିଲେ। ଉକ୍ତ ପରିବାରକୁ ଅନୁକମ୍ପାମୂଳକ ରାଶି ଶୀଘ୍ର ପ୍ରଦାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବା ନେଇ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ଯାଦବ ମହାସଭା ଲିଗାଲ ସେଲ ସଭାପତି ଆଇନଜୀବୀ ମନୋଜ ହାତୀ, ଜିଲା ପ୍ରବକ୍ତା ଆଇନଜୀବୀ ଗୌରଚନ୍ଦ୍ର ରାଜପଲିଆ, ବ୍ଲକ ସଭାପତି ଗୋକୁଳ ଖର୍ସେଲ, ବ୍ଲକ ସହସମ୍ପାଦକ ଲୋକେଶ୍ୱର ଖର୍ସେଲ, ଗମ୍ଭାରୀ ସରପଞ୍ଚ ଅମର ବାଗ, କୁଳମଣି ବଗର୍ତ୍ତି, କେଓର ପୁଞ୍ଜି, ଜଗବନ୍ଧୁ ଗହୀର, ଭୁବନେଶ୍ୱର ବନଛୋର, ନବୀନ ଚଣ୍ଡି, ଶେଷଦେବ ବାଗ, ପ୍ରେମାନନ୍ଦ ବାଗ, ରଞ୍ଜିତ ନିଆଲ, ସାଧୁ ଷାଣ୍ଢ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ହୋଇଥିଲେ।


ଯାଦବ ମହାସଭା କର୍ମକର୍ତ୍ତା ମୃତକ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜ୍ଞାପନ କରୁଛନ୍ତି।

## ଶିଳ୍ପ ପ୍ରତିଷ୍ଠା କର, ବେକାରିଙ୍କୁ ନିଯୁକ୍ତି ଦିଅ

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ତରଫରୁ ଶିକ୍ଷିତ ବେକାରୀ ଯୁବତୀଯୁବକଙ୍କୁ ନିଯୁକ୍ତି ଏବଂ ଜିଲାରେ ଶିଳ୍ପ ପ୍ରତିଷ୍ଠା ଦାବିରେ ସୋମବାର ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଞ୍ଜୀବ ନାଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ବିଡିଓ ଯୁଧିଷ୍ଠିର ମେହେରଙ୍କୁ ପ୍ରଦାନ କରିଥିଲେ। ବଲାଙ୍ଗୀର ଜିଲା ଏକ ମରୁଡି ପ୍ରବଣ ଏବଂ ଶିଳ୍ପ ବିହୀନ ଜିଲା। ନିଯୁକ୍ତି ନଥିବାରୁ ଜିଲାରେ ଶିକ୍ଷତ ବେକର ଯୁତୀଯୁବକ ସଂଖ୍ୟା ବଢି ଚାଲିଛି। ବେକାରୀ ସମସ୍ୟା ଦୂର ପାଇଁ ଦଳ ତରଫରୁ ଲୋଇସିଂହା ଅଞ୍ଚଳ ଏବଂ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଦାବି ହୋଇ ଅସୁଛି। ହେଲେ ଏ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର କର୍ଣ୍ଣପାତ କରୁ ନ ଥିବାରୁ ଯୁବ କଂଗ୍ରେସ ତରଫରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଯୁବ କଂଗ୍ରେସ କର୍ମୀ ଆଦିବସୀ ଭବନରୁ ରାଲିରେ ବାହାରି ବ୍ଲକ ଅଫିସ ଯାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହ, ଛାତ୍ର କଂଗ୍ରେସ ଉପସଭାପତି ଆର୍ତ୍ତ ଘିବେଲା, ରାଷ୍ଟ୍ରୀୟ ପ୍ରବକ୍ତା ଅଙ୍କିତ ସାହୁ ପ୍ରମୁଖ ଉପସ୍ଥିତଥିଲେ ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ


ଟଙ୍କପାଣି ପଞ୍ଚାୟତ କାର୍ଯ୍ୟକ୍ରମରେ ଅତିଥିମାନେ ଲିଫଲେଟ ପ୍ରଦର୍ଶନ କରୁଛନ୍ତି।

ଲାଠୋର, ୧୯।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ଗ୍ରାମ ପଞ୍ଚାୟତର ଫୁଲଝର ଛକଠାରେ ସୋମବାର ସରପଞ୍ଚ ଗୋପାଳ ମେହେରଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ବିଜେଡି ଜିଲା ସାଧାରଣ ସମ୍ପାଦକ ପବିତ୍ର ପଟେଲ, ନାଏବ ସରପଞ୍ଚ ଶୁଶିଳା ବାଇ ଦାସ, ପିଇଓ ତପନ ମେହେର, ଋଷି ମେହେର, ଛଗନ ଦାସ, ନାରାୟଣ ହଂସ ଯୋଗ ଦେଇଥିଲେ। କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନୃତ୍ୟ ପରିବେଷଣ କରି ସଚେତନତା ବାର୍ତ୍ତା ଦେଇଥିଲେ। ଟଙ୍କପାଣି ପଞ୍ଚାୟତରେ ସରପଞ୍ଚ ସୁନାଫୁଲ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ସମାଜସେବୀ ଯୁଗୀ ବାଗ, ନାଏବ ସରପଞ୍ଚ ସନ୍ତୋଷ ନାଗ, ଭୂମିସୂତା ଭୋଇ, ହରେକୃଷ୍ଣ ବନଛୋର, ବିପିସି ଗୋବର୍ଦ୍ଧନ ବାଗ, ପିଇଓ ବାହୁବଳେନ୍ଦ୍ର ପୁରୋହିତ, ଜିଆର୍‌ଏସ୍ ମଦନ ତାଣ୍ଡି ଉପସ୍ଥିତ ଥିଲେ।

## କେନ୍ଦୁପତ୍ର କର୍ମଚାରୀ, ତୋଳାଳି ମହାସଂଘର କୃତଜ୍ଞତା

ବଲାଙ୍ଗୀର,୧୯।୨ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦୀର୍ଘଦିନର ଦାବି ପୂରଣ ସକାଶେ ଅନୁରୋଧ କରାଯାଉଥିଲା। ମହାସଂଘ ସଦସ୍ୟମାନେ ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଭେଟି ଦାବି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ମହାସଂଘର ଅନେକ ଗୁରୁତ୍ୱପୂର୍ଣ୍ଣ ଦାବିରୁ କିଛି ଦାବିକୁ ପୂରଣ କରାଯାଇଛି। ଏଥିପାଇଁ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ମହାସଂଘ ବଲାଙ୍ଗୀର ସର୍କଲର ସଦସ୍ୟମାନେ ଏକ ବୈଠକ କରି ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ଏହା ସହିତ ମହାସଂଘ ସଭାପତି ପ୍ରଭାତ ମହାନ୍ତି ଏବଂ ଚିରାକ ସିଂଦେଓଙ୍କୁ ମଧ୍ୟ ଧନ୍ୟବାଦ ଦିଆଯାଇଥିଲା। ସମସ୍ତ ସିଜିନାଲ କର୍ମଚାରୀଙ୍କୁ ଏକ ମାସ କାର୍ଯ୍ୟକାଳ ବୃଦ୍ଧି ସହିତ ୩ରୁ ୪ ହଜାର ଟଙ୍କା ଦରମା ବୃଦ୍ଧି, ତୋଳାଳିମାନଙ୍କ ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିଥିବାରୁ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଇଥିଲା। ବୈଠକରେ ସର୍କଲ ସଭାପତି ରବୀନ୍ଦ ଦ୍ୱାରା, କୃଷ୍ଣଚନ୍ଦ୍ର ରାଜପୁତ, ନାରାୟଣ ଉଦୁରକୁଲିଆ, ସୁଦିତ ମନହୀରା, ଛବିଳ ସିଂ ଚିନ୍ଦା, ଅରୂପା ପଧାନ, ବିପିନ ବିହାରୀ ନାଏକ, ଜଗବନ୍ଧୁ ପଧାନ, ନାରାୟଣ ସାହୁ, ଶ୍ରଦ୍ଧାକର ସା, ମନୋଜ ପ୍ରଧାନ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ଦୋକାନ

ଟିଟିଲାଗଡ଼, ୧୯।୨(ଶରତ ମିଶ୍ର)

ଟିଟିଲାଗଡ ସହର କୋର୍ଟ ପାଖରେ ଥିବା ପ୍ରକାଶ ଗହୀରଙ୍କ ଟାଟୁ ତଥା ସ୍କ୍ରିନ ପ୍ରିଣ୍ଟିଂ ଦୋକାନ ସୋମବାର ସନ୍ଧ୍ୟାରେ ନିଆଁ ଲାଗି ଜଳିଯାଇଛି। ନିଆଁ ଲାଗିବା ପରେ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଥିବା ଟିଟିଲାଗଡ ଥାନା ଆଇଆଇସି ଅବନି ସାହୁ ମଧ୍ୟ ଅଗ୍ନିଶମ ବିଭାଗକୁ ଫୋନ କରିଥିଲେ। ବିଦ୍ୟୁତ ବିଭାଗ ଖବର ପାଇ ସଂଯୋଗ ବିଚ୍ଛିନ୍ନ କରିସାରିଥିଲା। ହେଲେ ବହୁ ସମୟ ପର୍ଯ୍ୟନ୍ତ ଦମକଳ ଆସି ନ ଥିଲା। ଦମକଳ ଗାଡି ପହଞ୍ଚିଲା ବେଳକୁ ଦୋକାନ ପ୍ରାୟ ଭସ୍ମୀଭୂତ ହୋଇସାରିଥିଲା। ଏହାକୁ ନେଇ ସେଠାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। କ୍ଷତିଗ୍ରସ୍ତ ଦୋକାନୀଙ୍କୁ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

## ବରଗଡ଼ର ସୁଦୀପ-ପ୍ରିତେଶ ଯୋଡ଼ି ଚାମ୍ପିୟନ

### ବ୍ୟାଡମିଣ୍ଟନ ପ୍ରତିଯୋଗିତା

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛକ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଅଷ୍ଟମ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୬ଟି ଦଳ ଭାଗ ନେଇଥିଲେ। ବରଗଡ଼ ଓ ଲୋଇସିଂହା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ବରଗଡ଼ ଆମ୍ଭସଡ଼ା ଦଳର ସୁଦୀପ ଓ ପ୍ରିତେଶ ଯୋଡ଼ି ଚାମ୍ପିୟନ ଓ ଲୋଇସିଂହାର ଜ୍ୟୋତି ଓ ଶ୍ରୀକାନ୍ତ ଯୋଡ଼ି ରାନର ଅପ ହୋଇଥିଲେ। ସୁଦୀପ ମ୍ୟାନ ଅଫ ଦ ମ୍ୟାଚ ଓ ଜ୍ୟୋତି ବେହେରା ମ୍ୟାନ ଅଫ ଦ ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ କମିଟି ସଭାପତି କୁମର ମହାରଣା ଅଧ୍ୟକ୍ଷତା କରିଥିଲେ। ସଭାକୁ ସମ୍ପାଦକ ପ୍ରିତିରଞ୍ଜନ ସାହୁ ସଂଯୋଜନା କରିଥିଲେ। ବିଜେଡ଼ି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା ଅତିଥିମ୍‌ଭାବେ ଯୋଗଦେଇ ଆୟୋଜକ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।


ଅତିଥିଙ୍କ ସହ ଚାମ୍ପିୟନ, ରନର ଅପ ଯୋଡି ସହ ଭାଗ ନେଇଥିବା ଖେଳାଳିମାନେ।

## ପିପଲବନ୍ଧ ରାସ୍ତାକୁ ନେଇ ଉପଜିଲାପାଳଙ୍କୁ ଦାବିପତ୍ର

ପାଟଣାଗଡ଼, ୧୯।୨ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ବାଲିପଟା ପଞ୍ଚାୟତ ସାନକଲଙ୍ଗାପାଲି ଗାଁରେ ଥିବା ପିପଲବନ୍ଧ(ପୋଖରୀ) ଉପରେ ସ୍ନାନଶୌଚାଦି ପାଇଁ ନିର୍ଭର କରନ୍ତି। ହେଲେ ବନ୍ଧକୁ ଯାଇଥିବା ରାସ୍ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଗାଁର ଜଣେ ବ୍ୟକ୍ତି ଏହି ଜମି ତାଙ୍କର ବୋଲି ଦାବି କରିବା ପରେ ସମସ୍ୟା ସୃଷ୍ଟି ହୋଇଛି। ଗ୍ରାମବାସୀ ଏ ନେଇ ସୋମବାର ଉପଜିଲାପାଳ ଅମୀୟ କୁମାର ନାଏକଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ସେମାନେ ଜଣାଇଛନ୍ତି ଯେ, ସାନକଲଙ୍ଗାପାଲି ଗାଁରେ ବସୁଧା ଯୋଜନାରେ ପ୍ରକଳ୍ପ ନିର୍ମାଣ କରି ପାଇପ ପାଣି ଯୋଗାଣ ପାଇଁ କାମ ଆରମ୍ଭ ହୋଇଛି। ଏଥିପାଇଁ ଠିକାଦାର ପ୍ରଥମେ ପିପଲବନ୍ଧ ତୁଠରେ କୂଅ ଖୋଳିବା ପରେ ସେଠାରୁ ଗାଁକୁ ପାଇପ ବିଛାଇବା ପାଇଁ ଗାତ ଖୋଳୁଥିଲେ। ଏହି ସମୟରେ ଗାଁର ଜଣେ ବ୍ୟକ୍ତି ଓ ତାଙ୍କ ଭାଇମାନେ ଏହା ସେମାନଙ୍କର ପୈତୃକ ସମ୍ପତ୍ତି କହି ଗାତ ନଖୋଳିବା ପାଇଁ ମନା କରିଥିଲେ। ଏହାପରେ ଗ୍ରାମବାସୀ ଏକ ସଭା କରି ସମ୍ପୃକ୍ତଙ୍କ ବ୍ୟକ୍ତିଙ୍କୁ କାମ କରିବାରେ ବାଧା ସୃଷ୍ଟି ନ କରିବାକୁ କହିଥିଲେ। ହେଲେ ସମ୍ପୃକ୍ତ ବ୍ୟକ୍ତି ଏଥିରେ ରାଜି ନ ହୋଇ ରୋକଠୋକ ମନା କରିଦେବାରୁ ସେମାନେ ଉପଜିଲାପାଳଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାରଙ୍କ ସହିତ ଆଲୋଚନା କରି ସାତଦିନ ଭିତରେ ସମସ୍ୟାର ସମାଧାନ କରାଯିବ ବୋଲି ଉପଜିଲାପାଳ ନାଏକ ପ୍ରତିଶ୍ରୁତି ଦେଇଥିଲେ ।


ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସାନକଲଙ୍ଗାପାଲି ଗ୍ରାମବାସୀ।

## ସଂକ୍ଷେପରେ

### ବାଇକ୍‌କୁ ଧକ୍କା ଦେଲା ଟ୍ରକ୍

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସାଲେଭାଟ ଅଙ୍ଗନଦୀ ପୋଲ ଉପରେ ଏକ ବାଇକକୁ ସାମନା ପଟରୁ ଏକ ଟ୍ରକ ସୋମବାର ଧକ୍କା ଦେଇଥିଲା। ଏଥିରେ ଡୁଙ୍ଗରିପାଲି ଥାନା ଚୁନିଆମୁଣ୍ଡା ଗ୍ରାମର ୩ଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମୁରାଚି ବଢେଇ(୩୮), ତାଙ୍କ ସ୍ତ୍ରୀ ସୁରେନ୍ଦ୍ରୀ ଏବଂ ନାବାଳକ ପୁଅ। ସେମାନଙ୍କୁ ନିକଟସ୍ଥ ଡୁଙ୍ଗରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଦୁର୍ଘଟଣା ପରେ ଟ୍ରକକୁ ନେଇ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଦୁର୍ଘଟଣା ଘଟାଇ ଥିବା ଟ୍ରକକୁ ଜବତ କରିଛି। ସୂଚନା ଅନୁଯାୟୀ, ସୁବର୍ଣ୍ଣପୁର ଜିଲା ଚୁନିଆମୁଣ୍ଡା ଗ୍ରାମର ମୁରାଚି ଏବଂ ତାଙ୍କ ପରିବାର ଲୋଇସିଂହା ଥାନା ବଘାପାଲି ଗ୍ରାମର ସମ୍ପର୍କୀୟଙ୍କ ଘରକୁ ଅନ୍ନପ୍ରସନ୍ନ ଉତ୍ସବରେ ଯୋଗଦେବା ପାଇଁ ଯାଉଥିଲେ। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ସାଲେଭାଟ ଅଙ୍ଗନଦୀ ପୋଲ ଉପରେ ସମନା ପଟରୁ ଆସୁଥିବା ଏକ ଟ୍ରକ ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ ଗିରଫ

ଡୁଙ୍ଗୁରିପାଲି, ୧୯।୨(ଦୀନବନ୍ଧୁ ସୁନା): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କଲୋନୀରେ ରହୁଥିବା ସୁଦାମ ବାଗ ଡୁଙ୍ଗୁରିପାଲି ଗ୍ରାମର ହରିବନ୍ଧୁ ସାହୁଙ୍କୁ ସୋମବାର ତରୁଆଲରେ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ସ୍କୁଟିକୁ ଭାଙ୍ଗି ଦେଇଥିଲେ। ଜୀବନରେ ମାରି ଦେବା ଧମକ ଦେଇଥିଲେ। ଏ ନେଇ ହରିବନ୍ଧୁ ସାହୁ ଡୁଙ୍ଗୁରିପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଡୁଙ୍ଗୁରିପାଲି ପୋଲିସ ସୁଦାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସୁଦାମଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସବ୍‌ଇନ୍ସପେକ୍ଟର ଟଙ୍କଧର ଛତ୍ରିଆ ସୂଚନା ଦେବା ସହ ତଦନ୍ତ ଜାରି ରହିଥିବା ପ୍ରକାଶ କରିଛନ୍ତି।

### ଲୋଇସିଂହା ବ୍ଲକ: ୭ କେନ୍ଦ୍ରରେ ୧୦୪୧ ପରୀକ୍ଷାର୍ଥୀ

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତବର୍ଷର ମାଟ୍ରିକ ବୋର୍ଡ ପରୀକ୍ଷା ୨୦ତାରିଖଠାରୁ ଆରମ୍ଭ ହେବ। ଲୋଇସିଂହା ବ୍ଲକର ୭ଟି କେନ୍ଦ୍ରରେ ମୋଟ ୧୦୪୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବ୍ଲକ ଶିକ୍ଷା ବିଭାଗ ସୂତ୍ରରୁ ଜଣାଯାଇଛି। ଲୋଇସିଂହା ବାଳିକା ହାଇସ୍କୁଲ କେନ୍ଦ୍ରରେ ୧୫୯ ଜଣ, ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରେ ୨୩୭, ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲରେ ୧୨୩, ଝାରମୁଣ୍ଡା ଅଞ୍ଚଳ ହାଇସ୍କୁଲରେ ୧୩୯, କୁଶଙ୍ଗ ପଞ୍ଚାୟତ ହାଇସ୍କୁଲରେ ୧୩୨, ସରଗାଡ ଲାଲବାହାଦୁର ହାଇସ୍କୁଲରେ ୧୪୧ ଏବଂ କୁଟୁରାପାଲି ପଞ୍ଚାୟତ ହାଇସ୍କୁଲରେ ୧୧୦ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଲୋଇସିଂହା ବାଳିକା ହାଇସ୍କୁଲ ହବ ସେଣ୍ଟରରୁ ସମସ୍ତ କେନ୍ଦ୍ରକୁ ନିର୍ଦ୍ଧାରିତ ସମୟରେ ପ୍ରଶ୍ନପତ୍ର ଯୋଗାଣ କରାଯିବ। କେନ୍ଦ୍ରରେ ଅପ୍ରତିକର ପରିସ୍ଥିତି ଏଡାଇବା ପାଇଁ ବୋର୍ଡ ଏବଂ ଶିକ୍ଷା ବିଭାଗ ପକ୍ଷରୁ କଡା ପଦକ୍ଷେପ ନିଆଯାଇଛି।

### ଗୀତିକାର ଉଦୟନାଥ ଦର୍ଜୀଙ୍କ ବିୟୋଗରେ ଶୋକସଭା

ବଲାଙ୍ଗୀର,୧୯।୨
(ବୀରେନ୍ଦ୍ର କୁମାର ଝାଙ୍କର)

ଜଣାଶୁଣା ଗୀତିକାର ଉଦୟନାଥ ଦର୍ଜୀଙ୍କ ବିୟୋଗରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୂଜ୍ୟପୂଜା ସେବା ସଙ୍ଗଠନ ଓ ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ ରବିବାର ଶୋକ ପ୍ରକାଶ କରାଯାଇଛି । ଏହି ଅବସରରେ ଟିକ୍ରାପଡା ସ୍ଥିତ ଦଧିବାମନ ମନ୍ଦିରରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଏଥିରେ ହୃଷୀକେଶ ପୁରୋହିତ, ଡ. ପ୍ରେମଚାନ୍ଦ ମହାନ୍ତି, ଜୟରାମ ମିଶ୍ର, କସ୍ତୁରୀ ରଥ, କେଶବ ଚନ୍ଦ୍ର ମିଶ୍ର ଓ ମଦନ ମୋହନ ରଥ ତାଙ୍କ ବକ୍ତବ୍ୟରେ ଉଦୟନାଥ ଦର୍ଜୀଙ୍କ ଜୀବନାଦର୍ଶ ଓ ଗୀତିକାର ଜୀବନ ଉପରେ ଆଲୋଚନା କରିଥିଲେ । ସଭାରେ ସୀତାଂଶୁ ଶେଖର ମିଶ୍ର, ସୁନାଧର ବନଛୋର, କପିଳ ପତି, ଚୁଡେନ୍ଦ୍ର କୁମାର ବେହେରା, ଦୁର୍ଗା ଚରଣ ସାହୁ, ମାନସ ବାଗ, ଧୀରେନ୍ଦ୍ର ନାରାୟଣ ସିଂହଦେଓ ଓ ପ୍ରଦୀପ ପଶାୟତ ଉପସ୍ଥିତ ଥିଲେ ।

# କଣ୍ଟାବାଞ୍ଜି ବିଧାୟକଙ୍କୁ ହତ୍ୟା ଧମକ

- ଲାଗିଛି ଧମକପୂର୍ଣ୍ଣ ବ୍ୟାନର
- ବ୍ୟାନରରେ ଜଣେ ଯୁବକଙ୍କ ଫଟୋ ରହିଛି
- ହତ୍ୟାଧମକ ପରେ କଣ୍ଟାବାଞ୍ଜିରେ ତୀବ୍ର ପ୍ରତିକ୍ରିୟା
- ଥାନାରେ ଅଭିଯୋଗ, ମଙ୍ଗଳବାର କଣ୍ଟାବାଞ୍ଜି ବନ୍ଦ ଡାକରା
- ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରାଯିବ: ଏସ୍‌ଡିପିଓ

ବଲାଙ୍ଗୀର,୧୯।୨
(ବୀରେନ୍ଦ୍ର କୁମାର ଝାଙ୍କର)



କଣ୍ଟାବାଞ୍ଜି ଏନ୍‌ଏସି ଅଧ୍ୟକ୍ଷ ଓ ଅନ୍ୟମାନେ ଥାନାରେ ଅଭିଯୋଗ କରୁଛନ୍ତି।

କଣ୍ଟାବାଞ୍ଜି ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜାଙ୍କୁ ହତ୍ୟା ଧମକ ଦିଆଯାଇ କଣ୍ଟାବାଞ୍ଜି ସହରାଞ୍ଚଳର ଦୁଇଟି ସ୍ଥାନରେ ସୋମବାର ସକାଳେ ଦୁଇଟି ବ୍ୟାନର ଲଗାଯାଇଥିବା ଦେଖିବାକୁ ମିଳିଥିଲା। ଉକ୍ତ ବ୍ୟାନରରେ ୧୫ ଦିନ ମଧ୍ୟରେ ବିଧାୟକ ସାଲୁଜାଙ୍କୁ ମାରି ଦେମି ବୋଲି ଲେଖାଯାଇଛି। ବ୍ୟାନରରେ ଜଣେ ଯୁବକଙ୍କ ଫଟୋ ମଧ୍ୟ ଲଗାଯାଇଛି। ଏଭଳି ଏକ ବ୍ୟାନର ସହରର ଦୁଇଟି ସ୍ଥାନରେ ଲଗାଯିବା ଖବର ପ୍ରଚାରିତ ହେବା ପରେ ଚାଞ୍ଚଲ୍ୟ ଖେଳି ଯାଇଥିଲା। କିଏ ଓ କେଉଁ ଉଦ୍ଦେଶ୍ୟରେ ନିର୍ବାଚନ ପୂର୍ବରୁ ଏଭଳି ବ୍ୟାନର ଲଗାଇଛି ତାହା ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାକୁ ନେଇ ଭୁବନେଶ୍ୱରରେ ଥିବା ବିଧାୟକ ସାଲୁଜା ମଧ୍ୟ ଚିନ୍ତା ପ୍ରକଟ କରିଥିଲେ। ଅପରାହ୍ଣରେ କଣ୍ଟାବାଞ୍ଜି ନଗରପାଳ ବରିୟମ୍ ସିଂ ସାଲୁଜା, ଉପନଗରପାଳ, କାଉନସିଲର ଓ ନେତାଙ୍କ ସହ ଥାନାକୁ ଯାଇ ଅଭିଯୋଗ କରିଛନ୍ତି। ଏହି ଘଟଣାର ପ୍ରତିବାଦରେ କଂଗ୍ରେସ କର୍ମୀ ଏବଂ କଣ୍ଟାବାଞ୍ଜି ଜନସାଧାରଣଙ୍କ ତରଫରୁ ମଙ୍ଗଳବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି।

ସୋମବାର ସକାଳୁ କଣ୍ଟାବାଞ୍ଜି ଗୋରୁବଜାର ନିକଟରେ ଏବଂ ସରକାରୀ ବାଳିକା ହାଇସ୍କୁଲ ନିକଟ ଏକ ଉଠା ଦୋକାନରେ ଦୁଇଟି ବ୍ୟାନର ଲଗାଯାଇଥିବା ଦେଖାଯାଇଥିଲା। ଉକ୍ତ ବ୍ୟାନରରେ ଏମ୍‌ଏଲଏ ସନ୍ତୋଷ ସିଂ ସଲୁଜା କେ ୧୫ ଦିନ ଭିତରେ ମୁଇଁ ମାରିଦେମିଁ ବୋଲି ଲେଖାଯାଇଛି। ଲେଖାଟି କୋଶଲୀ ଭାଷାରେ ଲେଖାଯାଇଛି। କେଶରୀ ରଙ୍ଗର ଗୋଟିଏ ବ୍ୟାନରରେ କଳା ସ୍ୟାହିରେ ଓ ଅନ୍ୟଟି ଧଳାରଙ୍ଗର ବ୍ୟାନରରେ ଲାଲ ସ୍ୟାହିରେ ଲେଖାଯାଇଛି। ବ୍ୟାନର ଉପରେ ଜଣେ ଅପରିଚତ ଯୁବକଙ୍କ ଫଟୋ ଷ୍ଟାପଲରରେ ଲଗାଯାଇଥିଲା। କଣ୍ଟାବାଞ୍ଜି ଥାନା ପୋଲିସ ସମ୍ପୃକ୍ତ ବ୍ୟାନର ଓ ଫଟୋକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ଏସ୍‌ପି ଋଷିକେଶ ଖିଲାରି କଣ୍ଟାବାଞ୍ଜି ପହଞ୍ଚି ତଦନ୍ତ ନିରୀକ୍ଷଣ କରିଛନ୍ତି। କଣ୍ଟାବାଞ୍ଜି ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ ଓ ଅନ୍ୟ ପୋଲିସ ଟିମ୍ ତଦନ୍ତ ଜୋରଦାର କରିଛନ୍ତି। ଘଟଣା ସମ୍ପର୍କରେ ବିଧାୟକ ସାଲୁଜା ଜାଣିବା ପରେ ଏସ୍‌ପି ଖିଲାରିଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ପୋଲିସ ଡିଜିଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଧାୟକ ସାଲୁଜା କରିଥିଲେ। ଅପରାହ୍ଣରେ ନଗରପାଳ ତଥା ବିଧାୟକଙ୍କ ସାନଭାଇ ବରିୟମ ସିଂ ସାଲୁଜା, ବିଧାୟକଙ୍କ ପୁଅ ତେଜି ସିଂ, ଉପନଗରପାଳ ମନୋରମା ରାଉତ, ନଗର କଂଗ୍ରେସ ସଭାପତି ଡମ୍ବରୁଧର ବେହେରା, କଂଗ୍ରେସ କାଉନସିଲର ବରିଷ୍ଠ ଆଡଭୋକେଟ ବିଷ୍ଣୁପ୍ରସାଦ ଶର୍ମା ଥାନାକୁ ଯାଇ ଅଭିଯୋଗ କରିଥିଲେ। ବ୍ୟାନର ଲଗାଯିବା ଘଟଣାକୁ ନେଇ ସହରରେ ଆତଙ୍କ ସୃଷ୍ଟି ହୋଇଥିବା ଦର୍ଶାଇବା ସହ ବିଧାୟକ ଓ ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସମସ୍ତଙ୍କ ସୁରକ୍ଷା ଦାବି କରିଛନ୍ତି। ପ୍ରାୟ ଅଢେଇ ବର୍ଷ ତଳେ ବିଧାୟକ ସାଲୁଜାଙ୍କୁ କଣ୍ଟାବାଞ୍ଜି ସହର ଉପକଣ୍ଠରେ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ ହୋଇଥିଲା ଓ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏବେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଚାର ପ୍ରସାର ଆରମ୍ଭ ହେବାକୁ ଥିବାବେଳେ ଏଭଳି ଧମକପୂର୍ଣ୍ଣ ବ୍ୟାନର ଲଗାଯିବା ଘଟଣା ସାଧାରଣରେ ଭୟସଞ୍ଚାର କରିଛି। ନିର୍ବାଚନକୁ ଆଖି ଆଗରେ ରଖି କେହି ଏଭଳି ଧମକପୂର୍ଣ୍ଣ ବ୍ୟାନର ଲଗାଇଛି ନା ଆଉ କେଉଁ କାରଣ ରହିଛି ତାକୁ ନେଇ ପୋଲିସ ତଦନ୍ତ କରୁଛି। ଏହା ସହିତ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ମାଓବାଦୀଙ୍କ ଗତିବିଧି ରହିଥିବାରୁ ସେଦିଗକୁ ମଧ୍ୟ ଚର୍ଚ୍ଚା କରାଯାଉଛି। ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି ବୋଲି ଏସ୍‌ଡିପିଓ ସାହୁ ଗଣମାଧ୍ୟମକୁ କହିଛନ୍ତି। ମଙ୍ଗଳବାର କଣ୍ଟାବାଞ୍ଜିର ସମସ୍ତ ଦୋକାନ ବଜାର ବନ୍ଦ କରାଯିବ ବୋଲି ନଗର କଂଗ୍ରେସ ପକ୍ଷରୁ ଡାକରା ଦିଆଯାଇଛି।




କଣ୍ଟାବାଞ୍ଜି ସହରରେ ଲଗାଯାଇଥିବା ଧମକପୂର୍ଣ୍ଣ ବ୍ୟାନର।

### ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ କମିଟି ବୈଠକ

ବଲାଙ୍ଗୀର,୧୯।୨
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ କମିଟି ବୈଠକ ଶାନ୍ତିପଡାସ୍ଥିତ ସିଦ୍ଧଶଙ୍କର ଆଇରନ୍ ଷ୍ଟୋର ପ୍ରକୋଷ୍ଠରେ ସଭାପତି ନାରାୟଣ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଙ୍ଗତ ସଦସ୍ୟ ଶୁଭେନ୍ଦୁ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନ କରାଯାଇଥିଲା। ପୂର୍ବତନ ସଭାପତି ପ୍ରଭାକର ମିଶ୍ର ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା। ସାଧାରଣ ସମ୍ପାଦକ ଅଶୋକ କୁମାର ଚାନ୍ଦ ବୈଠକ ବିବରଣୀ ଉପସ୍ଥାପନ କରିଥିଲେ। ମେଡିକାଲ କର୍ତ୍ତୃପକ୍ଷଙ୍କ ସହମତିରେ ଆସନ୍ତା ମାର୍ଚ୍ଚ ୫ରେ ଏକ ସ୍ୱାସ୍ଥ୍ୟ ଶିବିର କରାଯିବା ପାଇଁ ସ୍ଥିରୀକୃତ କରାଯାଇଥିଲା। ମଞ୍ଚର ସାଧାରଣ ପରିଷଦ ବୈଠକ ଆସନ୍ତା ୭ ଏପ୍ରିଲରେ ଆୟୋଜନ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚର ସ୍ଥାୟୀ ଗୃହ ନିମନ୍ତେ ସ୍ଥାନ ନିରୂପଣ ଓ ଗୃହ ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଏକ ଉପକମିଟି ଗଠନ କରାଯାଇଥିଲା। ଏତଦ୍ ବ୍ୟତୀତ ଏଦିଗରେ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ଯୁଗ୍ମସମ୍ପାଦକ ଗୌରଚନ୍ଦ୍ର ପୁରୋହିତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଆଲୋଚନାରେ ସୁଧାଂଶୁ ଶେଖର ଦର୍ଜୀ, ପ୍ରଫୁଲ୍ଲ କୁମାର ସାହୁ, ନବୀନ ନନ୍ଦ, ଧନଞ୍ଜୟ ମିଶ୍ର, ପଦ୍ମ ଚରଣ ଆଚାର୍ଯ୍ୟ, ହରେକୃଷ୍ଣ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ମଥାମଣି ପଣ୍ଡା, ପ୍ରମୋଦ ଗୁରୁ, ବାସୁଦେବ ମେହେର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ନୀଳାଞ୍ଜନ ଚିରଗୁନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜି ମାଟ୍ରିକ ପରୀକ୍ଷା, ପ୍ରସ୍ତୁତି ଚୂଡ଼ାନ୍ତ

ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)

ମଙ୍ଗଳବାରରୁ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ) ପରୀକ୍ଷା ଆରମ୍ଭ ହେବ। ମାର୍ଚ୍ଚ ମାସ ୪ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏଥର ବରଗଡ଼ ଜିଲାରେ ୯୬ପରୀକ୍ଷା କେନ୍ଦ୍ରରେ ୧୮ହଜାର ୩୪୬ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏହାସହିତ ଅନ୍ୟ ଏକ ପରୀକ୍ଷା କେନ୍ଦ୍ରରେ ୫୦ଜଣ ଏସ୍‌ଓଏସ୍‌ସି (ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ୍) ପରୀକ୍ଷା ଦେବେ। ସେହିପରି ଏଥର ୧୦୩ ମଧ୍ୟମା ପରୀକ୍ଷାର୍ଥୀ ରହିଛନ୍ତି। ସମୁଦାୟ ୯୭ପରୀକ୍ଷା କେନ୍ଦ୍ରରେ ମୋଟ୍ ୧୮ହଜାର ୪୯୯ ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା ଚୂଡ଼ାନ୍ତ ହୋଇଛି। ପରୀକ୍ଷା ସୁପରିଚାଳନା ପାଇଁ ପ୍ରସ୍ତୁତି ହୋଇଛି। ଏହି କ୍ରମରେ ସୋମବାର ବରଗଡ଼ ରାଣାପ୍ରତାପ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ସଭାପତିତ୍ୱରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ହୋଇଥିଲା। ବୈଠକରେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ମାଟ୍ରିକ ପରୀକ୍ଷା ସୁପରିଚାଳନା ପାଇଁ ବୋର୍ଡ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ ସମ୍ବନ୍ଧରେ ନିରୀକ୍ଷକମାନଙ୍କୁ ଅବଗତ କରାଇଥିଲେ। ପରୀକ୍ଷାର୍ଥୀମାନେ ସକାଳ ୭ଟା ୩୦ମିନିଟରେ କେନ୍ଦ୍ରରେ ପହଞ୍ଚି ୮ଟା ୧୫ମିନିଟ ମଧ୍ୟରେ ପ୍ରବେଶ କରିବେ ବୋଲି ସୂଚନା ଦିଆଯାଇଥିଲା।




ମାଟ୍ରିକ ପରୀକ୍ଷା ପାଇଁ ରାଣାପ୍ରତାପ ସ୍କୁଲ ପରୀକ୍ଷା କେନ୍ଦ୍ରରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ।

## ଶିବିରରେ ୧୮୩ ଅଭିଯୋଗ ପଞ୍ଜୀକୃତ

ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପି.ଏସ୍ ମୀନା, ଉପଜିଲାପାଳ କୁମାର ନାଗଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ। ସଦର ବ୍ଲକର ବିଭିନ୍ନ ଗ୍ରାମର ଲୋକେ ଶିବିରକୁ ଆସି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ। ଶିବିରରେ ୧୮୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୩ ଅଭିଯୋଗ ତତ୍କାଳ ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ଉପରେ ତ୍ୱରିତ ପଦକ୍ଷେପ ନେବା ପାଇଁ ଜିଲାପାଳ ଗୋୟଲ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



## ଶିଳ୍ପ ପ୍ରତିଷ୍ଠା କର, ବେକାରିଙ୍କୁ ନିଯୁକ୍ତି ଦିଅ

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ତରଫରୁ ଶିକ୍ଷିତ ବେକାରୀ ଯୁବତୀଯୁବକଙ୍କୁ ନିଯୁକ୍ତି ଏବଂ ଜିଲାରେ ଶିଳ୍ପ ପ୍ରତିଷ୍ଠା ଦାବିରେ ସୋମବାର ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଞ୍ଜୀବ ନାଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ବିଡିଓ ଯୁଧିଷ୍ଠିର ମେହେରଙ୍କୁ ପ୍ରଦାନ କରିଥିଲେ। ବଲାଙ୍ଗୀର ଜିଲା ଏକ ମରୁଡି ପ୍ରବଣ ଏବଂ ଶିଳ୍ପ ବିହୀନ ଜିଲା। ନିଯୁକ୍ତି ନଥିବାରୁ ଜିଲାରେ ଶିକ୍ଷତ ବେକର ଯୁତୀଯୁବକ ସଂଖ୍ୟା ବଢି ଚାଲିଛି। ବେକାରୀ ସମସ୍ୟା ଦୂର ପାଇଁ ଦଳ ତରଫରୁ ଲୋଇସିଂହା ଅଞ୍ଚଳ ଏବଂ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଦାବି ହୋଇ ଅସୁଛି । ହେଲେ ଏ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର କର୍ଣ୍ଣପାତ କରୁ ନ ଥିବାରୁ ଯୁବ କଂଗ୍ରେସ ତରଫରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଯୁବ କଂଗ୍ରେସ କର୍ମୀ ଆଦିବସୀ ଭବନରୁ ରାଲିରେ ବାହାରି ବ୍ଲକ ଅଫିସ ଯାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁ, ଛାତ୍ର କଂଗ୍ରେସ ଉପସଭାପତି ଆର୍ତ୍ତ ଘିବେଲା, ରାଷ୍ଟ୍ରୀୟ ପ୍ରବକ୍ତା ଅଙ୍କିତ ସାହୁ ପ୍ରମୁଖ ଉପସ୍ଥିତଥିଲେ ।

## ପାଠାଗାର ଜ୍ଞାନରଶ୍ମି ବିତରଣ କରେ




କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମନ୍ତ୍ରୀ ରୀତା ସାହୁ ବକ୍ତବ୍ୟ ରଖୁଛନ୍ତି ।

ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)

ପାଠାଗାର ହେଉଛି ଜ୍ଞାନର ଗନ୍ତାଘର। ପାଠକଙ୍କୁ ପାଠାଗାର ହିଁ ଜ୍ଞାନରଶ୍ମି ବିତରଣ କରିଥାଏ ବୋଲି ବରଗଡ଼ ବ୍ଲକ ଅନ୍ତର୍ଗତ ଏସ.ଡୁମେରପାଲିସ୍ଥିତ ଜ୍ଞାନରଶ୍ମି ପାଠାଗାରର ନୂତନ ଗୃହ ଲୋକାର୍ପଣ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠାଗାରର ନୂତନ ଗୃହ ଲୋକାର୍ପଣ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ପାଠାଗାର କେବଳ ପାଠାଗାରରେ ସୀମିତ ନ ରହି ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରୁଥିବା ଯୋଗୁ ପାଠାଗାର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ଶିକ୍ଷାବିତ୍ ପ୍ରଦୀପ ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଠାଗାର ଜ୍ଞାନରଶ୍ମି ବିତରଣର ମାଧ୍ୟମ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଡ. ପ୍ରଭାସ ସିଂ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଆଡ୍‌ଭୋକେଟ ରାମପ୍ରସାଦ ସାହୁ, ସରପଞ୍ଚ ଯୋଗେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପାଠାଗାର ସଭାପତି ଦ୍ୱାରିକାନାଥ ମାଝି ପାଠାଗାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ନୂତନ ଗୃହ ନିର୍ମାଣ ପାଇଁ ଆବଶ୍ୟକ ଅନୁଦାନ ଯୋଗାଇ ଦେଇଥିବା ଯୋଗୁ ବିଧାୟକ ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ। ପାଠାଗାର ସମ୍ପାଦକ ହୃଦାନନ୍ଦ ନାଏକ ବାର୍ଷିକ ବିବରଣୀ ପଠନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବରଗଡ଼ର ସୁଦୀପ-ପ୍ରିତେଶ ଯୋଡ଼ି ଚାମ୍ପିୟନ

**ବ୍ୟାଡମିଣ୍ଟନ ପ୍ରତିଯୋଗିତା**

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛକ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଅଷ୍ଟମ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୬ଟି ଦଳ ଭାଗ ନେଇଥିଲେ। ବରଗଡ଼ ଓ ଲୋଇସିଂହା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ବରଗଡ଼ ଆମ୍ବସଡ଼ା ଦଳର ସୁଦୀପ ଓ ପ୍ରିତେଶ ଯୋଡ଼ି ଚାମ୍ପିୟନ ଓ ଲୋଇସିଂହାର ଜ୍ୟୋତି ଓ ଶ୍ରୀକାନ୍ତ ଯୋଡ଼ି ରାନର ଅପ ହୋଇଥିଲେ। ସୁଦୀପ ମ୍ୟାନ ଅଫ ଦ ମ୍ୟାଚ ଓ ଜ୍ୟୋତି ବେହେରା ମ୍ୟାନ ଅଫ ଦ ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ କମିଟି ସଭାପତି କୁମର ମହାରଣା ଅଧ୍ୟକ୍ଷତା କରିଥିଲେ। ସଭାକୁ ସମ୍ପାଦକ ପ୍ରିତିରଞ୍ଜନ ସାହୁ ସଂଯୋଜନା କରିଥିଲେ। ବିଜେଡ଼ି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା ଅତିଥିମ୍‌ଭାବେ ଯୋଗଦେଇ ଆୟୋଜକ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ, ରନର ଅପ ଯୋଡି ସହ ଭାଗ ନେଇଥିବା ଖେଳାଳିମାନେ।

## ପିପଲବନ୍ଧକୁ ରାସ୍ତା ନାହିଁ, ଉପଜିଲାପାଳଙ୍କୁ ଦାବିପତ୍ର

ପାଟଣାଗଡ଼, ୧୯।୨ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ବାଲିପଟା ପଞ୍ଚାୟତ ସାନକଲଙ୍ଗାପାଲି ଗାଁରେ ଥିବା ପିପଲବନ୍ଧ(ପୋଖରୀ) ଉପରେ ସ୍ନାନଶୌଚାଦି ପାଇଁ ନିର୍ଭର କରନ୍ତି। ହେଲେ ବନ୍ଧକୁ ଯାଇଥିବା ରାସ୍ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଗାଁର ଜଣେ ବ୍ୟକ୍ତି ଏହି ଜମି ତାଙ୍କର ବୋଲି ଦାବି କରିବା ପରେ ସମସ୍ୟା ସୃଷ୍ଟି ହୋଇଛି। ଗ୍ରାମବାସୀ ଏ ନେଇ ସୋମବାର ଉପଜିଲାପାଳ ଅମୀୟ କୁମାର ନାଏକଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ସେମାନେ ଜଣାଇଛନ୍ତି ଯେ, ସାନକଲଙ୍ଗାପାଲି ଗାଁରେ ବସୁଧା ଯୋଜନାରେ ପ୍ରକଳ୍ପ ନିର୍ମାଣ କରି ପାଇପ ପାଣି ଯୋଗାଣ ପାଇଁ କାମ ଆରମ୍ଭ ହୋଇଛି। ଏଥିପାଇଁ ଠିକାଦାର ପ୍ରଥମେ ପିପଲବନ୍ଧ ତୁଠରେ କୂଅ ଖୋଳିବା ପରେ ସେଠାରୁ ଗାଁକୁ ପାଇପ ବିଛାଇବା ପାଇଁ ଗାତ ଖୋଳୁଥିଲେ। ଏହି ସମୟରେ ଗାଁର ଜଣେ ବ୍ୟକ୍ତି ଓ ତାଙ୍କ ଭାଇମାନେ ଏହା ସେମାନଙ୍କର ପୈତୃକ ସମ୍ପତ୍ତି କହି ଗାତ ନଖୋଳିବା ପାଇଁ ମନା କରିଥିଲେ। ଏହାପରେ ଗ୍ରାମବାସୀ ଏକ ସଭା କରି ସମ୍ପୃକ୍ତଙ୍କ ବ୍ୟକ୍ତିଙ୍କୁ କାମ କରିବାରେ ବାଧା ସୃଷ୍ଟି ନ କରିବାକୁ କହିଥିଲେ। ହେଲେ ସମ୍ପୃକ୍ତ ବ୍ୟକ୍ତି ଏଥିରେ ରାଜି ନ ହୋଇ ରୋକଠୋକ ମନା କରିଦେବାରୁ ସେମାନେ ଉପଜିଲାପାଳଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାରଙ୍କ ସହିତ ଆଲୋଚନା କରି ସାତଦିନ ଭିତରେ ସମସ୍ୟାର ସମାଧାନ କରାଯିବ ବୋଲି ଉପଜିଲାପାଳ ନାଏକ ପ୍ରତିଶ୍ରୁତି ଦେଇଥିଲେ ।



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସାନକଲଙ୍ଗାପାଲି ଗ୍ରାମବାସୀ।

## ସଂକ୍ଷେପରେ

### କଲ୍ୟାଣ ମଣ୍ଡପ ଭୂମିପୂଜନ କଲେ ଶ୍ରମ ମନ୍ତ୍ରୀ

**ରାଉରକେଲା,୧୯।୨(ସଙ୍ଗୀତା ଜେନା):** ବାସନ୍ତୀ କଲୋନୀ ଡିଏଭି ପୋଖରୀ ସମ୍ମୁଖରେ ସୋମବାର କଲ୍ୟାଣ ମଣ୍ଡପର ଭୂମିପୂଜନ ଓ ଅନ୍ୟାନ୍ୟ ପ୍ରକଳ୍ପର ଶୁଭ ପ୍ରଦାନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଲ୍ୟାଣ ମଣ୍ଡପର ଭୂମିପୂଜନ କରିଥିଲେ। ୪ ଏକର ପରିମିତ ଜମିରେ ପ୍ରାୟ ୨କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହା ନିର୍ମାଣ ହେବ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ରାଉରକେଲା ବିଜେଡ଼ି ନଗର ସଭାପତି ଗଗନ ପଣ୍ଡା, ବରିଷ୍ଠ ନେତା ତଥା ଆଇନଜୀବୀ ସୁଦାମ ଦାଶ, ପ୍ରବକ୍ତା ଜୟନ୍ତ ମିଶ୍ର, ଶ୍ରୀବତ୍ସ କୁମାର, ସୁକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

### ପୂର୍ବତନ ଆଥଲେଟଙ୍କ ପରଲୋକ



**ରାଉରକେଲା,୧୯।୨(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ହମିରପୁର ସ୍ଥିତ ନିଜ ବାସ ଭବନରେ ଆଥ୍‌ଲେଟ୍ ଲୁକାସ ପ୍ରକାଶ ମିଞ୍ଜଙ୍କ ପରଲୋକ ହୋଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ୧୯୬୯ରୁ ୧୯୭୨ ଯାଏ ଅନୁଷ୍ଠିତ ଦୌଡ ପ୍ରତିଯୋଗିତାରେ ଲୁକାସ ରାଜ୍ୟରେ ଚାମ୍ପିୟନ ହେବା ପରେ ଖେଳ ପ୍ରତିଭା ଭାବେ ଆର୍‌ଏସ୍‌ପିରେ ଚାକିରି କରିଥିଲେ। ୧୯୭୨ରୁ ୧୯୮୦ ଯାଏ ଇଣ୍ଟର ଷ୍ଟିଲ ଦୌଡ ପ୍ରତିଯୋଗିତାରେ ସେ ମେଡାଲ ବିଜେତା ହୋଇଥିଲେ। ଗତ କିଛି ଦିନ ଧରି ଲୁକାସ ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁରେ ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନ ସମ୍ପାଦକ ଦେବଦତ୍ତ ଜେନାଙ୍କ ସମେତ ଇଗ୍ନେସ ଏକ୍କା, ତେଜ କୁମାର ତିର୍କୀ, ଅଭିରାମ ମହାନ୍ତି ଓ ପଞ୍ଚାନନ ଗନ୍ତାୟତ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଜଳିଗଲା ଦୋକାନ

**ଟିଟିଲାଗଡ଼, ୧୯।୨(ଶରତ ମିଶ୍ର)**

ଟିଟିଲାଗଡ ସହର କୋର୍ଟ ପାଖରେ ଥିବା ପ୍ରକାଶ ଗହୀରଙ୍କ ଟାଟୁ ତଥା ସ୍କ୍ରିନ ପ୍ରିଣ୍ଟିଂ ଦୋକାନ ସୋମବାର ସନ୍ଧ୍ୟାରେ ନିଆଁ ଲାଗି ଜଳିଯାଇଛି। ନିଆଁ ଲାଗିବା ପରେ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଥିବା ଟିଟିଲାଗଡ ଥାନା ଆଇଆଇସି ଅବନି ସାହୁ ମଧ୍ୟ ଅଗ୍ନିଶମ ବିଭାଗକୁ ଫୋନ କରିଥିଲେ। ବିଦ୍ୟୁତ ବିଭାଗ ଖବର ପାଇ ସଂଯୋଗ ବିଚ୍ଛିନ୍ନ କରିସାରିଥିଲା। ହେଲେ ବହୁ ସମୟ ପର୍ଯ୍ୟନ୍ତ ଦମକଳ ଆସି ନ ଥିଲା। ଦମକଳ ଗାଡି ପହଞ୍ଚିଲା ବେଳକୁ ଦୋକାନ ପ୍ରାୟ ଭସ୍ମୀଭୂତ ହୋଇସାରିଥିଲା। କ୍ଷତିଗ୍ରସ୍ତ ଦୋକାନୀଙ୍କୁ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

# ଗୃହ ଶ୍ରମିକଙ୍କ ଦାବି ପୂରଣ କର

**ଖବରଦାତା ସମ୍ମିଳନୀରେ ଦାବି ଉପସ୍ଥାପନ**

**ରାଉରକେଲା,୧୯।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସ୍ଥିତ ସୁନ୍ଦରଗଡ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ନିଖିଳ ଓଡ଼ିଶା ଗୃହ ମଜଦୁର ସଭା ପକ୍ଷରୁ ସହରର ଘରୋଇ କାମ କରୁଥିବା ଶ୍ରମିକମାନଙ୍କ ହକ୍ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ମଜଦୁର ସଭାର ରାଜ୍ୟ ସମ୍ପାଦକ ତଥା ନିଖିଳ ଓଡ଼ିଶା ଗୃହ ମଜଦୁର ସଭାର ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ରାଉରକେଲା ନିଖିଳ ଓଡ଼ିଶା ମଜଦୁର ସଭା ସଭାପତି ଚନ୍ଦ୍ରା ରାଓ ଗୃହ ଶ୍ରମିକଙ୍କ ଦାବିମାନ ଉପସ୍ଥାପନ କରିଥିଲେ। ରାଉରକେଲା ସହରରେ ଲକ୍ଷାଧିକ ଗୃହ ଶ୍ରମିକ ଅଛନ୍ତି। ସେମାନଙ୍କ ମଧ୍ୟରେ ସବୁଠାରୁ ବେଶୀ ମହିଳା ବର୍ଗର। ଗୃହ ଶ୍ରମିକମାନେ ସକାଳୁ ସନ୍ଧ୍ୟା ଯାଏ ରୋଷେଇରୁ ଆରମ୍ଭ କରି ସମସ୍ତ ଗୃହ କାର୍ଯ୍ୟ ସୂଚାରୁ ରୂପେ ତୁଲାଉଛନ୍ତି। ଏଣୁ ଅନ୍ୟ ଶ୍ରମିକ ମାନଙ୍କ ଭଳି ଗୃହ ଶ୍ରମିକମାନଙ୍କୁ ସହରୀ ଆବାସ ଯୋଜନାରେ ଗୃହ ପ୍ରଦାନ, ଖାଦ୍ୟ ନିରାପତ୍ତା ଯୋଜନାରେ ସାମିଲ, ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସରକାରୀ ବ୍ୟବସ୍ଥାରେ ତୃଣମୂଳ ସ୍ତରରେ ସଚେତନତା କରାଇବା, ଶ୍ରମିକ ପ୍ରମାଣପତ୍ର ପାଇଁ ନିଃଶୁଳ୍କ ପଞ୍ଜୀକରଣ ବ୍ୟବସ୍ଥା, ସରକାରୀ ନିଯୁକ୍ତି ଦାତା ଓ ଶ୍ରମିକ ମାନଙ୍କ ୫୦ପ୍ରତିଶତ ପ୍ରତିନିଧିଙ୍କ ସହ ତ୍ରିପାକ୍ଷିକ ବୋର୍ଡ ଗଠନ, ଇଏସ୍‌ଆଇ ଓ ପିଏଫରେ ଘରୋଇ ଶ୍ରମିକ ଅନ୍ତର୍ଭୁକ୍ତ ହେବା ଏବଂ ଗୃହ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରିବା ଆଦି ଦାବି ରହିଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଗୃହ ମଜଦୁର ସଭାର ସୁରବାଲୀ ବାଗ, ଜ୍ୟୋତ୍ସ୍ନା ପାଳ, ମୁକ୍ତା ବାଗେ, ବୃନ୍ଦି ବାରିକ, ପ୍ରମିଳା କିନ୍ଦୋ, ଲକ୍ଷ୍ମୀ ମେଦାକ, ହିମାଦ୍ରୀ ପ୍ରଧାନ, ସୁନୀତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ରାଉରକେଲା: ୨୨ କେନ୍ଦ୍ରରେ ୬୦୨୪ ମାଟ୍ରିକ୍ ପରୀକ୍ଷାର୍ଥୀ

**ରାଉରକେଲା,୧୯।୨(ଦିନେଶ ମିଶ୍ର)**

ଉଚ୍ଚ ମାଧ୍ୟମିକ ଶିକ୍ଷାବୋର୍ଡ ପକ୍ଷରୁ ମାଟ୍ରିକ ପରୀକ୍ଷା ସାରା ରାଜ୍ୟରେ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହିପରୀକ୍ଷା ମାର୍ଚ୍ଚ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ସୁନ୍ଦରଗଡ ଜିଲାରେ ୧୧୭ଟି କେନ୍ଦ୍ରରେ ମୋଟ ୨୪ ହଜାର ୬ଶହ ୮୩ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ୨୪,୬୩୦ଜଣ ରେଗୁଲାର ଏବଂ ୫୭ଜଣ ପରୀକ୍ଷା ଏକ୍ସରେଗୁଲାର ପରୀକ୍ଷା ଦେବେ। ସୁନ୍ଦରଗଡ ଜିଲାରେ ୪୦୫ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ମୋଟ ୨୦ଟି ନୋଡାଲ ସେଣ୍ଟର କରାଯାଇଛି। ସେହିପରି ରାଉରକେଲା ସହରରେ ଥିବା ୨୨ଟି ପରୀକ୍ଷା କେନ୍ଦ୍ରରେ ୬୦୨୪ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ରାଉରକେଲାରେ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ରକୁ କଡା ସୁରକ୍ଷା ବଳୟରେ ରଖିବା ପାଇଁ ୩ଟି ନୋଡାଲ ସେଣ୍ଟର ଯଥାକ୍ରମେ ଉଦିତନଗର ସରକାରୀ ହାଇସ୍କୁଲ, ସେକ୍ଟର-୨୦ ଏନ୍‌ଏସି(ଏସ୍‌ଟି) ହାଇସ୍କୁଲ ଏବଂ ସେକ୍ଟର-୧୮ ବିବେକାନନ୍ଦ ହାଇସ୍କୁଲରେ ବ୍ୟବସ୍ଥା କରାଯାଇଛି । ସକାଳ ସାଢେ ୭ଟାରେ ଏହି ନୋଡାଲ ସେଣ୍ଟରରୁ ବିଭିନ୍ନ ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର କଡା ସୁରକ୍ଷା ବଳୟରେ ନିଆଯିବ। ପରୀକ୍ଷାର ଘଣ୍ଟାଏ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରକୁ ଛଡାଯିବ। ପରୀକ୍ଷାର ୪୫ ମିନଟ୍ ପୂର୍ବରୁ ପ୍ରଶ୍ନପତ୍ର ପ୍ରଦାନ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ରାଉରକେଲାରେ ୭୦ଟି ସ୍କୁଲର ଛାତ୍ରୀଛାତ୍ରଙ୍କ ମାଟ୍ରିକ ପରୀକ୍ଷା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କଡାକଡି ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ୨ଜଣ ଶିକ୍ଷକ ଓ ୨ଜଣ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ପ୍ରଥମ ଦିନ ମାତୃଭାଷା ଓଡ଼ିଆ ପରୀକ୍ଷା ରହିଥିବା ସୂଚନା ମିଳିଛି। ଛାତ୍ରୀଛାତ୍ର ପରୀକ୍ଷା ହଲକୁ କୌଣସି ଇଲୋକ୍‌ଟ୍ରୋନିକ୍ ସାମଗ୍ରୀ, ବ୍ୟାଗ୍ ଆଦି ନେଇପାରିବେ ନାହିଁ। ସେମାନେ କେବଳ ପାଣିବୋତଲ, କମ୍ପାସ୍ ଓ ଆଡମିଟ୍ କାର୍ଡ ସହ ପରୀକ୍ଷା ପଟି ନେଇପାରିବେ ବୋଲି ଶିକ୍ଷାଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି।

## ସୋସିଆଲ ମିଡିଆରେ ପ୍ରେମ, ଧୋକା ଖାଇଲେ ପ୍ରେମିକ

**ଲାଠିକଟା,୧୯।୨(ରାମେଶ୍ୱର ଖାଡାଙ୍ଗା)**

ପ୍ରଥମେ ସୋଶିଆଲ ମିଡ଼ିଆରେ ପ୍ରେମ। ପରେ ବିବାହ ପ୍ରସଙ୍ଗ ଉଠିବାରୁ ପ୍ରେମିକା ନକଲି ବୋଲି ଜଣାପଡିଲା। ଫଳରେ ପ୍ରେମିକ ଧୋକା ଖାଇଥିବା ଲାଠିକଟା ସାରନଗରୀ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ନେଇ ଲାଠିକଟା ଥାନାରେ କୌଣସି ଏତଲା ହୋଇ ନ ଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ସାରନଗରୀ ଅଞ୍ଚଳର ଜଣେ ଯୁବକ ସୋଶିଆଲ ମିଡ଼ିଆରେ ଉତ୍ତରପ୍ରଦେଶର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଉଭୟଙ୍କ ମଧ୍ୟରେ ଦୈନିକ ଚାଟିଂ ହେଉଥିଲା। ଉଭୟ ବିବାହ ପାଇଁ ମଧ୍ୟ ସହମତି ପ୍ରକାଶ କରିଥିଲେ। ଯୁବକ ଜଣଙ୍କ ମାତାପିତାଙ୍କଠାରୁ ଅନୁମତି ନେଇ ବିବାହ ପାଇଁ ପ୍ରେମିକାଙ୍କୁ କହିଥିଲେ। ଘର ଲୋକ ରାଜି ନ ହେଲେ ଭଡାଘର ନେଇ ବିବାହ କରିବେ ବୋଲି ସମ୍ପୃକ୍ତ ଯୁବକ ଜଣଙ୍କ ଉକ୍ତ ଯୁବତୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଉଭୟଙ୍କ ବିବାହ ତାରିଖ ସ୍ଥିର ହେବାରୁ ପ୍ରେମିକା ବିବାହରୁ ଓହରିଗଲେ। ପରେ ଉକ୍ତ ଯୁବତୀଙ୍କ ସୋଶିଆଲ ମିଡ଼ିଆ ଆକାଉଣ୍ଟ ଯାଞ୍ଚ କରାଯିବାରୁ ତାଙ୍କ ନାମରେ ଅନ୍ୟ କେହି ଚାଟିଂ କରୁଥିଲେ। ପ୍ରକୃତପକ୍ଷେ ଯୁବତୀ ଜଣଙ୍କ ପୂର୍ବରୁ ବିବାହିତା ଓ ତାଙ୍କର ସନ୍ତାନ ଅଛନ୍ତି ବୋଲି ଜଣାପଡ଼ିଥିଲା।

## କ୍ରିକେଟ ଟୁର୍ନାମେଣ୍ଟ: ରାଏଡିହି ଚାମ୍ପିୟନ

**ବାଲିଶଙ୍କରା,୧୯।୨(ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ କୁସୁମୁରା ପଞ୍ଚାୟତ ରାଏଡିହୀ ଚର୍ଚ୍ଚ ଖେଳ ପଡିଆରେ ରାଏଡିହୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଏହି କ୍ରିକେଟ ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲା। ଫାଇନାଲ ମ୍ୟାଚ ରାଏଡିହୀ ଓ ତଲସରା ଦଳ ମଧ୍ୟରେ ହୋଇଥିଲା। ରାଏଡିହୀ ଚାମ୍ପିୟନ ହୋଇଥିବାବେଳେ ତଲସରା ଦ୍ୱିତୀୟ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଧ୍ରୁବ କାଲୋ, ସମ୍ମାନିତ ଅତିଥି କଳିନ୍ଦ୍ର କାଲୋ, ମହେଶ୍ୱର ବୁଡା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଜେତା ଦଳ ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ତୁଷାର କଉଡ଼ି ଓ ଦିବ୍ୟ ଷଣ୍ଢ ତୁଲାଇଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୨୫୦ରୁ ଊର୍ଦ୍ଧ୍ୱ ରୋଗୀ


ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ରାଉରକେଲା,୧୯।୨(ଦିନେଶ ମିଶ୍ର)**

ଆପୋଲୋ ହସ୍ପିଟାଲ ଓ ଗୋପବନ୍ଧୁ ପାଠାଗାରର ମିଳିତ ଆନୁକୂଲ୍ୟରେ ରାଉରକେଲାଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆପୋଲୋ ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ମିଳନ କୁମାର ଶତପଥୀ, ମେଡିସିନ ବିଭାଗର ଡାକ୍ତର ପ୍ରିୟଙ୍କା, ଅସ୍ଥିଶଲ୍ୟ ବିଭାଗର ଡାକ୍ତର ବରୁଣ କୁମାର ପଟେଲ, ସ୍ନାୟୁ ବିଭାଗର ଡାକ୍ତର ଦୀପ୍ତିରଞ୍ଜନ ତ୍ରିପାଠୀ, ଡାକ୍ତର ଅଭିଜିତ ସାମଲ, ଶ୍ୱାସ ବିଭାଗର ଡାକ୍ତର ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ରାଉରକେଲା ତଥା ଆଖପାଖ ଅଞ୍ଚଳର ୨୫୦ରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଆପୋଲୋ ହସ୍ପିଟାଲର ମାର୍କେଟିଂ ମୁଖ୍ୟ ବିଶ୍ୱଜିତ ବଳଙ୍କ ନେତୃତ୍ୱରେ ରତ୍ନ କୁମାରୀ, ପୁଷ୍ପା କିଷାନ, ଚନ୍ଦ୍ରମା କଓଏଥ, ରୁନୁ ରାଉତ, ଶ୍ୟାମସୁନ୍ଦର ମହାରଣା, ପିଣ୍ଟୁ ଗୋଚ୍ଛାୟତ, ରବିନ ପ୍ରମୁଖ ସହଯୋଗ କରିଥିଲେ। ପାଠାଗାର ସଭାପତି ନବଘନ ସାହୁ ନେତୃତ୍ୱରେ ସାଧାରଣ ସମ୍ପାଦକ ହରିହର ଶତପଥୀ, ପାଠାଗାର ସମ୍ପାଦକ ଗିରିଜା ଶଙ୍କର ଗୋସ୍ୱାମୀ, କୋଷାଧ୍ୟକ୍ଷ ଲକ୍ଷ୍ମଣ ନାଥ ଦାସ, କୈଳାସ ଚନ୍ଦ୍ର ସାମଲ, ରାଧାମୋହନ ନାୟକ, ବିଶ୍ୱନାଥ ଜେନା, ରବି ସିଂ, ଗୋପାଳ ପ୍ରସାଦ ଜେନା, ଶ୍ରୀନିବାସ ରାୟ, ରବୀନ୍ଦ୍ର ସାହୁ, ସୂର୍ଯ୍ୟମଣି ପଣ୍ଡା, ଧ୍ରୁବଚରଣ ନାୟକ, ଦେବରାଜ ଗୌଡ, ଅଶୋକ ଶୁକ୍ଳ, ବିବେକାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟ୍ : ବନ୍ଧମୁଣ୍ଡା ଚାମ୍ପିୟନ



ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି।

**ରାଉରକେଲା,୧୯।୨(ଦିନେଶ ମିଶ୍ର)**

ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ଜିଏସ୍‌ଏ କ୍ଲବ ପକ୍ଷରୁ ଆୟୋଜିତ ପ୍ରଥମ ସୂର୍ଯ୍ୟକାନ୍ତ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ପଦ୍ମିନୀ ପାଣିଗ୍ରାହୀ ଓ କଳ୍ପନା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେଡି ନଗର ସଭାପତି ଗଗନ ପଣ୍ଡା, କେ. ସି. ଶତପଥୀ, ଶ୍ରୀନିବାସ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ୧୮ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ବନ୍ଧମୁଣ୍ଡା ଓ ବୀରମିତ୍ରପୁର ମଧ୍ୟରେ ଖେଳାଯାଇଥିଲା। ଏଥିରେ ବନ୍ଧମୁଣ୍ଡା ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ବାସୁଦେବ ବେହେରା ମାତ୍ର ୫୩ ବଲ ଖେଳି ସର୍ବାଧିକ ୭୦ ରନ ସଂଗ୍ରହ କରିଥିଲେ। ଜବାବରେ ବୀରମିତ୍ରପୁର ଦଳ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ୍ କରି ପରାଜିତ ହୋଇଥିଲା। ବୀରମିତ୍ରପୁର ଦଳ ପକ୍ଷରୁ ପ୍ରତୀକ ଖୁଣ୍ଟିଆ ସର୍ବାଧିକ ୨୯ ରନ କରିଥିଲେ। ଏଥିରେ ଚାମ୍ପିୟନ ଦଳ ବନ୍ଧମୁଣ୍ଡାକୁ ୨୧ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳ ବୀରମିତ୍ରପୁରକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅଙ୍କିତ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସାଜିଦ୍ ଇକବାଲଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଷ୍ଟ ବ୍ୟାଟର ଭାବେ ଅଙ୍କିତ ସିଂ, ବେଷ୍ଟ ବୋଲର କୌଶିକ ମହାନ୍ତି ଓ ବେଷ୍ଟ ଫିଲଡର ଭାବେ ରିଙ୍କେଶ ଖୁଣ୍ଟିଆଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମ୍ୟାଚ୍‌କୁ ସିଦ୍ଧାର୍ଥ ବାରିକ ଓ ପତିତପାବନ ପତି ପରିଚାଳନା କରିଥିବାବେଳେ ବିଶ୍ୱଜିତ ଚକ୍ରବର୍ତ୍ତୀ ରନ୍ ତଦାରଖ କରିଥିଲେ। କ୍ଲବର ସଭାପତି ଭାରତ ଭୂଷଣ ପରିଡା, ସମ୍ପାଦକ ସରୋଜ କୁମାର ପରିଡା, ଆଶିଷ କୁମାର ମିଶ୍ର, ସୂର୍ଯ୍ୟ ହାସଁଦା, ଜ୍ୟୋତି ପ୍ରକାଶ ଜେନା, ଜିତେନ ରଏ, ରାଜେନ୍ଦ୍ର ଜେନା, ଦୀପକ ବଳ, ଏମ୍‌ଡି. ସାଜିଦ୍, ମନୋଜ ବେହେରା, ଆଶିଷ ସାହୁ, ଅମରେଶ ଦାସ, ଲିଟନ ପାଢୀ, ଜିତ ଭଟ୍ଟାଚାର୍ଯ୍ୟ, ମୋହିତ ଭୋଇନା, ସୌମ୍ୟରଞ୍ଜନ ପ୍ରଧାନ, ଶୁସିଲ ଓଝା ପ୍ରମୁଖ ସହଯୋଗ କରିଥିଲେ।

## ଅଲେଖ ମହିମା ମଠ ବିଶ୍ରାମସ୍ଥଳୀ ଶିଳାନ୍ୟାସ

**ବାଲିଶଙ୍କରା,୧୯।୨(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ ତୁମୁଲିଆ ବାବିପଡାଠାରେ ଥିବା ଅଲେଖ ମହିମା ମଠ ପରିସରରେ ବାର୍ଷିକ ବ୍ରହ୍ମ ଯଜ୍ଞ ଅବସରରେ ସାଧୁ ସନ୍ଥଙ୍କ ରହଣି ପାଇଁ ଏକ ବିଶ୍ରାମ ସ୍ଥଳୀ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଅନ୍ତର୍ଭୁକ୍ତ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ବିଶ୍ରାମ ସ୍ଥଳୀର ଭିତ୍ତିପ୍ରସ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ବ୍ଲକ ବିଜେଡି ସଭାପତି କେଶବ ରଣା, ଶଙ୍କର ବାବା, କ୍ଷେତ୍ରବାସୀ ବାବା, ମୋହନ ଆପଟ, ହିରାଧର ମହାକୁଲ, କ୍ଷେତ୍ରଚନ୍ଦ୍ର ବାରିକ,ବିରଞ୍ଚି ଖିଲାର ପ୍ରମୁଖ ଯୋଗଦେଇଥିଲେ।

## କେନ୍ଦୁପତ୍ର ରେଞ୍ଜରେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

**ବାଲିଶଙ୍କରା,୧୯।୨(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ କେନ୍ଦୁପତ୍ର ରେଞ୍ଜ ପରିସରରେ ବନାଞ୍ଚଳସ୍ତରୀୟ ସ୍ଥାୟୀ ଅସ୍ଥାୟୀ ସିଜନାଲ କର୍ମଚାରୀଙ୍କୁ ନେଇ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଉରକେଲା ଡିଏଫଓ ଗୋକୁଳ ଚନ୍ଦ୍ର ପାଇକ ଯୋଗଦେଇଥିଲେ। ପ୍ରଶିକ୍ଷଣ ଦେଇଥିଲେ ରେଞ୍ଜର ଜୟଶ୍ରୀ ପ୍ରିୟଦର୍ଶନୀ, ପୂଜାରାଣୀ ଜ୍ୟୋତି, ସମ୍ମାନିତ ଅତିଥିଭାବେ ଦିଲୀପ ନାଏକ, ଯୋଗେଶ ପ୍ରତାପ ସିଂ, ଭବାନୀ ଶଙ୍କର ଦାସ, ଗିରିଧାରୀ ବାଡା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ପ୍ରଶିକ୍ଷଣରେ ସମସ୍ତ ମୁନସୀ, ଚେକର ଓ ସମସ୍ତ ସିଜନାଲ କର୍ମଚାରୀ ଭାଗ ନେଇଥିଲେ। ଶେଷରେ ଦିଲୀପ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦୟ କ୍ୱାଲିଟି ସର୍କଲ ଦଳ ସମ୍ବର୍ଦ୍ଧିତ

**ଅନ୍ତର୍ଜାତୀୟ ଗୁଣବତ୍ତା ସମ୍ମିଳନୀ**

**ରାଉରକେଲା,୧୯।୨(ବିପ୍ଳବ ରଞ୍ଜନ ଦାଶ)**

ଚୀନର ବେଜିଂଠାରେ ଆୟୋଜିତ କ୍ୱାଲିଟି କଣ୍ଟ୍ରୋଲ ସର୍କଲର ୪୮ତମ ସମ୍ମିଳନୀରେ ଆର୍‌ଏସ୍‌ପି ଅକ୍ସିଜେନ ପ୍ଲାଣ୍ଟ ଉଦୟ କ୍ୱାଲିଟି ସର୍କଲ ଦଳକୁ ସ୍ୱର୍ଣ୍ଣପଦକ ମିଳିଛି। ଏହି ଅବସରରେ ଆରଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଆର୍‌ଏସ୍‌ପି ସମ୍ମିଳନୀ କକ୍ଷରେ କ୍ୱାଲିଟି ସର୍କଲ ଦଳ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ମିଳନୀର ବିଷୟବସ୍ତୁରେ ଅଭିନବତା ଏବଂ ମହତ୍ୱ, ଗୁଣବତ୍ତାରେ ସୁନ୍ଦରତାକୁ ଆଲୋକିତ କରିବା ପର୍ଯ୍ୟବେଶିତ ଥିବାବେଳେ ଅକ୍ସିଜେନ ପ୍ଲାଣ୍ଟର ଜିଏମ ଉଲ୍ଲାସ କୁମାର ଭୁଜବଳଙ୍କ ନେତୃତ୍ୱରେ ଜୁନିୟର ଅଫିସର ଗୋପାଳ ଚନ୍ଦ୍ର ବଡଭୂୟାଁ, ଏମ୍‌ଓଏମ୍‌ଟି ଲକ୍ଷ୍ମୀଧର ବରାଳ, ରବି ନାରାୟଣ ନାୟକ, ଏସିଟି ନିରଞ୍ଜନ ରାଉତ ଏବଂ ଫେସିଲିଟେଟର ଜୁନିୟର ଅଫିସର ଏସ୍. କେ. ପଟେଲଙ୍କୁ ନେଇ ଗଠିତ ଉଦୟ କ୍ୱାଲିଟି ସର୍କଲ ଦଳ ଦ୍ୱାରା ପ୍ରସ୍ତୁତ ଏଏସ୍‌ୟୁ-୩ ର ମୁଖ୍ୟ ଏୟାର କମ୍ପ୍ରେସରରେ ହାଇ ଲ୍ୟୁବ ତୈଳ ତାପମାତ୍ରା ସ୍ୱର୍ଣ୍ଣ ପଦକ ଜିତିବାରେ ସହାୟକ ହୋଇଥିଲା। ଆରଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, କାର୍ମିକ ଓ ପ୍ରଶାସନ ବିଭାଗ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ସିଜିଏମ୍ ଆଇରନ ବି. ଆର. ପଲାଇ ଓ ଅନ୍ୟ ସିଜିଏମ ତଥା ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ସ୍ୱର୍ଣ୍ଣପଦକ ହାସଲ କରିଥିବା ଦଳକୁ ସମ୍ବର୍ଦ୍ଧିତ କରାଯାଉଛି।

# ଏନ୍‌ଆଇଟିରେ ସ୍କିଲ୍ ଇଣ୍ଡିଆ ଦିନିକିଆ କର୍ମଶାଳା

**ରାଉରକେଲା,୧୯।୨(ସଙ୍ଗୀତା ଜେନା)**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ପକ୍ଷରୁ ସୋମବାର ଶିଳ୍ପ ୪.୦ ଦକ୍ଷ କର୍ମଜୀବୀ ବିକାଶରେ ସ୍କିଲ୍ ଇଣ୍ଡିଆ ମିଶନ୍ (ପିଏମ୍‌କେଭିୱାଇ)ର ଭୂମିକା' ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଏନ୍‌ଆଇଟି ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ପ୍ରଫେସର ରାଜୀବ ପଣ୍ଡା ଓ ଖାଦ୍ୟ ପ୍ରକ୍ରିୟାକରଣ ପ୍ରଫେସର ରାମଚନ୍ଦ୍ର ପ୍ରଧାନଙ୍କୁ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ୍ କାଉନସିଲ୍ ଅଫ୍ ସୋସିଆଲ୍ ସାଇନ୍ସ ରିସର୍ଚ୍ଚ (ଆଇସିଏସ୍‌ଏସ୍‌ଆର୍) ପକ୍ଷରୁ ସ୍କିଲ ଇଣ୍ଡିଆ ମିଶନ୍‌ରେ ୬ମାସିକ ପ୍ରକଳ୍ପ ପ୍ରଦାନ କରାଯାଇଛି। ପ୍ରକଳ୍ପର ଫଳାଫଳ ବିସ୍ତାର କରିବାକୁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପନା କଲ୍ୟାଣ ଡିନ୍ ପ୍ରଫେସର ଚନ୍ଦନ ସାହୁ ଯୋଗଦେଇ ପରିବେଶ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ପରିବେଶ ପରିଚାଳନା ପାଇଁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ରହିଛି। ପରିବେଶ ନିୟନ୍ତ୍ରଣ ପାଇଁ ନିରନ୍ତର ପ୍ରୟାସ ଅତ୍ୟନ୍ତ ଜରୁରୀ ବୋଲି ସାହୁ କହିଥିଲେ। ରାଉରକେଲା ଚାମ୍ବର ଅଫ୍ କମର୍ସର ସଭାପତି ସୁନୀଲ କୟାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଖାଦ୍ୟ ପ୍ରକ୍ରିୟାକରଣ ସମ୍ପ୍ରତି ଭାରି ଉଦ୍ୟୋଗରେ ପରିଣତ ହୋଇଛି। ଏହା ଦେଶର ଅର୍ଥନୀତି ଅଭିବୃଦ୍ଧି ପାଇଁ ସହାୟକ ହୋଇଛି ବୋଲି କୟାଲ ମତପୋଷଣ କରିଥିଲେ। କର୍ମଶାଳାରେ ଉଦ୍ୟୋଗୀ, ଗବେଷକ, ଏସ୍‌ଏଚ୍‌ଜି ଗୋଷ୍ଠୀ ସମେତ ଓଡ଼ିଶା, ଝାଡଖଣ୍ଡ, ପଶ୍ଚିମବଙ୍ଗରୁ ୬୦ ଜଣ ଅଂଶଗ୍ରହଣ କରିଥିଲେ। ୪ଟି ଟେକ୍ନିକାଲ ଅଧିବେଶନରେ କର୍ମଶାଳା ଆୟୋଜିତ ହୋଇଥିଲା। ଏଫ୍‌ଟିବିଆଇର ସିଇଓ ଚିରଞ୍ଜିବୀ ସାମଲ ପ୍ରଥମ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ପ୍ରଫେସର ମୟଙ୍କ ଯାଦବ ସ୍କିଲ ଇଣ୍ଡିଆ ମିଶନ୍ ଏବଂ ଇଣ୍ଡଷ୍ଟ୍ରିଜ ୪.୦ ପାଇଁ ସ୍କିଲ୍ ଗ୍ୟାପ୍ ବିଷୟରେ ଆଲୋଚନା କରିଥିଲେ। ତୃତୀୟ ଅଧିବେଶନରେ ପ୍ରଫେସର ତନୁଜ ନେଗି ଓ ବାୟୋଟେକ୍ ଆଗ୍ରିନୋଭେଶନ୍ ପ୍ରାଇଭେଟ୍ ଲିମିଟେଡ୍ ଫାର୍ମ ପ୍ରତିଷ୍ଠାତା ସୀତାରାଣୀ ସାହୁ ଯୋଗ ଦେଇଥିଲେ। ଶେଷ ଅଧିବେଶନରେ ଆର୍‌ଏସ୍‌ପି ଜେନେରାଲ ମ୍ୟାନେଜର ବି. ସୁନୀଲ କାର୍ତ୍ତା ଓ କରୋସିଆ ଟେକ୍‌ନୋଲୋଜିର ପ୍ରତିଷ୍ଠାତା ଦେବେନ୍ଦ୍ର ପ୍ରଧାନ, କୋଏଲ ଫ୍ରେଶ୍‌ର ଆଶୁତୋଷ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରାଜୀବ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ସରକାରଙ୍କ ଯୋଜନା ଅବଗତ କଲେ ଜନପ୍ରତିନିଧି, ଅଧିକାରୀ

କୁଚିଣ୍ଡା,୧୯।୨ (ବିରଞ୍ଚି ଦର୍ଜୀ)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ତେଲିତିଲେଇମାଲ ଓ ଟାଇଁସର ପଞ୍ଚାୟତରେ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତେଲିତିଲେଇମାଲ କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ସରପଞ୍ଚ ପ୍ରମୋଦ କିଷାନ, ସମିତିସଭ୍ୟା ସ୍ୱର୍ଣ୍ଣଲତା ଅଡ଼ା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିପିଡ଼ିଓ ମନ୍ତ୍ରରାମ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କନିଷ୍ଠଯନ୍ତ୍ରୀ କ୍ଷେତ୍ରସିଂ ମାଝି, ବିପିସି ଦେବାଶିଷ ଦାସ, ପିଇଓ ମନୋଜ ପଟେଲ ସହଯୋଗ କରିଥିଲେ। ସେହିପରି ଟାଇଁସର ପଞ୍ଚାୟତରେ ଏବିଡ଼ିଓ ସହଦେବ ନନ୍ଦ, ସରପଞ୍ଚ ରାଜେନ୍ଦ୍ର କିଷାନ, ସମିତିସଭ୍ୟ ଖଗେଶ୍ୱର କିଷାନ, ବିଧାୟକ ପ୍ରତିନିଧି ଅମୂଲ୍ୟ ମିଶ୍ର, କନିଷ୍ଠ ଯନ୍ତ୍ରୀ ଗିରିଶ ତନ୍ତୀ, ପିଇଓ କିଶୋର କୁମାର ଖିଂଡ଼ି ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅତିଥିଗଣ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ। ବିଭିନ୍ନ ଯୋଜନା ସମ୍ପର୍କିତ ଏକ ସଚେତନତା ପାଲା ପରିବେଷଣ କରାଯାଇଥିଲା। ପରେ କୁଚିଣ୍ଡା ପଞ୍ଚାୟତ ସମିତିର ସଫଳ ଯୋଜନା ବିଷୟରେ ଏକ ଭିଡ଼ିଓ ପ୍ରଦର୍ଶନ ସହ ଆମ ପଞ୍ଚାୟତ ବିକାଶ ପୁସ୍ତିକା ଉନ୍ମୋଚନ କରି ଲୋକଙ୍କୁ ବଣ୍ଟନ କରାଯାଇଥିଲା। ତେଲିତିଲେଇମାଲରେ ବିଧାୟକ ନାଏକ ନୂତନ ହିତାଧିକାରୀଙ୍କୁ ଭତ୍ତା,ଖେଳାଳିଙ୍କୁ ପୋଷାକ ଏବଂ ରାଶନକାର୍ଡ ହିତାଧିକାରୀଙ୍କୁ ଝୋଟ ବ୍ୟାଗ ବଣ୍ଟନ କରିଥିଲେ।

### ସମ୍ବଲପୁରୀ ଭାଷା ସଂସ୍କୃତି ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୯।୨ (ଭବାନୀ ଶଙ୍କର ଭୋଇ)

ଆସନ୍ତା ୨୫ରେ ସମ୍ବଲପୁରରେ ପଶ୍ଚିମ ଓଡ଼ିଶା ସ୍ତରୀୟ ସମ୍ବଲପୁରୀ ଭାଷା ସଂସ୍କୃତି ସମ୍ମିଳନୀ ଆୟୋଜନ ପାଇଁ ସୋମବାର ପ୍ରଫୁଲ୍ଲ ହୋତାଙ୍କ ସଭାପତିତ୍ୱରେ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ ପଶ୍ଚିମ ଓଡ଼ିଶାର ୧୦ ଜିଲାରୁ କବି, ଲେଖକ ଓ ଗବେଷକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ସମ୍ବଲପୁରୀ ଭାଷାର ଉଦ୍ଭବ ଓ ବିକାଶ ଶୀର୍ଷକରେ ଆଲୋଚନାଚକ୍ର ହେବ। ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନ ଦେବାପାଇଁ ଦାବି ହୋଇଆସୁଥିବା ବେଳେ ସମ୍ବଲପୁରୀ ଭାଷାର ଇତିହାସ ଏବଂ ବିକାଶଧାରା ଉପରେ ଆଲୋଚନା ଦାବି ପୂରଣ ଦିଗରେ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା। ସମ୍ମିଳନୀରେ ଉପସ୍ଥାପିତ ହେବାକୁ ଥିବା ଗବେଷଣାତ୍ମକ ତଥ୍ୟ ପ୍ରକାଶିତ କରି ଭବିଷ୍ୟତର ଗବେଷକମାନଙ୍କ ପାଇଁ ସଂରକ୍ଷିତ କରିବାକୁ ବୈଠକରେ ସ୍ଥିର ହୋଇଥିଲା। ବୈଠକରେ ଗବେଷକ ଡ. ଶ୍ୟାମସୁନ୍ଦର ଧର, ଡ. ଗୌରୀଦାସ ପ୍ରଧାନ, ଡ. ସିଦ୍ଧାର୍ଥ ପଣ୍ଡା, ଡ. ସତ୍ୟନାରାୟଣ ଠାକୁର, ବୟୋଜ୍ୟେଷ୍ଠ ଅରବିନ୍ଦ ମହାପାତ୍ର, ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ଅଶୋକ ମିଶ୍ର, ଲକ୍ଷ୍ମୀନାରାୟଣ ପଣ୍ଡା, କଳ୍ପନା ମିଶ୍ର, ସୁରେଖା ସାହୁ, ଶଶିଭୂଷଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ମତ ଉପସ୍ଥାପନ କରିଥିଲେ। ଶେଷରେ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ସମ୍ପାଦକ ପ୍ରଶାନ୍ତ ପାଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

# ତୀର୍ଥଯାତ୍ରାରେ ଗଲେ ୮ ଜିଲାର ୯୭୦ ବରିଷ୍ଠ ନାଗରିକ

- ଆଭାସି ଜରିଆରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ସମ୍ବଲପୁରରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କଲେ ପରିବହନ ମନ୍ତ୍ରୀ

ସମ୍ବଲପୁର,୧୯।୨ (ପ୍ରମୋଦ ବହିଦାର)


ଟ୍ରେନ୍‌ଯାତ୍ରା ଶୁଭାରମ୍ଭ କରିବା ଅବସରରେ ମନ୍ତ୍ରୀ ଟୁକୁନି ସାହୁଙ୍କ ସହ ଅତିଥିମାନେ।

ପଶ୍ଚିମ ଓଡ଼ିଶାର ୮ ଜିଲାରୁ ମୋଟ ୯୭୦ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ନେଇ ସମ୍ବଲପୁରରୁ ସୋମବାର ଆଜମେର-ପୁଷ୍କର ଅଭିମୁଖେ ବାହାରିଛି ତୃତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ତୀର୍ଥଯାତ୍ରୀ ଟ୍ରେନ୍। ସମ୍ବଲପୁର, ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼ ଓ ଅନୁଗୋଳ ଜିଲାର ମହିଳା ଓ ପୁରୁଷ ବରିଷ୍ଠ ନାଗରିକଙ୍କୁ ନେଇ ସମ୍ବଲପୁର ରେଳଷ୍ଟେଶନରୁ ବାହାରିଥିବା ଏହି ସ୍ୱତନ୍ତ୍ର ତୀର୍ଥଯାତ୍ରୀ ଟ୍ରେନ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ପୂର୍ବାହ୍ନ ୧୧ଟା ସମୟରେ ଉଦ୍‌ଘାଟନ କରିଥିଲେ। ରେଳ ଷ୍ଟେଶନରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ତୀର୍ଥସ୍ଥାନ ପରିଭ୍ରମଣର ଦିବ୍ୟ ଅନୁଭୂତି ଲାଭ ପାଇଁ ଶୁଭକାମନା ଜଣାଇଥିଲେ। ଏହି ଯାତ୍ରା ସମୟରେ ରେଳ ଷ୍ଟେଶନରେ ସମ୍ବଲପୁରୀ ନୃତ୍ୟ, ଘଣ୍ଟ, ଶଙ୍ଖ, ଦୁଲଦୁଲି ବାଜା ସହ ହୁଳହୁଳି ଓ ହରିବୋଲ ଧ୍ୱନିର ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

ସୂଚନାଯୋଗ୍ୟ ଏହି ସ୍ୱତନ୍ତ୍ର ଟ୍ରେନ୍‌ରେ ସମ୍ବଲପୁର ଜିଲାରୁ ୧୧୨, ସୁବର୍ଣ୍ଣପୁର ୬୫, ବରଗଡ଼ ୧୫୯, ବଲାଙ୍ଗୀର ୧୭୭, ଝାରସୁଗୁଡ଼ା ୬୨, ସୁନ୍ଦରଗଡ଼୨୨୫, ଦେବଗଡ଼ ୩୩ ଓ ଅନୁଗୋଳ ଜିଲାରୁ ୧୩୭ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ କରିଛନ୍ତି। ଆସନ୍ତା ୨୪ ତାରିଖରେ ତୀର୍ଥଯାତ୍ରୀ ଦଳ ସମ୍ବଲପୁର ଫେରି ଆସିବା କାର୍ଯ୍ୟକ୍ରମ ରହିଛି। ୫ ରାତି ଓ ୬ ଦିନର ଏହି ତୀର୍ଥଯାତ୍ରା ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୀର୍ଥଯାତ୍ରୀମାନଙ୍କ ନିଃଶୁଳ୍କ ଯାତ୍ରା ସହ ସେମାନଙ୍କ ରହଣି, ଖାଇବା ତଥା ଅନ୍ୟାନ୍ୟ ଆବଶ୍ୟକତା ପୂରଣ ଦିଗରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଇଛି। ତୀର୍ଥଯାତ୍ରୀଙ୍କ ଯତ୍ନ ପାଇଁ ୩୦ ଜଣ ଏସ୍କଟ ଅଧିକାରୀ ସହଯାତ୍ରୀ ଭାବେ ଟ୍ରେନ୍‌ରେ ଯାତ୍ରା କରୁଛନ୍ତି। ଆଇଆର୍‌ସିଟିସି ପକ୍ଷରୁ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କ ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭର୍ତ୍ତି ଗୋଟିଏ ଲେଖାଏ କିଟ୍ ବ୍ୟାଗ୍ ପ୍ରଦାନ କରାଯାଇଛି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାର ପରାମର୍ଶଦାତା ଦୁର୍ଗା ପ୍ରସାଦ ସାମନ୍ତରାୟ, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀକାନ୍ତ ପୃଷ୍ଟି, ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ସମିତ କୁମାର ଗଡ଼ନାୟକ ଓ ଅଜାମ୍ବର ମହାନ୍ତି, ସଦର ତହସିଲଦାର ମନୋଜ କୁମାର କୁଜୁର, ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଉପଦେଷ୍ଟା ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଓଡ଼ିଶାର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର ଲୋକାର୍ପଣ କରିବେ ଧର୍ମେନ୍ଦ୍ର

ଭୁବନେଶ୍ୱର,୧୯।୨ (ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ସମ୍ବଲପୁରରେ ଓଡ଼ିଶାର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟରର ଲୋକାର୍ପଣ କରିବେ। ଏହାସହ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସନ୍ଥକବି ଭୀମ ଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଉପରେ ୬ଟି ଡାକ ଟିକେଟର ଉନ୍ମୋଚନ ସହ ୪୨ଟି ଡାକଘର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଧର୍ମେନ୍ଦ୍ର ପ୍ରଥମେ ସମ୍ବଲପୁର ରେଳ ଷ୍ଟେଶନରେ ସମ୍ବଲପୁର-ଦର୍ଶନ ନଗର-ସମ୍ବଲପୁର ଆସ୍ଥା ସ୍ୱତନ୍ତ୍ର ଟ୍ରେନର ଶୁଭାରମ୍ଭ କରିବେ। ସମ୍ବଲପୁର ଭେଦିକ ଆନ୍ତର୍ଜାତିକ ସ୍କୁଲରେ ରୋବୋଟିକ୍ ସେଣ୍ଟରର ଲୋକାର୍ପଣ କରିବେ। ଏହାପରେ ମାଝିପାଲିଠାରେ ଓଡ଼ିଶାର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟନ କରିବା ନେଇ କାର୍ଯ୍ୟସୂଚୀ ରହିଛି। ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଉଦ୍‌ଘାଟିତ ଓ ଶିଳାନ୍ୟାସ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଡ଼ି ହେବେ। ସେହିପରି ପ୍ରଧାନମନ୍ତ୍ରୀ ସମ୍ବଲପୁର ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ବହୁମୁଖୀ ସଭାଗୃହର ଶିଳାନ୍ୟାସ, ଫୁଟବଲ ଫର୍ ସ୍କୁଲ୍(ଏଫ୪ଏସ୍) କାର୍ଯ୍ୟକ୍ରମର ଶୁଭାରମ୍ଭ ବ୍ୟତୀତ ଦେଶବ୍ୟାପୀ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟର ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିବେ।

# ଟ୍ରଲିରେ ମଶାଣିକୁ ଗଲା ବୃଦ୍ଧାଙ୍କ ମୃତଦେହ

## ଝିଅମାନେ ଅନ୍ୟ ଜାତିରେ ବିବାହ କରିଥିବାରୁ କାନ୍ଧ ଦେବାକୁ ଆସିଲେନି

କୁଚିଣ୍ଡା,୧୯।୨ (ବିରଞ୍ଚି ଦର୍ଜୀ)


ଟ୍ରଲିରେ ମୃତଦେହ ମଶାଣିକୁ ନିଆଯାଉଛି।

ସ୍ୱାଧୀନତାର ୭୭ବର୍ଷ ପରେ ବି ମଣିଷ ଅନ୍ଧବିଶ୍ୱାସରୁ ନିଜକୁ ମୁକୁଳାଇପାରି ନାହିଁ। ଝିଅମାନେ ଅନ୍ୟ ଜାତିରେ ବିବାହ କରିଥିବାରୁ ମା'ଙ୍କ ମୃତଦେହକୁ ଜାତିଭାଇ ଛୁଇଁଲେ ନାହିଁ କି କାନ୍ଧଦେବାକୁ ଆସିଲେନି। ଶେଷରେ ଟ୍ରଲି ରିକ୍ସାରେ ମୃତଦେହ ମଶାଣିକୁ ଗଲା। ସୋମବାର ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ସମ୍ବଲପୁର ଜିଲା କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ.୫ ବଡ଼ପଡ଼ାଠାରେ।

କୁଚିଣ୍ଡା ଉପଖଣ୍ଡ ମୁଖ୍ୟାଳୟ ନିକଟରେ ଆଦିବାସୀ ଅଧ୍ୟୁଷିତ ବଡ଼ପଡ଼ା ଗ୍ରାମ ରହିଛି। ଏଠାରେ ବହୁଳ ଭାବେ ଆଦିବାସୀ କିଷାନ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ବୃଦ୍ଧା ଗୋମତି ଛତ୍ରିଆ (୭୦) ଏହି ବଡ଼ପଡ଼ାରେ ରୁହନ୍ତି। ଗତ କିଛିବର୍ଷ ପୂର୍ବେ ସ୍ୱାମୀ ତାଙ୍କୁ ଛାଡି ଆରପାରିକୁ ଚାଲିଗଲେ। ତାଙ୍କର ପୁଅ ନ ଥିବାବେଳେ କେବଳ ୭ଝିଅ ଅଛନ୍ତି। ସେଥିମଧ୍ୟରୁ ୩ଝିଅ ନିଜ ସମ୍ପ୍ରଦାୟ ଛାଡି ଅନ୍ୟ ଜାତିରେ କୁଆଡେ ବିବାହ କରିଥିବା ଏବଂ ଗୋମତି ଝିଅମାନଙ୍କ ଘରକୁ ଯାଇ ଖିଆପିଆ କରୁଥିବା ନେଇ ସମାଜ ଚଳଣିରୁ ଜାତି ଭାଇମାନେ ଦୂରେଇ ଯାଇଥିଲେ। ଏପରିସ୍ଥିତିରେ ହଠାତ୍ ସୋମବାର ଅପରାହ୍ନରେ ଗୋମତିଙ୍କ ମୃତ୍ୟୁ ହୋଇଥିଲା। ଝିଅମାନେ ଜାତିଭାଇଙ୍କ ପାଖରେ ମୃତଦେହ କାନ୍ଧ ଦେବାକୁ କାକୁତିମିନତି ହୋଇଥିଲେ। ମାତ୍ର ସେମାନେ କାନ୍ଧ ଦେବାକୁ ରୋକଠୋକ ମନା କରିଦେଇଥିଲେ। କାନ୍ଧ ପାଇଁ କେହି ନ ଆସିବାରୁ ଶେଷରେ ବୃଦ୍ଧାଙ୍କ ପୁତୁରା ସୁଶାନ୍ତ ଛତ୍ରିଆ ଓ ଜ୍ୱାଇଁ ଏକ ଟ୍ରଲି ରିକ୍ସା ଯୋଗାଡ଼ କରି ମୃତଦେହ ମଶାଣିକୁ ନେଇ ଅନ୍ତିମ ସଂସ୍କାର କରିଥିଲେ। ପ୍ରଶାସନର ନାକ ତଳେ ଦେଖାଦେଇଥିବା ଏଭଳି କୁତ୍ସିତ ପରମ୍ପରା ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ମୃତାଙ୍କ ପୁତୁରା କିମ୍ବା ଝିଅ ଜ୍ୱାଇଁମାନେ ଏ ନେଇ ପୋଲିସ କିମ୍ବା ପ୍ରଶାସନକୁ ଅବଗତ କରି ନ ଥିବା ଜଣାଯାଇଛି।

## ସଂସ୍କୃତି, ପରମ୍ପରା ଶୀର୍ଷକ ମେରୁ ଉତ୍ସବ

ସମ୍ବଲପୁର,୧୯।୨ (ବି.ଶଙ୍କର)

ସମ୍ବଲପୁର ଜିଲା କୁଚିଣ୍ଡା ସ୍ଥିତ ଅଭୟ ଆର୍ଟ ଏକାଡେମୀ ପକ୍ଷରୁ ସଂସ୍କୃତି ଓ ପରମ୍ପରା ଶୀର୍ଷକ ମେରୁ ଉତ୍ସବ ରବିବାର ରାତିରେ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପଙ୍କଜିନି ସାହୁଙ୍କ ଅଧ୍ୟକ୍ଷତା ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ରିଙ୍କୁ ସାହୁଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ପଦ୍ମଶ୍ରୀ କ୍ରିଷ୍ଣା ପଟେଲ, ଦେବଦତ୍ତ ମିଶ୍ର, ସୁଶ୍ରୀ ସୌଗତା ଷଡ଼ଙ୍ଗୀ, ଅନୁଷ୍ଠାନର ଟ୍ରଷ୍ଟି ନିରଞ୍ଜନ ସାହୁ, କଳା ଓ ସଂସ୍କୃତି ଗବେଷକ ମୋହନ ସାହୁ, ଅର୍ଜ୍ଜୁନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜୀବନବ୍ୟାପୀ ସାଧନା ସକାଶେ ଶବ୍ଦ ନୃତ୍ୟ ଗୁରୁ ଭାଗବତ ପ୍ରଧାନଙ୍କୁ ମେରୁ ସମ୍ମାନ - ୨୦୨୪ରେ ସମ୍ମାନିତ କରାଯାଇଥିଲା। ଏଥିସହ ସାହିତ୍ୟ ସାଧନା ନିମନ୍ତେ ପଦ୍ମଶ୍ରୀ ବିନୋଦ ପଶାୟତ, ସମ୍ବଲପୁରୀ ଲୋକନୃତ୍ୟ ଗୁରୁ ରଞ୍ଜିତ ନାଗ, ସଙ୍ଗୀତଜ୍ଞ ତୁଲାରାମ କଲେତଙ୍କୁ ମଧ୍ୟ ମେରୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱରରୁ ଆସିଥିବା ଗାନ୍ଧର୍ବିକା ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ସମ୍ବଲପୁରରେ ଲକ୍ଷ୍ମୀ ବସ୍‌ସେବା ଉଦ୍‌ଘାଟିତ

## ୯ ବ୍ଲକ୍‌ର ୯୭ ପଞ୍ଚାୟତକୁ ୩୧ ଲକ୍ଷ୍ମୀ ବସ୍‌ସେବା ଆରମ୍ଭ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମବେତ ଜନତା।

ସମ୍ବଲପୁର,୧୯।୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ସୋମବାରଠାରୁ ଲକ୍ଷ୍ମୀ ବସ୍ ଯୋଜନାରେ ସାମିଲ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭାସି ଜରିଆରେ ଏହି ଯୋଜନାର ଶୁଭାରମ୍ଭକରି ଗାଁ ଲୋକମାନେ ଏହା ମାଧ୍ୟମରେ ସୁବିଧାରେ ଓ କମ୍ ଖର୍ଚ୍ଚରେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ ବୋଲି କହିଥିଲେ। ସମ୍ବଲପୁର ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡ଼ିଆଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଥିଲେ, ଲକ୍ଷ୍ମୀ ବସ୍ କେବଳ ଏକ ବସ୍ ସେବା ନୁହେଁ, ଗ୍ରାମାଞ୍ଚଳ ମହିଳାମାନଙ୍କୁ ସଶକ୍ତ ଓ ସମୃଦ୍ଧ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କର ଏହା ଏକ ସଫଳତମ ପ୍ରଚେଷ୍ଟା। ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ଉପସ୍ଥିତ ରହିଥିଲେ। ଏଥିରେ ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ମହିଳା ସାମିଲ ହୋଇଥିଲେ। ଜିଲାର ୯ ବ୍ଲକର ୯୭ ପଞ୍ଚାୟତକୁ ରାଜ୍ୟ ସରକାର ୩୧ ବସ୍ ଭେଟି ଦେଇଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଜିଲାର ୭ ଲକ୍ଷ ୨୮ ହଜାର ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି। ଲକ୍ଷ୍ମୀବସ୍ ଚଳାଚଳକୁ ଦୃଷ୍ଟିରେ ରଖି ଯୁଯୁମୁରା ବ୍ଲକ୍‌ରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରାଯାଇଥିବା ବେଳେ ଅନ୍ୟ ବ୍ଲକ ମୁଖ୍ୟାଳୟରେ ମଧ୍ୟ ଅନୁରୂପ ବସ୍‌ଷ୍ଟାଣ୍ଡ ଖୁବ୍‌ଶୀଘ୍ର ନିର୍ମାଣ କରାଯିବା ଯୋଜନା ରହିଛି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଭାସି ମାଧ୍ୟମରେ କାର୍ଯ୍ୟକ୍ରମ ସଂଯୋଜନା କରିବା ଅବସରରେ ନିକଟରେ ଆରମ୍ଭ ହୋଇଥିବା ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ସେବା ଜରିଆରେ ଶ୍ରଦ୍ଧାଳୁମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ କରିପାରିବେ ବୋଲି କହିଥିଲେ। ଏହି ବସ୍‌ରେ ମା'ମାନଙ୍କ ପାଇଁ ଟିକେଟ ମୂଲ୍ୟ ଅଧା ରଖାଯାଇଛି ଓ ଆସନ୍ତା ୨୫ରୁ ସମ୍ବଲପୁରରୁ ପୁରୀକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଦୈନିକ ଯାତାୟାତ କରିବା ନେଇ ସେ ସୂଚନା ଦେଇଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

ସମ୍ବଲପୁର,୧୯।୨ (ବି.ଶଙ୍କର)


କମ୍ପାନୀ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ।

ଟିପିଡବ୍ଲ୍ୟୁଓଡିଏଲ୍ ଏକ ପ୍ରତିଷ୍ଠିତ କର୍ପୋରେଟ ସଂସ୍ଥା ଭାବେ ନିଜର ସାମାଜିକ ଦାୟିତ୍ୱବୋଧ ପ୍ରତି ପ୍ରତିବଦ୍ଧ ରହିଛି। ଏହିକ୍ରମରେ କମ୍ପାନୀ ମୋବାଇଲ ହେଲଥ ଡିସପେନସାରି ଭ୍ୟାନ ପଶ୍ଚିମ ଓଡ଼ିଶାର ଦୁର୍ଗମ ଅଞ୍ଚଳକୁ ଯାଇ ଜନ ସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଛି। କଳାହାଣ୍ଡି, ସୁବର୍ଣ୍ଣପୁର ଓ ଦେବଗଡ଼ ଜିଲାରେ ସମ୍ପ୍ରତି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଜାରି ରହିଛି। ଦୁର୍ଗମ ଅଞ୍ଚଳରେ ବ୍ୟାପୁଥିବା ବିଭିନ୍ନ ସଂକ୍ରାମକ ରୋଗର ଚିକିତ୍ସା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଭ୍ୟାନର ଗତିପଥ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରାଯାଏ। ଭ୍ୟାନଟି ଅତ୍ୟାଧୁନିକ ଚିକିତ୍ସା ସୁବିଧା, ଡାକ୍ତର, ନର୍ସ ଏବଂ ଫାର୍ମାସିଷ୍ଟଙ୍କୁ ନେଇ ସୁସଜ୍ଜିତ ହୋଇଛି, ଯାହା ବିଭିନ୍ନ ପ୍ରକାର ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ସ୍ୱାସ୍ଥ୍ୟ ପରୀକ୍ଷା, ଟୀକାକରଣ ତଥା ବିଭିନ୍ନ ରୋଗ ପାଇଁ ଔଷଧ ପ୍ରଦାନ କରୁଛି। ସୂଚନାଯୋଗ୍ୟ, ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ପ୍ରଥମେ ଗତ ଏପ୍ରିଲ ୨୦୨୨ରେ କଳାହାଣ୍ଡି ଜିଲାର ଭବାନୀପାଟଣାଠାରୁ ଆରମ୍ଭ ହୋଇଥିଲା। ପରବର୍ତ୍ତି ସମୟରେ ଏହା ଦେବଗଡ଼ ଜିଲାରେ ଡିସେମ୍ବର ୨୦୨୨ ଓ ସୋନପୁର ଜିଲାରେ ଜାନୁୟାରୀ ୨୦୨୩ରୁ ଆରମ୍ଭ ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ କଳାହାଣ୍ଡି ଜିଲାର ୫୭ ଗ୍ରାମର ୩୫ ହଜାର, ଦେବଗଡ଼ ଜିଲାର ୫୦ ଗ୍ରାମର ୨୫ ହଜାର ଓ ସୁବର୍ଣ୍ଣପୁର ଜିଲାର ୬୧ ଗ୍ରାମର ୩୦ ହଜାର ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଛି। କମ୍ପାନୀ ସିଇଓ ଇଂ ଗଜାନନ କାଲେ କହିଛନ୍ତି ଯେ, ସ୍ୱାସ୍ଥ୍ୟସେବା ଏକ ମୌଳିକ ମାନବିକ ଅଧିକାର। ଅତ୍ୟାବଶ୍ୟକ ଚିକିତ୍ସା ସେବାରୁ କାହାକୁ ବଞ୍ଚିତ କରାଯିବା ଉଚିତ ନୁହେଁ। ଏହି ଭ୍ରାମ୍ୟମାଣ ଭ୍ୟାନ ମାଧ୍ୟମରେ ଆମେ ପଶ୍ଚିମ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ଥିବା ବ୍ୟବଧାନ ଦୂର କରିବା ସହ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ସମାଜକୁ ସଶକ୍ତ କରିବା ଦିଗରେ ପ୍ରଚେଷ୍ଟା ଜାରି ରଖିଛୁ ବୋଲି ସୂଚିତ କରିଛନ୍ତି।

# ଅଭିଯୋଗ ଶୁଣାଣିରେ ୬୫ ଅଭିଯୋଗ ପଞ୍ଜୀକୃତ

ନାକଟିଦେଉଳ,୧୯।୨ (ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୬୫ ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୧୭ଟି ଗୋଷ୍ଠୀଗତ ଓ ୪୮ଟି ବ୍ୟକ୍ତିଗତ ରହିଥିଲା। ଆବାସ ଯୋଜନାରେ ଘର, ରାଶନ କାର୍ଡ ଆଦି ସମ୍ପର୍କରେ ସର୍ବାଧିକ ଅଭିଯୋଗ ହୋଇଥିଲା। ବାଟଗାଁ ପଞ୍ଚାୟତ କୁଟାସିଂଗା ଓ ପାଣ୍ଡୁନାଳୀ ଗ୍ରାମରେ ମୋବାଇଲ ନେଟ୍‌ୱର୍କ ଆସୁ ନ ଥବାରୁ ଘର ଭିତରେ ଯେପରି ଠିକ୍ ଭାବେ ନେଟ୍‌ୱର୍କ ମିଳିପାରିବ ସେ ନେଇ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ବାଟଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଥିବା ଡାକ୍ତର ନିୟମିତ ଆସୁ ନ ଥିବା ନେଇ ବାଟଗାଁ ସରପଞ୍ଚ ସୌଦାମିନୀ ବେହେରା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ସେହିପରି ଗୋଧିଡ଼ିପ, ନାଟୁଆବୁରୀ ଓ ମାରୱାଡ଼ିମୁଣ୍ଡା ଗ୍ରାମର ଜନସାଧାରଣ ବେଆଇନ ଦେଶୀ ଓ ବିଦେଶୀ ମଦ କାରବାର ବନ୍ଦ କରିବାକୁ ଲିଖିତ ଅଭିଯୋଗ କରିଥିଲେ। ଶିବିରରେ ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ବିଡିଓ ଦନାଇ ଚରଣ ଟୁଡୁ ଓ ତହସିଲଦାର ଅମର ଡୁଙ୍ଗଡୁଙ୍ଗ୍ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ସମସ୍ତ ଲାଇନ ବିଭାଗର ଜିଲା, ଉପଖଣ୍ଡ ଓ ବ୍ଲକସ୍ତରର ଅଧିକାରୀ ଉପସ୍ଥିତ ଥିଲେ।

# ଜିଏମ୍‌ୟୁ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

## ଇଣ୍ଟିଗ୍ରେଟେଡ୍ ବିଏଡ୍ ପ୍ରାର୍ଥୀଙ୍କୁ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ନିଯୁକ୍ତି ଦାବି

ସମ୍ବଲପୁର,୧୯।୨ (ପ୍ରମୋଦ ବହିଦାର)

ଓଡ଼ିଶାରେ ହାୟର ଏଜୁକେସନ ଇନଫର୍ମେଶନ ସିଷ୍ଟମ ଆଧାରରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ୪ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏଡ୍ ପ୍ରାର୍ଥୀଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ୍), ଜବାହର ନବୋଦୟ ବିଦ୍ୟାଳୟ ସମିତି (ଏନ୍‌ଭିଏସ୍), ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ (ଇଏମ୍‌ଆର୍‌ଏସ୍) ଭଳି କେନ୍ଦ୍ରୀୟ ଶିକ୍ଷାନୁଷ୍ଠାରେ ନିଯୁକ୍ତି ଦାବିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅଲ୍ ଓଡ଼ିଶା ଇଣ୍ଟିଗ୍ରେଟେଡ୍ ବିଏଡ୍ ଆସୋସିଏଶନ୍ (ଓଆଇଏସ୍‌ଏ)ର ଆହ୍ୱାନ କ୍ରମେ ଜିଏମ୍‌ୟୁ ଛାତ୍ରୀଛାତ୍ର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବହୁ ସଂଖ୍ୟାରେ ବିଏଡ୍ ଛାତ୍ରୀଛାତ୍ର ପ୍ଲାକାର୍ଡ଼ ଧରି ବିଭିନ୍ନ ସ୍ଲୋଗାନ ଦେଇ ବିଶ୍ୱବିଦ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେମାନଙ୍କ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ପକ୍ଷରୁ କୁହାଯାଇଛି ଯେ, ଜିଏମ୍‌ୟୁ ଭଳି ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ଇଣ୍ଟିଗ୍ରେଟେଡ୍ ବିଏଡ୍ ଡିଗ୍ରୀ ହାସଲ କରିଥିବା ପ୍ରାର୍ଥୀଙ୍କୁ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ନିଯୁକ୍ତି ମିଳୁନାହିଁ। ଏପରି କି ଜିଏମ୍‌ୟୁରୁ ମିଳୁଥିବା ଇଣ୍ଟିଗ୍ରେଟେଡ୍ ଡିଗ୍ରୀ ସାର୍ଟିଫିକେଟ୍‌କୁ ନକଲି ବୋଲି କୁହାଯାଇ ପ୍ରତ୍ୟାଖାନ କରି ଦିଆଯାଉଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ସେମାନଙ୍କୁ କେଭିଏସ୍, ଏନ୍‌ଭିଏସ୍, ଇଏମ୍‌ଆର୍‌ଏସ୍ ଭଳି ଶିକ୍ଷାନୁଷ୍ଠାନରେ ନିଯୁକ୍ତି ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଏମ୍‌ୟୁ ଛାତ୍ରୀଛାତ୍ରୀଙ୍କ ବିକ୍ଷୋଭ।

# ବସ୍ ଚାପାରେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

## କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

ସମ୍ବଲପୁର,୧୯।୨ (ପ୍ରମୋଦ ବହିଦାର)


ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି ପୋଲିସ।

ବସ୍ ଚାପାରେ ଜଣେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ସୋମବାର ସମ୍ବଲପୁର ଜିଲା ରେମେଡ-ହୀରାକୁଦ ରାସ୍ତାର ନରୋଡିହୀଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତକ ପରିବାରଙ୍କୁ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ଅଟକି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା। ପରେ ଘଟଣାସ୍ଥଳରେ ପୋଲିସ ଅଧିକାରୀ ପହଞ୍ଚି ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରଙ୍କୁ ୨୦ ହଜାର ଟଙ୍କା ପ୍ରଦାନ ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କଲା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

ମିଳିଥିବା ସୂଚନା ଅନୁସାରେ ଶାସନ ଥାନା ଅନ୍ତର୍ଗତ ଜମାଦାରପାଲି ମଧୁପୁର ଗ୍ରାମର ମୂଳ ବାସିନ୍ଦା ରାମ ଖଡ଼ିଆ(୩୨) ହୀରାକୁଦର ଲିମପାଲିରେ ପରିବାର ସହ ରହୁଥିଲେ। ସେ ଏଠାରେ ଏକ ଟ୍ରାକ୍ଟରରେ ଶ୍ରମିକ ଭାବେ କାର୍ଯ୍ୟକରି ଜୀବିକା ନିର୍ବାହ କରୁଥିଲେ। ସବୁଦିନ ଭଳି ସୋମବାର ଭୋର ୫ଟାରେ ଘରୁ ବାହାରି ଚାଳକ ଓ ଅନ୍ୟ ଶ୍ରମିକଙ୍କ ସହ ଯାଇ ନରୋଡିହୀ ପେଟ୍ରୋଲ ପମ୍ପରୁ ଟ୍ରାକ୍ଟରରେ ଡିଜେଲ ପକାଇଥିଲେ। ସେଠାରୁ କିଛିବାଟ ଯିବା ପରେ ଟ୍ରାକ୍ଟରଟି ରାସ୍ତା କଡ଼ରେ ରହିବା ପରେ ସେ ଶୌଚ ପାଇଁ ରାସ୍ତା ପାରି ହେଉଥିଲେ। ଏହି ସମୟରେ ହୀରାକୁଦ ପଟୁ ହୀରାକୁଦ-ବ୍ରହ୍ମପୁର ମଧ୍ୟରେ ଚଳାଚଳ କରୁଥିବା ଏକ ଯାତ୍ରୀବାହୀ ବସ୍ (ଓଡି୦୭ଏଏଫ୍-୬୯୨୮) ଧକ୍କା ଦେଇ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ରାମଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ସକାଳ ୭ଟାରୁ ରାସ୍ତା ଅବରୋଧ କରିଥିଲେ। ହୀରାକୁଦ ଥାନା ଆଇଆଇସି ଶ୍ରୀକାନ୍ତ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସିସିଟିଭି ଫୁଟେଜ ଯାଞ୍ଚ କରି ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରି ଚାଳକଙ୍କୁ ଅଟକ ରଖିଛି। ଉତ୍ତେଜନା ଥମିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ହୀରାକୁଦ ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

## ସଂକ୍ଷେପରେ

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ଖଡ଼ିଆଳ,୧୯।୨(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଉପାନ୍ତ ଦାବ୍ରି ପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ହେମକାନ୍ତ ସାଏ ଅଧ୍ୟକ୍ଷ କରିଥିବା ବେଳେ ୩୫ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ଏଥିରେ ଜିଲାସ୍ତରୀୟ ସମସ୍ତ ଅଧିକାରୀ ପିଡ଼ି ଲମ୍ବୋଧର ଧରୁଆ, ଡିଏଫଓ ଆଜିଜ ଖାନ, ଅତିରିକ୍ତ ପୋଲିସ ଅଧିକାରୀ ଇନ୍ଦ୍ରମଣି ବେହେରା, ଜିଲା ଚିକିତ୍ସା ଅଧିକାରୀ ଧରଣୀଧର ସେନାପତି, ଡିଏସଡବ୍ଲୁଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀ, ଖଡ଼ିଆଳ ବିଡିଓ ବିରସେନ ବେହେରା, ତହସିଲଦାର ଡ଼ା ଲଳିତ ବାଗ, ସିଡିପିଓ ମିନାକୁମାରୀ ଅଗ୍ରୱାଲ, ଦାବ୍ରି ସରପଞ୍ଚ ଅମ୍ବିକାମାଝି, କାର୍ଯ୍ୟ ନିର୍ବାହୀ ଅଧିକାରୀ ନମିତା ସାହୁ ଯୋଗଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଉପାନ୍ତ ଅଞ୍ଚଳର ଜନସାଧାରଣଙ୍କ ସମସ୍ୟାଗୁଡିକ ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଅନିର୍ଦ୍ଦିଷ୍ଟକାଳ ଆନ୍ଦୋଳନରେ ରାଜସ୍ୱ କର୍ମଚାରୀ

**କୋକସରା,୧୯।୨ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)**

ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଓ କଳାହାଣ୍ଡି ଜିଲା ଶାଖାର ମିଳିତ ଡାକରାରେ ସୋମବାରଠାରୁ ରାଜ୍ୟର ସମସ୍ତ ବ୍ଲକର ରାଜସ୍ୱ ନିରୀକ୍ଷକମାନେ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ ଓ ଅନ୍ୟାନ୍ୟ ଦାବିରେ ଅନିର୍ଦ୍ଦିଷ୍ଟକାଳ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି କ୍ରମରେ କୋକସରା ବ୍ଲକ ତହସିଲ କାର୍ଯ୍ୟାଳୟ ଅଧୀନ ୭ଟି ରାଜସ୍ୱ ସର୍କଲ କୋକସରା, ଆମପାଣି, କାଶିବାହଲ, ଲଡୁଗାଁ, କୁସୁମଖୁଣ୍ଟି, ଢ଼ହଗାଁ ଗୋଟୋମୁଣ୍ଡାର ରାଜସ୍ୱ ନିରୀକ୍ଷକ ବିଭାଗୀୟ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହୋଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଫଳରେ ରାଜସ୍ୱ ବିଭାଗର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମେତ ଜନସାଧାରଣଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନରେ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନରେ ବ୍ଲକ ରାଜସ୍ୱ ବିଭାଗର ଛନ୍ଦା ଚରଣ ଖମାରି, ଅଜୟ ରାଜ ଶିଖା, ବୈଷ୍ଣବ ଗୁରୁ, ବିମଳ ପୂଝାରୀ, କୃଷ୍ଣଚନ୍ଦ୍ର ଭୋଇ, ଅଗ୍ନି କୁମାର ନାଏକ, ରାଧା ଗୋବିନ୍ଦ ପଟ୍ଟନାୟକ, ଦ୍ରୋଣ କୁମାର ମାଝି, ଶୀତଳ ବେହେରା, ଜୟସିଂ ଶବର, ମମତା ସାଏ ପ୍ରମୁଖ କର୍ମଚାରୀ ସାମିଲ ହୋଇଛନ୍ତି।

# ରାସ୍ତା ନିର୍ମାଣ ପାଇଁ ୬ ଘଣ୍ଟା ଅବରୋଧ



ଧର୍ମଗଡ଼ ଉପଜିଲାପାଳ ଆନ୍ଦୋଳନକାରୀଙ୍କୁ ବୁଝାଉଛି।

■ ବାନେର-ଲଡୁଗାଁ ରାସ୍ତା ନିର୍ମାଣ ଦାବି
■ ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

**ଭବାନୀପାଟଣା,୧୯।୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୟପାଟଣା ଓ କୋକସରା ବ୍ଲକକୁ ସଂଯୋଗ କରୁଥିବା ୧୪ କି.ମି. ବାନେର-ଲଡୁଗାଁ ମୁଖ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ପ୍ରଶାସନ ଅବହେଳାରୁ ଶୋଚନୀୟ ହୋଇ ପଡିରହିଛି। ଫଳରେ ଗମନାଗମନରେ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହାର ସ୍ଥାୟୀ ସମାଧାନ ବ୍ୟବସ୍ଥା ହେଉ ନ ଥିବାରୁ ଜୟପାଟଣା ଓ କୋକସରା ବ୍ଲକ ୫ ପଞ୍ଚାୟତ ଜନସାଧାରଣ ସୋମବାର ସକାଳ ୬ଟାରୁ ସ୍ଥାନୀୟ ଲୋକେ ମୋଟେର-ଜୟପାଟଣା ରାଜ୍ୟ ରାଜପଥର ବାନେର ଛକଠାରେ ରାସ୍ତାରୋକୋ କରିଥିଲେ। ଏଥିରେ ବାନେର ସମେତ ଭଇଁରିପାଲି, ରେଙ୍ଗଲପାଲି, ଉଛୁଲା, ବଡ଼ପୁଝାରୀଗୁଡା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତର ଶହ ଶହ ଜନସାଧାରଣଙ୍କ ସମେତ ଜୟପାଟଣା ଅଞ୍ଚଳ ସରପଞ୍ଚ, ପୂର୍ବତନ ଅଧ୍ୟକ୍ଷ, କଳାହାଣ୍ଡି ସେନା ଓ ଆଦିବାସୀ ସଂଘ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ। ଫଳରେ ଏହି ରାସ୍ତାରେ ଯାତାୟାତ ଠପ ହୋଇ ପଡ଼ିଥିଲା। ଖବର ପାଇ ଘଟଣାସ୍ଥଳରେ ଜୟପାଟଣା ବିଡିଓ ଧର୍ମରାଜ ମାଝି, ତହସିଲଦାର ରଘୁନାଥ ମୁଣ୍ଡାରୀ, ଥାନା ଅଧିକାରୀ ଶେଷଦେବ ବେହେରା ପହଞ୍ଚି ଆଲୋଚନା କରିଥିଲେ ହେଁ ଲୋକେ ନିଜରେ ଅଡି ରହିଥିଲେ। ଧର୍ମଗଡ ଉପଜିଲାପାଳ ଧ୍ୟମାନ ଚକମା ପହଞ୍ଚି ରାସ୍ତାର ସ୍ଥିତି ଅନୁଧ୍ୟାନ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆସନ୍ତା ୨୦ ଦିନ ମଧ୍ୟରେ ରାସ୍ତା କାର୍ଯ୍ୟ ଆରମ୍ଭ ହେବ ବୋଲି ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨ଟା ପରେ ରାସ୍ତାରୋକୋ ହଟିଥିଲା। ଆନ୍ଦୋଳନରେ ବାନେର, ଲଡୁଗାଁ ରାସ୍ତା ବଞ୍ଚାଓ କମିଟି ସଭାପତି କୁଞ୍ଜ ବିହାରୀ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଜିନ୍ଦ୍ର ପାଟଯୋଶୀ, ବ୍ଲକ ଅଧ୍ୟକ୍ଷ ଥବିର ବାଗ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସାମାଜିକ କର୍ମୀ ମନୋଜ ପାତ୍ର, ଭଇଁରିପାଲି ପଞ୍ଚାୟତ ସମିତି ସଭ୍ୟ ଚିନ୍ମୟ ରାଉତ, ବିଘ୍ନରାଜ ପଣ୍ଡା, ଉମା ଶଙ୍କର ଦୀପ, ଭରତ ପ୍ରଧାନୀ, ଏଶର୍ଯ୍ୟ ଦାସ, ଡିଙ୍ଗର ବାଗ, ରାଜ ମୋହନ ପୂଝାରୀ, ଲଡୁଗାଁର ଦୁର୍ଗା ପ୍ରସାଦ ଅଗ୍ରୱାଲ, ସୁରେଶ ଅଗ୍ରୱାଲଙ୍କ ସମେତ ୫ ପଞ୍ଚାୟତ ଜନପ୍ରତିନିଧି, ସଚେତନ ନାଗରିକମାନେ ଉପସ୍ଥିତ ସାମିଲ ହୋଇଥିଲେ। ପ୍ରକାଶ ଯେ, ଗତବର୍ଷ ଏହି ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ୧୪ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରିଥିଲା। ସେହି ଟେଣ୍ଡର କାର୍ଯ୍ୟ ଆରମ୍ଭ ପାଇଁ ଲାଞ୍ଜିଗଡ ବିଧାୟକ ଗତବର୍ଷ ଭୂମି ପୂଜନ ମଧ୍ୟ ସାରିଥିଲେ। ଏଥି ମଧ୍ୟରେ ବର୍ଷେରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଆରମ୍ଭ ନ ହୋଇ ପଡ଼ିରହିଥିଲା। ଅନ୍ୟପକ୍ଷରେ ରାସ୍ତା ପାଇଁ ଅନ୍ୟ କେହି ଜଣେ ଠିକାଦାର ହାଇକୋର୍ଟଙ୍କଠାରେ ପିଟିସନ ଅଭିଯୋଗ କରିଥିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି ବୋଲି ଜଣାପଡିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ବେହେରା ଆଞ୍ଚଳିକ ଯାଦବ ସମିତି ପୁନର୍ଗଠିତ



ନୂତନ ବେହେରା ଆଞ୍ଚଳିକ ଯାଦବ ସମିତି କର୍ମକର୍ତ୍ତା।

**ବେହେରା,୧୯।୨(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଯାଦବ ସମିତି ଅଧୀନ ବେହେରା ଆଞ୍ଚଳିକ ଯାଦବ ସମିତି ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଧର୍ମଗଡ ବ୍ଲକ ଯାଦବ ସମିତି ସଭାପତି ଶଙ୍କର ପ୍ରସାଦ ଯୁଆଡଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବଡ଼ଘୁମେର ଆଞ୍ଚଳିକ ଯାଦବ ସମିତି ସଭାପତି ନିରାକାର ଗୋପାଳ, ମୁଖ୍ୟବକ୍ତା କଳାହାଣ୍ଡି ଜିଲା ଯାଦବ ମହାସଭା ପୂର୍ବତନ ଉପସଭାପତି ତୁଳସିରାମ ବାରିକ, ଯାଦବ ପୂଜକ ତୁଳସିରାମ ଯୁଆଡଙ୍କ ଉପସ୍ଥିତରେ ନୂତନ ବେହେରା ଆଞ୍ଚଳିକ ଯାଦବ ସମିତି ଗଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ଗୌରଚନ୍ଦ୍ର ବାଗଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ଭାବେ ଭକ୍ତଚରଣ ଭୋଇ, ଉପସଭାପତି ପ୍ରେମଚାନ୍ଦ କାଣ୍ଡ, ସହସମ୍ପାଦକ ବିସିକେଶନ ହଂସ, କୋଷାଧ୍ୟକ୍ଷ ଜୟରାମ ନିଏଲଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଯାଦବ ସମାଜର କୁସଂସ୍କାର ଦୂର କରି ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ରୀତିନୀତିରେ ପରିବର୍ତ୍ତନ ଆଣି ସୁନ୍ଦର ଓ ସ୍ୱଚ୍ଛ ସମାଜ ଗଠନ ପାଇଁ ସମସ୍ତ କର୍ମକର୍ତ୍ତା ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମ ଈଶ୍ୱର କାଣ୍ଡ ପରିଚାଳନା କରିଥିବାବେଳେ ବେହେରା, ଦଳସର୍ଗି, ଭରୁଆମୁଣ୍ଡା ଗ୍ରାମର ଯାଦବ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଗୋଷ୍ଠୀ ସଂଘର୍ଷ: ୫ ଗୁରୁତର ଆହତ

**ଜୁନାଗଡ଼,୧୯।୨(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ କୁରୁଗୁଡାରେ ୩ଜାତି ମଧ୍ୟରେ ପୂର୍ବ କଥାକୁ ନେଇ ରବିବାର ରାତିରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ୫ଜଣ ଗୁରୁତର ଆହାତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଭଇଁରୀଗୁଡାର ଓବିସି ଜାତିର କିଛି ଲୋକ ଓ କରୁଗୁଡା ଆଦିବାସୀ ଓ ଦଳିତ ଜାତିର କିଛି ଲୋକଙ୍କ ମଧ୍ୟରେ ପୂର୍ବର କଥାକୁ ନେଇ ପ୍ରଥମେ କଥାକଟାକଟି ଓ ପରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏପରିକି ମାରଣାସ୍ତ୍ର ମରାମରି ପର୍ଯ୍ୟନ୍ତ ମଧ୍ୟ କଥା ଯାଇଥିଲା। ଏଥିରେ ଅନୁଜ ଭାନୁ ବାଣୁଆ, ସୋଭାଗ୍ୟ ବାଣୁଆ, ପଙ୍କଜ ବାଣୁଆ, ଉଦୟ ବାଣୁଆ ଗୁରୁତର ଆହାତ ହୋଇଥିବାବେଳେ ଅନ୍ୟପଟର ମନୋଜ ଠାକୁର ମଧ୍ୟ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସମସ୍ତେ ଭବାନୀପାଟଣା ଓ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଜୁନାଗଡ ଥାନାରେ ଉଭୟଙ୍କ ପକ୍ଷରୁ ମାମଲ ରୁଜୁ ହୋଇଥିବା ପୋଲିସ ଠାରୁ ସୂଚନା ମିଳିଛି।

# ଅଭିଯୋଗ ପରେ ପୁନଃ ମରାମତି ହେଲା ରାସ୍ତା

**କୋକସରା-ବେହେରା ରାସ୍ତା**

**ବେହେରା,୧୯।୨(ଭୂପେଶ ତିୱାରୀ)**



ରାସ୍ତା ମରାମତି କରାଯାଉଛି।

କଳାହାଣ୍ଡି ପୂର୍ତ୍ତ ବିଭାଗ ଦ୍ୱାରା କୋକସରାଠାରୁ ବେହେରା ରାସ୍ତା ୧୪.୫୮ କୋଟି ବ୍ୟୟରେ ନିର୍ମାଣ ହେଉଛି। ନିମ୍ନମାନର କାମ ଯୋଗୁ ଅନେକ ସ୍ଥାନରେ ପିଚୁ ଉଠିବା, ରାସ୍ତା ଦବିବା, କଂକ୍ରିଟ ରାସ୍ତା ଫାଟି ଯାଇଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହି ସମସ୍ୟା ନେଇ ଧରିତ୍ରୀରେ ୨ଥର ଖବର ପ୍ରସାର ହେବା ପରେ ପ୍ରଶାସନ ତତ୍ପରତା ଦେଖାଇ ପୁନଃ ମରାମତି ଆରମ୍ଭ କରିଥିବା ଜଣାପଡ଼ିଛି। ବାଙ୍କୀମୁଣ୍ଡା ଗାଁ ଭିତରେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ଅଳ୍ପଦିନରେ ବଡ଼ବଡ଼ ଫାଟ ଦେଇଥିବା ସହ କ୍ରସରଗୁଣ୍ଡ ମିଶ୍ରିତ କଂକ୍ରିଟ ଗାଁ ଭିତରେ ଢଳାଇ ହେଉଥିବା ଯୋଗୁ ସାମାନ୍ୟ ଯାନବାହନ ଚଳାଚଳରେ କଂକ୍ରିଟ ରାସ୍ତାର ଉପରସ୍ତର ଉଖୁଡି ଆଖପାଖ ଘରଦ୍ୱାର ଧୂଳିର ଆସ୍ତରଣ ଜମାଟ ବାନ୍ଧି ଗ୍ରାମ ପରିବେଶ ଧୂଳିକଣାରେ ଦୂଷିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଏହି ଅସୁବିଧା ଗୁରୁତ୍ୱ ଦେଇ ବିଭାଗୀୟ ଯନ୍ତ୍ରୀ କଂକ୍ରିଟ ରାସ୍ତା ଉପରେ ପିଚୁ ଢଳାଇ କରିବା ପାଇଁ ତୁରନ୍ତ ପଦକ୍ଷେପ ନେଇଥିବା ଦେଖିବାକୁ ମିଳିଛି। ଏତଦ ବ୍ୟତୀତ ଅଭିଯୋଗ ଥିବା ସ୍ଥାନରେ ନୂତନ ଭାବେ ପିଚୁ ପେଚିଙ୍ଗ କରାଯାଇ ରାସ୍ତା ଉଭୟପଟରେ ମାଟି ପୂରଣ କାମ ହୋଇଯାଇଛି। ଏ ନେଇ ବିଭାଗୀୟ ଯନ୍ତ୍ରି ନବ କିଶୋର ବେହେରାଙ୍କୁ ପଚାରିବାରୁ ରାସ୍ତାରେ ପାଣି ପଡିଲା ପରେ କେତେକ ସ୍ଥାନରେ ଦବିଯିବା, କଂକ୍ରିଟ ଫାଟିଯିବା ଭଳି ପରିସ୍ଥିତି ଉପୁଜେ, ଯାହାକୁ ପରବର୍ତ୍ତୀ ସମୟରେ ସୁଧାର କରି ନିଆଯାଏ। ଗ୍ରାମବାସୀ ଯାହା ଚାହିଁ ଥିଲେ, ତାହାକୁ ଗୁରୁତ୍ୱ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। ଶୀଘ୍ର କାମ ଆରମ୍ଭ କରିଥିବାରୁ ଗ୍ରାମର ଗୋନ୍ତିଆ ଚିତ୍ତରଞ୍ଜନ ପୂଝାରୀ, ପ୍ରଶାନ୍ତ ତିୱାରୀ, ମନ୍ଧର ଭର୍ତ୍ତିଆ, ମାନସିଂହ ଭରତିଆ, ମୋହନ ତିୱାରୀ, ଧନପତି ପୂଝାରୀ, ଧର୍ମେନ୍ଦ୍ର ସୋନି, ଅଖଣ୍ଡଳମଣି ଭରତିଆ ତଥା ବାଙ୍କୀମୁଣ୍ଡା ଗ୍ରାମବାସୀ ପ୍ରସଂସା କରିଥିଲେ।

# ଅଟୋକୁ ଧକ୍କା ଦେଲା ବସ୍, ୨ ଗୁରୁତର

**କୁମାରୀବ୍ରତରେ ଯୋଗଦେଇ ଫେରୁଥିଲେ**

**ନୂଆପଡ଼ା,୧୯।୨(ମକାରୁ ବେମାଲ)**

ନୂଆପଡା ଜିଲା କୋମନା ଥାନା ପେଣ୍ଡରାବନ ଲତାବାଞ୍ଜିଠାରେ ଜାତୀୟ ରାଜପଥ ଉପରେ ଅଟୋକୁ ବସ୍ ଧକ୍କା ଦେବାରୁ ୭ଜଣ ଗୁରୁତର ଆହତ ହୋଇଛନ୍ତି। ସେଥିମଧ୍ୟରୁ ୨ଜଣ ଗୁରୁତର ଥିବାରୁ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ୨ଜଣ ହେଲେ ବଲାଙ୍ଗୀର ଜିଲା କୁଡୁଲାତଲାଇ ଗାଁର ଭାଗ୍ୟଶ୍ରୀ ମାଝି (୩୫) ଓ ତାରାବତୀ ମାଝି (୫୦)। ଅନ୍ୟ ୫ଜଣଙ୍କୁ କୋମନା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଗାଁକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା କୁଡୁଲାତଲାଇ ଗାଁରୁ ୧୦ ଜଣ ଏକ ଅଟୋରେ କୋମନା ଥାନା ଧୋର୍ଲାମୁଣ୍ଡା ଗାଁର ପ୍ରିତମ ମାଝିଙ୍କ ଘରେ ହେଉଥିବା କୁମାରୀବ୍ରତରେ ଯୋଗଦେଇଥିଲେ। ଅପରାହ୍ନ ୩ଟାରେ କୁଡୁଲାତଲାଇ ଗାଁକୁ ଫେରୁଥିବା ବେଳେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ପେଣ୍ଡରାବନ ଲତାବାଞ୍ଜିଠାରେ ଏକ ଯାତ୍ରୀବାହୀ ବସ ଅଟୋକୁ ପଛପଟୁ ଧକ୍କା ଦେଇଥିଲା। ଅଟୋରେ ବସିଥିବା ୧୦ଜଣ ମଧ୍ୟରୁ ୭ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୋମନା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଦୁଇ ଜଣଙ୍କ ଅବସ୍ଥା ଅତି ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ପଞ୍ଚାୟତସ୍ତରୀୟ ସଚେତନ ଶିବିର



**ଥୁଆମୂଳ ରାମପୁର,୧୯।୨(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ପୋଡାପଦର ପଞ୍ଚାୟତଠାରେ ଆମ ଓଡିଶା ନବୀନ ଓଡିଶାର ପଞ୍ଚାୟତସ୍ତରୀୟ ସଚେତନ ଶିବିର ସ୍ଥାନୀୟ ସରପଞ୍ଚ ରାଏସିଂ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ବିଧାୟକଙ୍କ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟକ୍ରମ ନୋଡାଲ ଅଫିସର ଦେବେନ୍ଦ୍ର କୁମାର ମହାନନ୍ଦ, ଜିଲା ପରିଷଦ ସଭ୍ୟା ପ୍ରମୀଳା ମାଝି, ସ୍ଥାନୀୟ ସମିତି ସଭ୍ୟ ଅକ୍ଷୟ ହରିଜନ, ନାଏବ ସରପଞ୍ଚ ପୁରୁନ ହରିଜନ, ଗଣେଷ ନାଏକ, ବିଜୁ ଛାତ୍ର ଜନତା ଦଳ ବ୍ଲକ ସଭାପତି ସୁଜନ କୁମାର ନାଏକ, ପାଡ଼ାପଦର ପଞ୍ଚାୟତ ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ରହିଥିଲେ। ସରକାରଙ୍କ ଯୋଜନା କେମିତି ଜନସାଧାରଣ ଲାଭ ନେଇପାରିବେ ସେ ନେଇ ଉପସ୍ଥିତ ଅତିଥିମାନେ ଲୋକଙ୍କୁ ସଚେତନ କରିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜଗନ୍ନାଥ ଦଣ୍ଡସେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗ୍ରାମ ରୋଜଗାର ସେବକ କ୍ଷୀରସିନ୍ଧୁ ମାଝି ଓ ପଞ୍ଚାୟତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଅବସରରେ ଲୋକଙ୍କୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା। ଶିବିରରେ ପଞ୍ଚାୟତ ବିଭିନ୍ନ ଗ୍ରାମରୁ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ନୂଆପଡ଼ା/କୋମନା,୧୯।୨(ମକାରୁ ବେମାଲ/ସୋବିନ ଛତ୍ରିଆ)**

ନୂଆପଡା ଜିଲା କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟାତ କାର୍ଯ୍ୟାଳୟଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କୋମନା ଗୋଷ୍ଠି ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ମୋଟ ୨୦ଟି ଅଭିଯୋଗ ଆସିଥିଲା। ସେଥିରୁ ୧୦ଟି ଅଭିଯୋଗ ଦଳଗତ ଥିବା ବେଳେ ୧୦ଟି ବ୍ୟକ୍ତଗତ ଥିଲା। ଅଭିଯୋଗକୁ ଭିତ୍ତିକରି କିଛି ଅଭିଯୋଗକୁ ସମାଧାନ କରାଯାଇଥିବାବେଳେ ରହି ଯାଇଥିବା ଅଭିଯୋଗକୁ ଶୀଘ୍ର ସମାଧାନ କରିବା ପାଇଁ ବିଡିଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଏବିଡିଓ ବନ୍ଧୁବନ୍ଧୁ ବୁଡେକ, ଆରଡବ୍ଲୁଏସଏସ ଯନ୍ତ୍ରୀ ଭଗବାନ ସେଠି, ସୀତାକାନ୍ତ ବନଗୋଳା, ଯୁବରାଜ କରିଆ, ଉଦ୍ୟାନ ବିଭାଗ ଅବରସର ଗୌରଚନ୍ଦ୍ର ପ୍ରଧାନ, ପିଇଓ ନିମିଷ କୁମାର ସାହୁ, ସରପଞ୍ଚ ପ୍ରତିନିଧି ଭୁବନ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ନୂଆପଡ଼ା,୧୯।୨(ମକାରୁ ବେମାଲ)**

ନୂଆପଡା ସଦର ବ୍ଲକ ଅନ୍ତର୍ଗତ କୋଟେନବୂଆଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବାସନ୍ତି ମାଝିଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପତି ମୁଖ୍ୟଅତିଥି, ସନ୍ଦିପ ଚନ୍ଦ୍ରକାର, ସମିତି ସଭ୍ୟ ଲୋକନାଥ ଶବର, ରାଧେ ଠାକୁର, ବିଶ୍ୱରଞ୍ଜନ ପ୍ରଧାନ, ଦଇତାରି ମାଝି, ସରୋଜିନି ରାଉତ, ପ୍ରଦ୍ୟୁମ୍ନ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଲୁଚାଇତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରି ପ୍ରତି ପଞ୍ଚାୟତରେ ଶିବର କରି ଲୋକମାନଙ୍କୁ ସଚେତନ କରାଯାଉଛି। ଗ୍ରାମପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟର ଫଟୋ ମୁଦ୍ରିତ ହୋଇଥିବା ସୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପୁରୁଣା ଓ ନୂତନ ଭାବେ ପାଇଥିବା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାନୁ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ସେହିପରି କୋମନା ବ୍ଲକ ଅନ୍ତର୍ଗତ ମୁଣ୍ଡାପଲା ଓ ମିଛାପାଲି ପଞ୍ଚାୟତ କାର୍ଯ୍ୟାଳୟଠାରେ ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡାପଲା ସରପଞ୍ଚ ରଜନୀ ମାଝିଙ୍କ ଅଧ୍ୟକ୍ଷତାରେ ସମିତି ସଭ୍ୟ ଧନିରାମ ମାଝି, ପଞ୍ଚାୟତ ନିର୍ବାହୀ ଅଧିକାରୀ ନରେନ୍ଦ୍ର କୁମାର ସାହୁ, ନାଏବ ସରପଞ୍ଚ ପ୍ରମୋଦ କୁମାର ସାହୁ, ପାର୍ବତୀ ମାଝି, ଲଳିତ ସୁନାନୀ, ଯଶୋବନ୍ତ ରଣା, ଅଜିତ ମହାନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମିଛାପାଲି ପଞ୍ଚାୟତ ସରପଞ୍ଚ କେଶବ ସାହୁଙ୍କ ଅଧ୍ୟକ୍ଷତାରେ କୋମନା ଗୋଷ୍ଠି ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ, ଗୋବର୍ଦ୍ଧନ ନାଏକ, ସମିତି ସଭ୍ୟା ସୁଭଦ୍ରା ନାଏକ, ପିଇଓ ଘନେଶ୍ୱର ତାଣ୍ଡି, ଓମ ପ୍ରକାଶ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଘନଶ୍ୟାମ କୁମ୍ଭାର ମଞ୍ଚ ପରିଚାଳନା କରିଥିଲେ। ଶୋଭାଚନ୍ଦ୍ର ମାଝି, ରାଜପାଳ ମାଝି ଓ ୱାର୍ଡମେମ୍ବରମାନେ ସହଯୋଗ କରିଥିଲେ।





ଅତିଥିମାନେ ପୁସ୍ତକ ଉନୋଚନ କରୁଛନ୍ତି।

# ପଞ୍ଚାୟତ ଅଫିସ ଘେରିଲେ ମହିଳା, ପୁରୁଷ

**ମହାଦେବ ପଡ଼ା ନିମ୍ନମାନର କଂକ୍ରିଟ ରାସ୍ତା କାମକୁ ବିରୋଧ**

**ଲାଞ୍ଜିଗଡ଼,୧୯।୨(ରମେଶ ଚନ୍ଦ୍ର ନାୟକ)**



ପଞ୍ଚାୟତ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ ପଞ୍ଚାୟତ ଅଧୀନ ଲାଞ୍ଜିଗଡ଼ ସହରର ମହାଦେବ ପଡାଠାରେ ପଞ୍ଚାୟତ ପକ୍ଷରୁ ଚାଲିଥିବା କଂକ୍ରିଟ ରାସ୍ତା କାମ ନିମ୍ନମାନର ଅଭିଯୋଗ ପରେ ୫ ଦିନ ହେଲା କାମ ବନ୍ଦ ରହିଛି। ସରପଞ୍ଚ ଓ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ସୋମବାର ପଡାର ମହିଳା ପୁରୁଷମାନେ ଏକତ୍ରିତ ହେଇ ପଞ୍ଚାୟତ ଅଫିସ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନା ଅନୁସାରେ ମହାଦେବ ପଡା ରାସ୍ତା ବର୍ଷ ବର୍ଷ ଧରି ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଥିବା ବେଳେ ମରାମତି ପାଇଁ ପଞ୍ଚାୟତ ଓ ବ୍ଲକ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ପଞ୍ଚାୟତ ପକ୍ଷରୁ ମହାଦେବ ପଡାର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାସ୍ତା କାମ ପଞ୍ଚାୟତ ଅଧୀନରେ ରହିଥିବା ବେଳେ ଏହି କାମ କିଛି ଯୁବକଙ୍କୁ ଦେଖାରେଖା ପାଇଁ ଦାୟିତ୍ୱ ଦିଆଯାଇଛି। ରାସ୍ତା ନିର୍ମାଣ କାର୍ଯ୍ୟ ୬୦ ମିଟର ପାଇଁ ପଞ୍ଚାୟତ ପକ୍ଷରୁ ଦିଆଯାଇଛି ବୋଲି ସୂଚନା ମିଳିଛି। କିନ୍ତୁ କୌଣସି ସୂଚନା ଫଳକ ନ ଥାଇ ରାସ୍ତା କଂକ୍ରିଟ କାମ ଆରମ୍ଭ ହୋଇଥିବା ବେଳେ ନିମ୍ନମାନର ଯୋଗୁ କାମ ବନ୍ଦ କରିଥିବା ମହାଦେବ ପଡ଼ାବାସୀ ପ୍ରକାଶ କରିଛନ୍ତି। ଉକ୍ତ ରାସ୍ତା କାମରେ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ଯୋଗୁ ଯନ୍ତ୍ରୀ ନ ଆସିବା ପର୍ଯ୍ୟନ୍ତ କାମ ବନ୍ଦ ରହିବ ବୋଲି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଉକ୍ତ କାମ ଠିକ ଭାବେ ନ କଲେ ବାଧ ହୋଇ ପଞ୍ଚାୟତ ଓ ବ୍ଲକ ଅଫିସ ଆଗରେ ଧାରଣା ଦେବୁ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଥିଲେ। ନିମ୍ନମାନର କାମ ବୋଲି ଅଭିଯୋଗ ପରେ ପଞ୍ଚାୟତ ପକ୍ଷରୁ କାମ ବନ୍ଦ କରାଯାଇଛି। ଏହାର ପ୍ରତିବାଦ କରି ପଡାର ଦିଲୀପ ସୁନା, ମାଧବ ନାଏକ, ଚାରୁ ଚନ୍ଦ୍ର ନାଗ, କିଶୋର କୁମାର ନାଏକ, ସୁଦାମ କୁମାର ନାଏକ, ସୁରେଶ ତାଣ୍ଡି, ଗାୟତ୍ରୀ ବାଗ, ଗୋଲାପୀ ନାଏକ, ଶୁଣ୍ଡିଏନ ନାଏକ, ଜୟନ୍ତୀ କୁମାର, ପଦ୍ମିନୀ ନାଗ, ବୁଟକି ବାଗ, କୃଷ୍ଣୀତା ତାଣ୍ଡି, କମଳିନୀ ନାଏକ ସମେତ ପଡାବାସୀ ଏକତ୍ରିତ ହୋଇ ଲାଞ୍ଜିଗଡ଼ ପଞ୍ଚାୟତ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ନେଇ ବ୍ଲକ ଯନ୍ତ୍ରୀ ଲିଙ୍ଗରାଜ ସ୍ୱାଇଁଙ୍କୁ ପଚାରିବାରୁ ପଡାବାସି ୧୦ ହଜାର ଟଙ୍କା ମାଗିଲେ ନ ଦେବାରୁ ବାହାନା କରି କାମ ବନ୍ଦ କରିଛନ୍ତି। ଏ ନେଇ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ସେ କହିଲେ ବହୁତ ଦିନରୁ କାମ ହୋଇ ନ ଥିଲା। ସେହି କାମ ୱାର୍ଡମେମ୍ବର କରୁଥିଲେ, ପଡାବାସୀ ବନ୍ଦ କରିଛନ୍ତି। ୱାର୍ଡମେମ୍ବର ପୁରୀ ଯାଇଛନ୍ତି ଏବଂ ସେ ଫେରିଲେ କାମ ଆରମ୍ଭ ହେବ ବୋଲି କହିଛନ୍ତି। ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ପଡାବାସୀ ଦାବି କରିଛନ୍ତି।

**ସଂକ୍ଷେପରେ**

## ବୁଥ ସତ୍ୟପାନ, ମୋଦି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ

ଦେବଗଡ,୧୯।୨(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ଝରାଗୋଗୁଆ ପଞ୍ଚାୟତ କାର୍ଯ୍ୟାଳୟରେ ଭାଜପା ପକ୍ଷରୁ ଗାଁ କୁ ଚାଲ ଅଭିଯାନ ଅନୁଯାୟୀ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୁଥ ସତ୍ୟପାନ ଓ ମୋଦୀ ଗ୍ୟାରିଣ୍ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଦଳୀୟ ସଙ୍ଗଠନକୁ ଅଧିକ ସୁଦୃଢ କରିବା ନିମନ୍ତେ ସବିଶେଷ ଆଲୋଚନା କରାଯିବା ସହ ଭାଜପା ଦଳର କ୍ୟାଲେଣ୍ଡର, ପ୍ରଚାର ପତ୍ର ଓ ବିକଶିତ ଭାରତର ଗ୍ୟାରେଣ୍ଟି ଲିଫ୍ଲେଟ ବଣ୍ଟନ କରାଯାଇଥିଲା। ଏହାପରେ ଭାଜପା କାର୍ଯ୍ୟକର୍ତ୍ତା ଝରାଗୋଗୁଆ ଗ୍ରାମର ପ୍ରତ୍ୟେକ ଘରକୁ ଯାଇ ମୋଦୀଙ୍କ ଗ୍ୟାରେଣ୍ଟି ଷ୍ଟିକର ଲଗାଇଥିଲେ।

## ବରଗଡ଼ରେ ହେବ ମେଡିକାଲ କଲେଜ

ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ଏକ ମେଡ଼ିକାଲ କଲେଜ ସ୍ଥାପନ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଥିବା ସୂଚନା ମିଳିଛି। ଜିଲାର ଭଟଲି ତହସିଲ ଅନ୍ତର୍ଗତ ଗୁକୁର୍ଲା ମୌଜାରେ ରହିଥିବା ୫ଏକର ଜମିରେ ଏହି ମେଡ଼ିକାଲ କଲେଜ ସ୍ଥାପନ ହେବ। ଏଥିପାଇଁ ଜାଗା ଚିହ୍ନଟ ହୋଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗକୁ ଚିହ୍ନିତ ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ମଙ୍ଗଳବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି କଲେକ୍ଟର (ରାଜସ୍ୱ ବିଭାଗ) ପତ୍ରସଂଖ୍ୟା-୨୯୭୪ ତା-୧୯।୨।୨୦୨୪ରିଖରେ ଭଟଲି ତହସିଲଦାରଙ୍କୁ ବିହିତ ପଦକ୍ଷେପ ନେବା ପାଇଁ ଚିଠି ଲେଖିଥିବା ଜଣାପଡ଼ିଛି।

## ପଦ୍ମଶ୍ରୀ ସାଧୁ ମେହେରଙ୍କ ଶ୍ରଦ୍ଧାଞ୍ଜଳି ସଭା

ବରପାଲି,୧୯।୨(ଚିତ୍ତରଞ୍ଜନ ସାହୁ)

ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ, ପ୍ରଯୋଜକ ତଥା ବର୍ଷୀୟାନ ଅଭିନେତା ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କ ଏକ ଶ୍ରଦ୍ଧାଞ୍ଜଳି ସଭା ପୁନେ ସ୍ଥିତ ଜୁନିୟର ଷ୍ଟାଫ କ୍ଲବ ଖଡ଼କିଠାରେ ବିସିଏ ଭେଟଘାଟ କଲଚୁରାଲ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିସିଏର ସଭ୍ୟାସଭ୍ୟ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ। ସଭ୍ୟ ଜିତେନ୍ଦ୍ର ମିଶ୍ର ସ୍ୱର୍ଗତ ମେହେରଙ୍କ ସ୍ମୃତିଚାରଣ କରିଥିଲେ। ସଂଘ ସଭାପତି ହେମସାଗର ସାହୁ ଓ ସଙ୍ଗୀତ ବିଶାରଦ ରାଜଶ୍ରୀ ହୋତା ତାଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦିବ୍ୟ କିଶୋର ବକ୍ସି, ରାଜେନ୍ଦ୍ର ନାୟକ, ଜିତେନ୍ଦ୍ର ମିଶ୍ର, ଜ୍ୟୋତିରଞ୍ଜନ ପୂଜାରୀ, ସୁଶାନ୍ତ ସାହୁ, ଅର୍ଜୁନ ଗୁରୁ, ଅଭିରାମ ମିଶ୍ର, ଉପେନ୍ଦ୍ର ତ୍ରିପାଠୀ, ଅଭିନବ ଯୋଶୀ, ସ୍ନେହାପ୍ରଭା ବକ୍ସି, ମନୀଷା ପାଣିଗ୍ରାହୀ, ସସ୍ମିତା ସାହୁ, ଲିକିତା ସାହୁ, ପ୍ରତ୍ୟୁଷା ଗୁରୁ ଏବଂ ଓ କେ.ସି. ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଦଫା ଦାବିରେ ଗର୍ଜିଲେ ଚାଷୀ

- ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଆଦିବାସୀ ଘେରିଲେ ଜିଲାପାଳଙ୍କ କାର୍ଯ୍ୟାଳୟ
- ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଦେବଗଡ଼,୧୯।୨ (ଶଶାଙ୍କ ଶେଖର ଝାଙ୍କର)



ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବାକୁ ଆସିଥିବା କୃଷକ ସଂଘର୍ଷ ସଂଘର କର୍ମକର୍ତ୍ତା ଓ ଆଦିବାସୀ ମହିଳାପୁରୁଷ।

ଚାଷ ହେଉଥିବା ସରକାରୀ ଜମିର ପଟ୍ଟା ପ୍ରଦାନ, ଭୂମିହିନଙ୍କୁ ଘରଡିହ ପଟ୍ଟା ପ୍ରଦାନ, ଆଦିବାସୀ ଲୋକଙ୍କୁ ଜଙ୍ଗଲ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ, ରେଙ୍ଗାଳି ବାସଚ୍ୟୁତଙ୍କୁ ଜମି ପ୍ରଦାନ ଏବଂ ଜମିର କିସମ ପରିବର୍ତ୍ତନ ଆଦି ୫ ଦଫା ଦାବିରେ ସୋମବାର ଦେବଗଡ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ବିଶାଳ ଶୋଭାଯାତ୍ରା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସ୍ଥାନୀୟ ଇନଡୋର ଷ୍ଟାଡିୟମ ସମ୍ମୁଖରୁ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ହଜାର ହଜାର କୃଷକ ଓ କୃଷକ ନେତା ସରକାର ବିରୋଧୀ ବିଭିନ୍ନ ସ୍ଲୋଗାନ ସହ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ଶୋଭାଯାତ୍ରାରେ ପାରମ୍ପାରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ବହୁ ସଂଖ୍ୟକ ଆଦିବାସୀ ମଧ ସାମିଲ ଥିବା ଦେଖିବାକୁ ମିଳିଥିଲା। ସମଗ୍ର ଦେବଗଡ ସହର ଲୋକାରଣ୍ୟ ହୋଇଯାଇଥିଲା। ଏହି ଅବସରରେ ସେଠାରେ କୃଷକ ସଂଘର୍ଷ ସଂଘ ସମ୍ପାଦକ ଗୁଣନିଧି ବେହେରାଙ୍କ ପରିଚାଳନାରେ ଆୟୋଜିତ ପ୍ରତିବାଦ ସଭାରେ ସଂଘ ସଭାପତି ହେମ୍ବ୍ରମଙ୍କ ସମେତ ବହୁ କୃଷକ ନେତା ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ଜିଲାର ଚାଷୀଙ୍କ ଦାବି ପୂରଣରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଦର୍ଶାଇ ସମାଲୋଚନା କରିଥିଲେ। ଏଥିସହ ୫ ଦଫା ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସଂଘର୍ଷ ସଂଘ ପକ୍ଷରୁ ଆନ୍ଦୋଳନକୁ ଅଧିକ ବ୍ୟାପକ ଓ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହାପରେ ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ଏହି ମର୍ମରେ ଏକ ସ୍ମାରକପତ୍ର ପତ୍ର ପ୍ରଦାନ କରିଥିଲେ। ଏହି ଶୋଭାଯତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷକ ସଂଘର୍ଷ ସଂଘ ଉପସଭାପତି ଦେବରାଜ ପ୍ରଧାନ, ଗିରିଧାରୀ ପ୍ରଦାନ, ସୁରେଶ କୁମାର ସାହୁ, ଭୀମସେନ ଗଡନାୟକ, କେଶବ ପ୍ରଧାନ, ସୁନୀଲ ଦଳବେହେରା, ସୁବାସ ଚନ୍ଦ୍ର ଭୋଇ, ରେବତୀ ମୋହନ ପଟ୍ଟନାୟକ, ସୁସାନ୍ତ କୁମାର ସ୍ୱାଇଁ, ସୁରେନ୍ଦ୍ର କୁମାର ସାହୁ ଓ ମିନତୀ ନାୟକ ପ୍ରମୁଖ ସାମିଲ ଥିଲେ। ସୂଚନା ଯୋଗ୍ୟ ଯେ, ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ୨୦୨୩ ନଭେମ୍ବର ୨୨ରେ ଉପରୋକ୍ତ ୫ ଦଫା ଦାବି ନେଇ ଜଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଦରଖାସ୍ତ ପ୍ରଦାନ କରାଯାଇଥିଲା। ମାତ୍ର ଅଦ୍ୟାବଧି ଦାବି ପୂରଣ ନେଇ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଏହାର ପ୍ରତିବାଦରେ ସଂଘର୍ଷ ସଂଘ ପକ୍ଷରୁ ପର୍ଯ୍ୟାୟ କ୍ରମେ ଜିଲାର ୩ଟି ବ୍ଲକର ପ୍ରାୟ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ଏକାଧିକ ପଞ୍ଚାୟତ ଘେରାଉ କରାଯାଇଥିଲା। ହେଲେ କୌଣସି ସୁଫଳ ମିଳି ନ ଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, କୃଷକଙ୍କ ସ୍ୱାର୍ଥ ସମ୍ବଳିତ ଏହି ଶୋଭାଯାତ୍ରାକୁ ପୁରୁଣାପୋଷ୍ଟ ଅଫିସ ଛକ ସମେତ ବିଭିନ୍ନ ସ୍ଥାନରେ ଫୁଲ ଛିଞ୍ଚି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ହଜାର ହଜାର ଚାଷୀଙ୍କ ଆଗମନକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ନିମନ୍ତେ ଜିଲା ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଜୀବନ କୌଶଳ ଶିକ୍ଷା ତାଲିମ ଶିବିର

ଦେବଗଡ,୧୯।୨ (ଶଶାଙ୍କ ଶେଖର ଝାଙ୍କର)

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଅବାହକତ୍ୱରେ ସପୋର୍ଟ ଶିଶୁ ଗୃହ ପରିସରରେ ଶିଶୁ ଗୃହ ଅନ୍ତେବାସୀଙ୍କ ପାଇଁ ଜୀବନ କୌଶଳ ଶିକ୍ଷା ତାଲିମ କର୍ମଶାଳା ଆରମ୍ଭ ହୋଇଯାଇଛି। ଶିଶୁ ଗୃହ ଅନ୍ତେବାସୀଙ୍କ ବ୍ୟକ୍ତିତ୍ୱ ବିକାଶ ଓ ଜୀବନ କୌଶଳ ସମ୍ପର୍କରେ ଦକ୍ଷତା ବୃଦ୍ଧି ପାଇଁ ଆୟୋଜିତ ହୋଇଥିବା ଏହି ତାଲିମ ଶିବିର ୩ସପ୍ତାହ ଧରି ପ୍ରତ୍ୟେକ ଶନିବାର ଓ ରବିବାର ସପୋର୍ଟ ଶିଶୁ ଗୃହ ପରିସରରେ ଆୟୋଜିତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଏହି ତାଲିମ ଶିବିରକୁ ମୁଖ୍ୟ ଅତିଥିଭାବେ ଉପ ଜିଲାପାଳ ପରୀକ୍ଷିତ ସାହୁ ଓ ଅନ୍ୟତମ ଅତିଥିଭାବେ ଶିଶୁ ମଙ୍ଗଳ କମିଟି ଅଧକ୍ଷା ପିଙ୍କିରାଣୀ ନନ୍ଦ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି କର୍ମଶାଳାରେ ତାଲିମଦାତା ଭାବେ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ଆକ୍ସନଆଡ ଜିଲ୍ଲା ପରାମର୍ଶଦାତା ବୀରେନ୍ଦ୍ର ମହାପାତ୍ର, ଜ୍ୟୋଷ୍ଣ ରାଣୀ ଦାସ, ଶ୍ରୀଦତ୍ତ ସାହୁ, ଶୁଭସ୍ମିତା ମିଶ୍ର, ସୁଭଦ୍ରା ସାହୁ ପ୍ରମୁଖା ଯୋଗଦେଇଥିଲେ। କର୍ମଶାଳାକୁ ପରିଚାଳନା କରିଥିଲେ ସୁରକ୍ଷା ଅଧିକାରିଣୀ କ୍ରାନ୍ତି ଧାଉଁଲିଆ ଓ ଦେବରଞ୍ଜନ ପ୍ରଧାନ।

# ଟିଂକିରା ନଦୀରେ ସେତୁ ନିର୍ମାଣ ହେଉ


ଦାବିପତ୍ର ଦେବାକୁ ଆସିଥିବା ଅଞ୍ଚଳବାସୀ।

ନାକଟିଦେଉଳ,୧୯।୨(ବୈକୁଣ୍ଠନାଥ ସାହୁ)

**ଅଭିଯୋଗ ଶୁଣାଣିରେ ଦାବି ଜଣାଇଲେ ୧୦ ଗ୍ରାମର ଲୋକେ**

କଣ୍ଢେଲ-ଗଦାଧରପୁର ରାସ୍ତାର ଟିଂକିରା ନଦୀ ଉପରେ ସେତୁ ନିର୍ମାଣ ହୋଇ ନ ଥିବାରୁ ନାକଟିଦେଉଳ ବ୍ଲକ ସାଲେଭଟା ଗ୍ରା.ପ. ଅନ୍ତର୍ଗତ ୧୦ ଗ୍ରାମର ଅଧିବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଞ୍ଚଳବାସୀ ଏ ନେଇ ଅଭିଯୋଗକରି ପଦକ୍ଷେପ ନେବାକୁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ ସାଲେଭଟା ଗ୍ରା.ପ. ଅନ୍ତର୍ଗତ କଣ୍ଢେଲ, ବାବୁତଇଲା, ବସାଲୋଇ, ନେଭରାପାଳ, ପଥୁରିନାଲୀ, ରୋହିଣିଗାଡ଼ିଆ, ତୁଳସୀତଇଲା, ଶଙ୍କରପାଲି, ଡେରାପଥର, ଧଉରାଗୋଠ ଆଦି ଗ୍ରାମର ଲୋକମାନେ ଦୈନନ୍ଦିନ କାର୍ଯ୍ୟ ନିମନ୍ତେ ବାଟଗାଁ ଓ ନାକଟିଦେଉଳ ଉପରେ ନିର୍ଭର କରିଥାନ୍ତି। କଣ୍ଢେଲ-ଗଦାଧରପୁର ରାସ୍ତାରେ ପଡୁଥିବା ଟିଂକିରା ନଦୀ ଯୋଗୁ ଗୁରୁତର ରୋଗୀ କିମ୍ବା ପ୍ରସୂତି ମହିଳାଙ୍କୁ ଡାକ୍ତରଖାନା ନେବାକୁ ହେଲେ ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚିପାରୁ ନାହିଁ। ତେଣୁ ଅନେକ ସମୟରେ ଲୋକମାନେ ଖଟିଆରେ ବୋହି ନଦୀ ପାରିହୋଇ ଡାକ୍ତରଖାନା ନେବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ଅଞ୍ଚଳର ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ବାଟଗାଁ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପରେ ନିର୍ଭରଶୀଳ। ବର୍ଷାଦିନେ ପିଲାମାନେ ଟିଂକିରା ନଦୀରେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି। ଦୀର୍ଘଦିନ ହେଲା ଅଞ୍ଚଳବାସୀ ଟିଂକିରା ନଦୀରେ ଏକ ସେତୁ ନିର୍ମାଣ ପାଇଁ ଦାବି କରିଆସୁଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ ସେତୁ ନିର୍ମାଣ ସହ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ସବୁଦିନିଆ ରାସ୍ତାରେ ପରିଣତ କରିବାକୁ ଗ୍ରାମବାସୀ ପ୍ରଶାସନଠାରେ ଲିଖିତ ଅଭିଯୋଗ କରିଛନ୍ତି। ଯଦି ଏ ଦିଗରେ ସରକାର ପଦକ୍ଷେପ ନ ନିଅନ୍ତି ତା'ହେଲେ ଆଗାମୀ ସାଧାରଣ ନିର୍ବାଚନରେ ପ୍ରଶାସନକୁ ଅସହଯୋଗ କରିବା ସହ ଭୋଟ ବର୍ଜନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ଆଜି ବରଗଡ଼ ଆସୁଛନ୍ତି ମୁଖ୍ୟମନ୍ତ୍ରୀ

ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ବରଗଡ଼ ଗସ୍ତରେ ଆସୁଥିବା ସୂଚନା ମିଳିଛି। ତାଙ୍କ ଏହି ଗସ୍ତରେ ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନ ୧୨ଟାରେ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ, ବରଗଡ଼ କ୍ୟାନ୍‌ସର ହସ୍ପିଟାଲ, ନୃସିଂହନାଥ ରୂପାନ୍ତରୀକରଣ ପ୍ରକଳ୍ପର ଉଦ୍‌ଘାଟନ ଏବଂ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ମିନିଟରେ ନବୀନ ନିବାସରୁ ବାହାରି ୧୦ଟା ୩୫ମିନିଟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ପୂର୍ବାହ୍ନ ୧୦ଟା ୪୦ମିନିଟ୍‌ରେ ସୁପର କିଙ୍ଗ୍ ଏୟାର ବି ୨୦୦ ଭିଟି-ଇଏଚ୍‌ବି ଏୟାରକ୍ରାଫ୍ଟ ଯୋଗେ ପଦ୍ମପୁର ସତୀଭଟା ଏୟାରଷ୍ଟ୍ରିପ୍ ଅଭିମୁଖେ ଆସିବେ। ପୂର୍ବାହ୍ନ ୧୧ଟା ୩୦ମିନିଟ୍‌ରେ ସତୀଭଟା ଏୟାରଷ୍ଟ୍ରିପ୍‌ରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଅନ୍ୟ ଏକ ହେଲିକପ୍ଟର ଅଗଷ୍ଟା ୧୦୯ ଭିଟି-ଓଏସଏଚ୍ ଯୋଗେ ପୂର୍ବାହ୍ନ ୧୧ଟା ୩୫ମିନିଟ୍‌ରେ ବିଜେପୁର ବ୍ଲକ କନାପାଲି ପମ୍ପ ହାଉସ ନିକଟରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌କୁ ଯିବେ। ଉକ୍ତ ହେଲିପ୍ୟାଡ୍‌ରେ ସେ ୧୧ଟା ୫୫ମିନିଟ୍‌ରେ ପହଞ୍ଚିବେ ଏବଂ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପର ପମ୍ପ ହାଉସ ପରିଦର୍ଶନ ସହିତ ଉକ୍ତ ପ୍ରକଳ୍ପର ଡେମୋନଷ୍ଟ୍ରେଶନ ଦେଖିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ନିକଟସ୍ଥ ବିଜେପୁର ଷ୍ଟାଡ଼ିୟମ କାର୍ଯ୍ୟକ୍ରମ ସ୍ଥଳୀକୁ ଯାଇ ମଧ୍ୟାହ୍ନ ୧୨ଟାରେ ମୁଖ୍ୟମନ୍ତ୍ରୀ ଉକ୍ତ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ କରିବେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଅଭିଯୋଗ ଶୁଣାଣିରେ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

ଦେବଗଡ,୧୯।୨ (ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଦେବଗଡ ଜିଲା ପରିଷଦ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଯୋଗଦେଇ ମୋଟ ୨୭ଟି ଅଭିଯୋଗ ଗ୍ରହଣ କରିବା ସହ ତୁରନ୍ତ ଏଗୁଡିକର ସମାଧାନ ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ଅଭିଯୋଗ ଗୁଡିକ ମଧ୍ୟରେ ୧୭ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷଭାବେ ଚାରି ଡେସିମିଲ ଲେଖାଏଁ ଜମିର ପଟ୍ଟା ପ୍ରଦାନ, ବିଦ୍ୟୁତ୍ ସମସ୍ୟା, ପୋଲ ନିର୍ମାଣ, ସଡ଼କ ମରାମତି ଓ ଚାଷଜମି ମରାମତି ଆଦି ନେଇ ଅଭିଯୋଗ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲା ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ, ଉପ ଜିଲାପାଳ ପରକ୍ଷୀତ ସାହୁ ଓ ବାରକୋଟ ବ୍ଲକ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ସମେତ ଜିଲାର ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଯୁଯୁମୁରାରେ ଭାଜପାର ଜନସମ୍ପର୍କ ଅଭିଯାନ

ସମ୍ବଲପୁର,୧୯।୨( ପ୍ରମୋଦ ବହିଦାର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନାଭିମୁଖୀ କାର୍ଯ୍ୟକ୍ରମ ବିଷୟରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ଭାଜପା ପକ୍ଷରୁ ସୋମବାର ଯୁଯୁମୁରା ଅଞ୍ଚଳରେ ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଡ. ପ୍ରମୋଦ ରଥ ଯୋଗଦେଇ ମୋଦି ସରକାର ସାଧାରଣ ଲୋକଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନାର ସୁଫଳ ଲୋକମାନେ କିଭଳି ପାଇପାରୁଛନ୍ତି ତାହା ଅବଗତ କରିଥିଲେ। ସେ ଯୁଯୁମୁରା ବ୍ଲକର ଛାମୁଣ୍ଡା ଓ ବୀର ସିଂହ ଗଡର ବିଭିନ୍ନ ଗାଁରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିରେ ପୁରୁଷୋତ୍ତମ ଭୋଇ, ବୈରାଗୀ ଭୋଇ, ବିକାଶ ଭୋଇ ସହଯୋଗ କରିଥିଲେ।

## ଜଙ୍ଗଲ ନିଆଁ ନିରାକରଣ ସଚେତନତା କାର୍ଯ୍ୟକ୍ରମ

ପଦ୍ମପୁର,୧୯।୨(ପ୍ରଦୀପ୍ତ ଦାଶ)

ବରଗଡ ବନଖଣ୍ଡ ପଦ୍ମପୁର ବନାଞ୍ଚଳ ତରଫରୁ ରାଜବୋରାସମ୍ବର ବ୍ଲକ ଜମରତଲା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ଜମରତଲା ସରପଞ୍ଚ ବିଦ୍ୟୁଭୂଷଣ ଚାନ୍ଦ, ମୁଖ୍ୟ ବକ୍ତା ଜିଲା ପରିବେଶ ସୁରକ୍ଷା ମଞ୍ଚ ବରଗଡ଼ ସମ୍ପାଦକ ପ୍ରକୃତି ବନ୍ଧୁ ମୀନକେତନ ସାହୁ, ସମ୍ମାନୀତ ଅତିଥି ରାଜବୋରାସମ୍ବର୍ ବ୍ଲକ ଉପାଧ୍ୟକ୍ଷା ସଂଯୁକ୍ତା ଚାନ୍ଦ, ଜିଲା ପରିଷଦ ସଭ୍ୟ ମକରଧ୍ୱଜ ବଗାର, ଜମରତଳା ବନ ସୁରକ୍ଷା ସମିତି ସଭାପତି ପ୍ରଦୀପ ପଣ୍ଡା,ଜୟନ୍ତ ସେଠ୍ ପ୍ରମୁଖ ଅଂଶଗ୍ରହଣ କରି ଜଙ୍ଗଲ ନିଆଁ ନିରାକରଣ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ରାଜକୁମାର ସାହୁଙ୍କ ନିର୍ଦ୍ଦେଶନାରେ ସଚେତନ ହେମା ନାଟ୍ୟ ସଂସଦ ଢୋଲବନ୍ଧ ତରଫରୁ ଜଙ୍ଗଲ ନିଆଁ ନିରାକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ମାକଡ ବିହା ପ୍ରଦର୍ଶିତ କରାଯାଇଥିଲା। ଶିବିରରେ ପଦ୍ମପୁର ବନାଞ୍ଚଳର ବିଭିନ୍ନ ବନ ସୁରକ୍ଷା ସମିତିର ସଭାପତି,କର୍ମକର୍ତ୍ତା,ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା,ଏମବିକେ, ସିଆରପି,ସମସ୍ତ ଫରେଷ୍ଟର,ଫରେଷ୍ଟ ଗାର୍ଡ, ଗଜ ସାଥି, ଅନ୍ୟାନ୍ୟ ଫରେଷ୍ଟ କର୍ମଚାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଆମ ଜଙ୍ଗଲ ଯୋଜନା ଟିମ୍ ଲିଡର ପ୍ରକାଶ ଚନ୍ଦ୍ର ହୋତା ସଂଯୋଜନା କରି ଥିବା ବେଳେ ଫରେଷ୍ଟର ଅଶ୍ୱିନୀ କୁମାର ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହାପରେ ପଦ୍ମପୁର ବନାଞ୍ଚଳ ର ଜୟପୁର ଠାରେ ପୁଣି ବନ କର୍ମଚାରୀଙ୍କ ସହାୟତାରେ ଆମେ ସଚେତନ ହେମା ନାଟ୍ୟ ସଂସଦ ତରଫରୁ ସଚେତନତା କାର୍ଯ୍ୟକ୍ରମ ମାକଡ ବିହା ପ୍ରଦର୍ଶିତ ହୋଇଥିଲା।


ପଦ୍ମପୁର ଜଙ୍ଗଲ ବିଭାଗ ପକ୍ଷରୁ ସଚେତନ କରାଯାଉଛି।

## ଆଇଆଇଟି-ଜେଇଇରେ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା


ଅରିନ | ସତ୍ୟମ ସାଇ | ପ୍ରତୀକ | ପ୍ରିୟଙ୍କା | ବିପ୍ରାଂଶୁ | ମନିଷା | ଖୁସି

ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)

ଆଇଆଇଟି-ଜେଇଇ(ମେନ୍) ସେସନ-୧ ପ୍ରବେଶିକା ପରୀକ୍ଷାରେ ବରଗଡ଼ କ୍ରୀଷ୍ଣା ଆବାସିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଫଳତା ଅର୍ଜନ କରିଛନ୍ତି। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ସୂଚନା ଦେଇଛନ୍ତି, ବରଗଡ଼ କ୍ରୀଷ୍ଣା ବିକାଶର ୬ଛାତ୍ରୀଛାତ୍ର ୯୮ପ୍ରତିଶତରୁ ଊର୍ଦ୍ଧ୍ୱ, ୧୪ଛାତ୍ରୀଛାତ୍ର ୯୭ପ୍ରତିଶତରୁ ଊର୍ଦ୍ଧ୍ୱ, ୨୩ଛାତ୍ରୀଛାତ୍ର ୯୫ପ୍ରତିଶତରୁ ଊର୍ଦ୍ଧ୍ୱ ଏବଂ ୯୨ଛାତ୍ରୀଛାତ୍ର ୨୦୨୩ ଜେଇଇର ନିର୍ଦ୍ଧାରିତ କଟ୍‌ଅଫ୍ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି। କ୍ରୀଷ୍ଣା ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ (ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି ପରୀକ୍ଷାଫଳ ଉପରେ ସୂଚନା ଦେଇ କହିଛନ୍ତି, ପ୍ରତୀକ ୯୮.୮୪, ପ୍ରିୟଙ୍କା ୯୮.୮୩, ଅରିନ ୯୮.୫୧, ବିପ୍ରାଂଶୁ ୯୮.୩୫, ମନୀଷା ୯୮.୧୨, ଖୁସି ୯୮.୧୧, ସୌମ୍ୟା ୯୭.୯୪, ଶୁଭାଶିଷ ୯୭.୯୨, ସତ୍ୟମ ସାଇ ୯୭.୯୧, ରିତେଶ ୯୭.୭୩, ଅରମାନ ୯୭.୨୩, ପ୍ରୀତିଦେବ ୯୭.୨୦, ପୋଲସ୍ତ୍ୟ ୯୭.୧୧, ମଧୁସୂଦନ ୯୭.୦୯ ପ୍ରତିଶତ ମାର୍କ ରଖି ତାଲିକାର ଶ୍ରେଷ୍ଠରେ ରହିଛନ୍ତି । ପଦାର୍ଥ ବିଜ୍ଞାନରେ ଅରିନ ଶତ ପ୍ରତିଶତ, ଖୁସି ୯୯.୮୯, ସୌମ୍ୟା ୯୯.୬୯, ପୋଲସ୍ତ୍ୟ ୯୯.୪୫, ଅରମାନ ୯୯.୩୭, ପ୍ରତୀକ ୯୯.୩୩, ପ୍ରିୟଦର୍ଶନ ୯୯.୨୧ ରଖି ସଫଳ ହୋଇଛନ୍ତି । ରସାୟନ ବିଜ୍ଞାନରେ ସତ୍ୟମ ସାଇ ଶତ ପ୍ରତିଶତ, ଅରିନ ୯୯.୯୪, ଓଜସ୍ୱୀ ୯୯.୮୨, ବିପ୍ରାଂଶୁ ୯୯.୮୨, ହର୍ଷିତା ୯୯.୫୯, ମନୀଷା ୯୯.୪୮, ଚିନ୍ମୟାନନ୍ଦ ୯୯.୪୭, ପ୍ରତୀକ ୯୯.୪୧, ଶୁଭାଶିଷ ୯୯.୩୭, ଅରମାନ ୯୯.୩୭ ପ୍ରତିଶତ ମାର୍କ ରଖିଛନ୍ତି । ବିକାଶରେ ଚାଲିଥିବା ସେଣ୍ଟ୍ରାଲାଇଜ୍‌ଡ ଏଣ୍ଟ୍ରାନ୍ସ ଏକାଡ଼େମୀର ପାଠ୍ୟକ୍ରମ ଯୋଗୁ ଛାତ୍ରୀଛାତ୍ରଙ୍କୁ ଏଭଳି ସଫଳତା ମିଳିଛି ବୋଲି କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ମତବ୍ୟକ୍ତ କରିଛନ୍ତି। କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟ(ସିନିୟର ସେକେଣ୍ଡାରୀ) ଅଧ୍ୟକ୍ଷ ପତି, ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକଙ୍କୁ ଏହାର ଶ୍ରେୟ ଦେଇଛନ୍ତି । ଆଗାମୀ ଦିନରେ ହେବାକୁ ଜେଇଇ ମେନ ସେସନ-୨, ଆଇଆଇଟି ଜେଇଇ ଏଡ଼ଭାନ୍ସଡ୍, ଏନ୍‌ଟିଏ-ନିଟ୍(ମେଡ଼ିକାଲ), ସିୟୁଇଟି, ସିଏ, ଏଡ଼ିଏ, ବୋର୍ଡ ପରୀକ୍ଷାରେ ମଧ୍ୟ ଛାତ୍ରୀଛାତ୍ର ଏଭଳି ସଫଳତା ଆଣିବେ ବୋଲି ଚେୟାରମ୍ୟାନ କ୍ରୀଷ୍ଣା ଆଶାପୋଷଣ କରିଛନ୍ତି । କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ବୌଦ୍ଧ ଭୈରବୀ ମନ୍ଦିରରୁ ଚୋରି

**ବୌଦ୍ଧ, ୧୯।୨(ଅଜିତ କୁମାର ବାରିକ):** ବୌଦ୍ଧ ସହରରେ ଚୋରି ଏକ ତିନିଦିନିଆ ଘଟଣା ପାଲଟିଛି। ଚୋରମାନେ ଘରଗୁଡ଼ିକରୁ ଚୋରି କରୁଥିବାବେଳେ ଏବେ ମନ୍ଦିରଗୁଡିକରେ ଚୋରଙ୍କ ଆଖିପଡିଛି। ଜିଲାରେ ମାସେ ଭିତରେ ବହୁ ମନ୍ଦିରରୁ ଚୋରି ହୋଇଥିବା ଜଣାପଡିଛି। ଯାହା ବୌଦ୍ଧ ପୋଲିସର ନିଦ ହଜାଇ ସାରିଲାଣି। ଚୋରମାନେ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ମନ୍ଦିରଗୁଡିକରୁ ଚୋରି କରୁଥିବାବେଳେ ପୋଲିସ କୌଣସି ଟେର ପାଇପାରୁନାହିଁ। ଗତ ୫ ତାରିଖରେ ଚୋରମାନେ ବୌଦ୍ଧ ସହରର ଜନଗହଳି ସ୍ଥାନ ତଥା କେନ୍ଦ୍ରସ୍ଥଳରେ ଥିବା ମା' ଭୈରବୀଙ୍କ ମନ୍ଦିରର ହୁଣ୍ଡି ଭାଙ୍ଗି ସମସ୍ତ ଟଙ୍କା ପଇସା ନେଇଯାଇଥିଲେ। ଏନେଇ ମନ୍ଦିର କମିଟି ପକ୍ଷରୁ ବୌଦ୍ଧ ଥାନାରେ ଅଭିଯୋଗ କରାଯାଇଥିଲା। ପୁଣି ୧୪ ଦିନ ନ ଯାଉଣୁ ଚୋରମାନେ ସୋମବାର ମା' ଭୈରବୀଙ୍କ ମନ୍ଦିରରୁ ଚୋରି କରିଥିବା ଜଣାପଡିଛି। ଏଥର ଚୋରମାନେ ମା'ଙ୍କ ରତ୍ନ ଆଖି ଓ ମୁଣ୍ଡରେ ଲାଗିଥିବା ସ୍ୱର୍ଣ୍ଣ ଟିତାକୁ ନେଇଯାଇଛନ୍ତି। ପୁଣି ମନ୍ଦିର କମିଟି ପକ୍ଷରୁ ବୌଦ୍ଧ ଥାନାରେ ଅଭିଯୋଗ କରାଯାଇଛି। ଖାଲି ଯେ, ବୌଦ୍ଧର ମା' ଭୈରବୀଙ୍କ ମନ୍ଦିରୁ ଚୋରି ହୋଇଛି ତାହା ନୁହେଁ, ସହରର ଜଳେଶ୍ୱର ମନ୍ଦିର, ଚନ୍ଦ୍ରଚୂଡ ମନ୍ଦିର, ହନୁମାନ ମନ୍ଦିରରୁ ଚୋରମାନେ ହୁଣ୍ଡି ଭାଙ୍ଗି ଟଙ୍କା, ଅଳଙ୍କାର ଚୋରି କରିନେଇଯାଇଛନ୍ତି।

# ୬ ଦଫା ଦାବିରେ ଆର୍‌ଆଇ, ସୁପରଭାଇଜରଙ୍କ ଧାରଣା


ବଡ଼ଗାଁ ତହସିଲ ଅଫିସ ସମ୍ମୁଖ ରେ ଧାରଣାରେ ଆର୍ ଆଇ ଏବଂ ସୁପରଭାଇଜର।

**ବଡ଼ଗାଁ, ୧୯।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକର ସମସ୍ତ ରାଜସ୍ୱ ନିରୀକ୍ଷକ ଓ ସୁପରଭାଇଜରମାନେ ସୋମବାର ତହସିଲ ଅଫିସ ସମ୍ମୁଖରେ ୬ ଦଫା ଦାବିକୁ ନେଇ ଧାରଣାରେ ବସିଛନ୍ତି। ସେମାନେ ପ୍ରେସ୍ ଇସ୍ତାହାରରେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାର ବିଭିନ୍ନ ଲୋକାଭିମୁଖୀ ଏବଂ ଉନ୍ନୟନମୂଳକ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ ସଫଳ ରୂପାୟନ ଓ ପ୍ରତିଟି ଜନସାଧାରଣଙ୍କ ନିକଟରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେବା ଯୋଗାଇଦେବା ନିମନ୍ତେ ଦିନରାତି ଅହରହ ପ୍ରଚେଷ୍ଟିତ। ହେଲେ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଦାବିଗୁଡିକ ଆଇନସଙ୍ଗତ, ଅଣଆର୍ଥିକ ଓ ନ୍ୟାୟ ଦାବିଗୁଡ଼ିକ ପ୍ରତି ବୈମାତୃକ ମନୋଭାବ ଓ ଅହେତୁକ ଅବହେଳା ଯୋଗୁ ଆର୍‌ଏସ୍, ରାଜସ୍ୱ ନିରୀକ୍ଷକ ଓ ସହକାରୀ ନିରୀକ୍ଷକଙ୍କ ଭାଗ୍ୟ ଅନ୍ଧକାରକୁ ଠେଲି ହୋଇଗଲାଣି। ଫଳରେ ମନୋବଳ ହ୍ରାସ ପାଇବା ସହିତ ତୀବ୍ର ଅସନ୍ତୋଷ ସୃଷ୍ଟି ହେଉଛି। ଏ ନେଇ ସରକାରଙ୍କ ସହିତ ବିଭିନ୍ନ ସମୟରେ ଆଲୋଚନା ଓ ବିଚାର ବିମର୍ଷ ହୋଇଥିଲେ ସୁଦ୍ଧା କ୍ୟାଡର ୧୯୮୩ରୁ ପୁନଃ ଗଠନ ହୋଇପାରିନାହିଁ। କିନ୍ତୁ ଅନ୍ୟ ବିଭାଗ ଜିଲା ସ୍ତରୀୟ କର୍ମଚାରୀଙ୍କ କ୍ୟାଡର ପୁନଃ ଗଠନ ହୋଇ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇ ସାରିଲାଣି। ଯେତେ ଦିନ ଯାଏଁ ୬ ଦଫା ଦାବି ମଧ୍ୟରୁ ମୁଖ୍ୟ ଦାବି କ୍ୟାଡର ପୁନଃ ସଂରଚନା କରି ବିଜ୍ଞପ୍ତି ପ୍ରକାଶ କରା ନ ଯାଇଛି ସେତେଦିନ ପର୍ଯ୍ୟନ୍ତ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇ ତହସିଲ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣ ଦେବାକୁ ସ୍ଥିର କରାଯାଇଛି। ବଡ଼ଗାଁ ତହସିଲ ଅଫିସ ସମ୍ମୁଖରେ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସୁନ୍ଦରଗଡ ଉପଖଣ୍ଡ ସଭାପତି ସୁବ୍ରତ କୁମାର ପଟେଲଙ୍କ ନେତୃତ୍ୱରେ ରାଜସ୍ୱ ପରିଦର୍ଶକ ତୃପ୍ତିମୟୀ ପଟେଲ, ଆର୍‌ଆଇ ଜନ୍ମେଜୟ ବାଗ, ଆଲୋକ ଉର୍ମାକୁଲି , ସଞ୍ଜୟ ପୃଷ୍ଟି, ଡିଲେଶ୍ୱର ନାଏକ, ଅମରଜ୍ୟୋତି ଖାଲଖୋ, ପ୍ରଦୀପ୍ତା ପଟେଲ, ବର୍ଷାରାଣୀ ପଟେଲ ଧାରଣାରେ ବସିଛନ୍ତ। ଧାରଣ ଯୋଗୁ ଜନସାଧାରଣଙ୍କ କାର୍ଯ୍ୟରେ ବାଧା ହେବାକୁ ଥିବାରୁ ଆନ୍ଦୋଳନରେ ସାମିଲ କର୍ମଚାରୀମାନେ ଦୁଃଖ ପ୍ରକାଶ କରିଛନ୍ତି।

## ରାଜଗାଙ୍ଗପୁର ଆର୍‌ଆଇ, ଅମିନଙ୍କ ଧାରଣା

**ରାଜଗାଙ୍ଗପୁର, (ଅଶୋକ ପାଣି)**

ରାଜଗାଙ୍ଗପୁର ତହସିଲ ସମ୍ମୁଖରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଡାକରା କ୍ରମେ ରାଜସ୍ୱ ପରିଦର୍ଶକ ଭୀମ ମାଝି, ରାଜସ୍ୱ ନିରୀକ୍ଷକ ରିଙ୍କେସ ମହାନ୍ତି, ଶ୍ରାବଣୀ କଉଡି, ରଶ୍ମି ସାହୁ, ରଞ୍ଜିତା ଲାକ୍ରା ପ୍ରମୁଖ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଏବଂ ଉନ୍ନୟନମୂଳକ ଯୋଜନାଗୁଡିକ ତୃଣମୂଳ ସ୍ତରରେ ସଫଳ ରୂପାୟନ ହେଉଛି। ହେଲେ ସଂଘ ଦେଇଥିବା ୬ ଦଫା ଦାବିରୁ ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ପୂରଣ କରାଯାଇନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ସୂଚନା ଦେଇଥିଲେ।


ଧାରଣାରେ ବସିଥିବା ଆର୍‌ଆଇ ଅମିନ।

## ୧୮ ଅଭିଯୋଗର ତତ୍‌କ୍ଷଣାତ ସମାଧାନ

**ରାଜଗାଙ୍ଗପୁର, ୧୯।୨(ଅଶୋକ ପାଣି) :** ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ସୋମବାର ରାଜଗାଙ୍ଗପୁର ବ୍ଲକ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ. ପରାଗ ଗଭାଲି ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ମୋଟ ୩୧୮ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୬୦ ବ୍ୟକ୍ତିଗତ ଏବଂ ୧୪୪ ସାମୂହିକ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୪ଟି ଆବେଦନ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୮ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ବିଶେଷ କରି ଭତ୍ତା, ରାସନ୍ କାର୍ଡ ସମସ୍ୟା, ଗ୍ରାମୀଣ ଘରଡିହ, ରାସ୍ତାର ମରାମତି, ପାନୀୟ ଜଳ ଯୋଗାଣ, ଡ୍ରେନେଜ୍ ସମସ୍ୟା, ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘର ବିଭିନ୍ନ ସମସ୍ୟା ପ୍ରମୁଖ ରହିଥିଲା। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ସଦର ଉପଜିଲାପାଳ ଦାଶରଥି ସରାବୁ, ଆଇଏଏସ ଶିକ୍ଷାନବିସ ପ୍ରହଲ୍ଲାଦ ଶର୍ମା, ରାଜଗାଙ୍ଗପୁର ଗୋଷ୍ଠି ଉନ୍ନୟନ ଅଧିକାରୀ ଅକ୍ଷୟ ବାଗ, ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କୁଆଁରମୁଣ୍ଡାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**କୁଆଁରମୁଣ୍ଡା, ୧୯।୨(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ପରିସରରେ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେରକେଟା, ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେରକେଟା, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦାଙ୍କ ସହ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡ. ଶ୍ରୀମନ୍ତ ପଟ୍ଟନାୟକ, କୁଆଁରମୁଣ୍ଡା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିଚାଳକ ମନୋଜ ପ୍ରଧାନଙ୍କ ସହ ଅନ୍ୟମାନେ ମଞ୍ଚାସୀନ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରିଥିଲେ। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଏସଏଚଜି ମହିଳା ଗୋଷ୍ଠୀଙ୍କୁ ଋଣ ସହାୟତା ପ୍ରଦାନ କରାଯାଇଛି। କୁଆଁରମୁଣ୍ଡା ବିଡିଓ ଗଙ୍ଗାରାମ ବୁଡେକଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ। ଏହି ଅବସରରେ ମହିଳାଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ, ଗୀତ ପରିବେଷଣ ହୋଇଥିଲା।


କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ବିଜନେସ କୁଇଜ୍‌ରେ ସମ୍ପଦ ମିଶ୍ର ଜାତୀୟ ଚାମ୍ପିୟନ

**ରାଉରକେଲା, ୧୯।୨(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ରିଫ୍ରାକ୍ଟୋରିଜ ବିଭାଗରେ ଏଜିଏମ୍ ସମ୍ପଦ ମିଶ୍ର ବିଜନେସ କୁଇଜ ଉଡ଼ାନ-୨୦୨୩ରେ ଜାତୀୟ ସ୍ତରରେ ଚାମ୍ପିୟନ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମନ୍ଥନ ସମ୍ମିଳନୀ କକ୍ଷରେ ସମ୍ପଦ ମିଶ୍ରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, କାର୍ମିକ ଓ ପ୍ରଶାସନ ବିଭାଗ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଏବଂ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ସିଜିଏମ୍ ଆଇରନ ବି. ଆର. ପଲାଇ ଏବଂ ବହୁ ଅନ୍ୟ ସିଜିଏମ୍ ତଥା ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

୨୦୨୩ ଡିସେମ୍ବର ୨୧ତାରିଖରେ ଆୟୋଜିତ ଇଷ୍ଟର୍ନ ଜୋନାଲ ବିଜନେସ କୁଇଜ ପ୍ରତିଯୋଗିତାରେ ସମ୍ପଦ ମିଶ୍ର ୧ମ ସ୍ଥାନ ଅଧିକାର କରିଥିଲେ। ସେହିପରି ସେ ଗତ ଜାନୁଆରୀ ୭ ତାରିଖରେ ଅନୁଷ୍ଠିତ ଜାତୀୟ ଫାଇନାଲରେ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଥିଲେ। ଏହି କୁଇଜ ଏମ୍‌ଟିଆଇ ରାଞ୍ଚି ଦ୍ୱାରା ଜାତୀୟ ଏଚ୍‌ଆରଡି ନେଟଓ୍ୱାର୍କ ଅଧ୍ୟାୟର ସହଭାଗିତାରେ ଆୟୋଜିତ ହୋଇଥିଲା। ଏଥିରେ ସେଲ୍‌ର ବିଭିନ୍ନ ପ୍ଲାଣ୍ଟ/ୟୁନିଟ ତଥା ଦେଶର ଅନ୍ୟାନ୍ୟ କର୍ପୋରେଟରୁ ୨୩୮ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଫାଇନାଲକୁ ଉତୀର୍ଣ୍ଣ ହୋଇଥିବା ଶ୍ରେଷ୍ଠ ୮ଟି ଦଳ ମଧ୍ୟରୁ ଟିସିଏସ, ଏର୍ନଷ୍ଟ ଏଣ୍ଡ ୟଙ୍ଗ, ଭିଲାଇ ଷ୍ଟିଲ ପ୍ଲାଣ୍ଟ, ଫୁଜିସୁ, ବାର୍କଲେସ, ଆରଆଇଏନଏଲ, କ୍ୟାପଯେମିନି ସହିତ ସେଲ୍ ଆର୍‌ଏସ୍‌ପି ସାମିଲ ହୋଇଥିଲା। କୁଇଜ ବ୍ୟବସାୟ ପରିଚାଳନା ଧାରଣା, ମାର୍କେଟିଂ, ବ୍ରାଣ୍ଡ, ବ୍ୟବସାୟିକ ବ୍ୟକ୍ତିତ୍ୱ, ବିଜ୍ଞାପନ ଏବଂ ସାମ୍ପ୍ରତିକ ବ୍ୟବସାୟିକ ଇଭେଣ୍ଟ ଉପରେ ଆଧାରିତ ଥିଲା। କୁଇଜ ମାଷ୍ଟର ଅଜୟ ପୁନିଆଁ ଇଭେଣ୍ଟ ପରିଚାଳନା କରିଥିଲେ। ଉଲ୍ଲେଖନୀୟ, ସମ୍ପଦ ମିଶ୍ର ୨୦୧୪ରୁ କ୍ରମାଗତ ୨୦୧୭ ପର୍ଯ୍ୟନ୍ତ ଉଡାନ କୁଇଜ ବିଜେତା ରହି ଆସିଥିଲେ। ତେବେ ଡିସେମ୍ବର ମାସରେ ପୁନଶ୍ଚ ବିଜୟଧାରା ବଜାୟ ରଖି ସମ୍ପଦ ମିଶ୍ର ଆରଏସପି ପାଇଁ ଗୌରବ ଆଣିଛନ୍ତି।


ସମ୍ପଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଆଜି ମାଟ୍ରିକ୍ ପରୀକ୍ଷା

## ସୁନ୍ଦରଗଡରେ ପରୀକ୍ଷା ଦେବେ ୨୪୬୮୭ ଛାତ୍ରୀଛାତ୍ର

**ସୁନ୍ଦରଗଡ, ୧୯।୨ (ଜୟ ନାରାୟଣ ମେଣ୍ଡୁଲି)**

ଆଜିଠାରୁ ଆରମ୍ଭ ହେଉଛି ଚଳିତ ବର୍ଷର ମ୍ୟାଟ୍ରିକ ପରୀକ୍ଷା। ସୁନ୍ଦରଗଡ ଜିଲାର ମୋଟ ୪୦୫ ହାଇସ୍କୁଲର ୨୪୬୮୭ ଜଣ ପରୀକ୍ଷାର୍ଥୀ ମ୍ୟାଟ୍ରିକ ପରୀକ୍ଷା ଦେବେ। ୧୧୭ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ୨୦ଟି ନୋଡାଲ ସେଣ୍ଟର ରହିଛି। ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୬୩୦ଜଣ ରେଗୁଲାର ଓ ୫୭ ଜଣ ଏକ୍ସ ରେଗୁଲାର। ଏତଦବ୍ୟତୀତ ମଧ୍ୟମାରେ ଜଣେ ଓ ଏସଓଏସସି ପରୀକ୍ଷାରେ ୩ଜଣ ପରୀକ୍ଷାର୍ଥୀ ରହିଛନ୍ତି ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ରାଜଗାଙ୍ଗପୁରରେ ପରୀକ୍ଷା ଦେବେ ୧୬୨୪ ଛାତ୍ରୀଛାତ୍ର

**ରାଜଗାଙ୍ଗପୁର, ୧୯।୨ (ଅଶୋକ ପାଣି):** ରାଜଗାଙ୍ଗପୁରରେ ଚଳିତ ବର୍ଷ ବ୍ଲକ ଏବଂ ପୌରାଞ୍ଚଳର ୨୫ଟି ବିଦ୍ୟାଳୟର ମୋଟ ୧୬୨୪ ଛାତ୍ରୀଛାତ୍ର ମ୍ୟାଟ୍ରିକ ପରୀକ୍ଷା ଦେବେ। ଏଥିପାଇଁ ବ୍ଲକ ଓ ପୌରାଞ୍ଚଳ ସ୍ତରରେ ୯ଟି ପରୀକ୍ଷା କେନ୍ଦ୍ର ଚୟନ କରାଯାଇଛି। ରାଷ୍ଟ୍ରୀୟ ବିଦ୍ୟାଳୟ, ସ୍ୱାତିମେରି ବିଦ୍ୟାଳୟ, ଗୋପବନ୍ଧୁ ବିଦ୍ୟାଳୟ, ଜିଇଏଲ ବିଦ୍ୟାଳୟ, ମାଲିଡିହି ସରକାରୀ ବିଦ୍ୟାଳୟ, ଜାମପାଲି ସରକାରୀ ବାଳିକା ବିଦ୍ୟାଳୟ, ଲାଇଙ୍ଗ ବିମଳାଦେବୀ ବିଦ୍ୟାଳୟ, ଟୁଙ୍ଗିମାଟି ସରକାରୀ ବିଦ୍ୟାଳୟ, କାଂଶବାହାଲ ପଞ୍ଚାୟତ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ବିଇଓ ସରିତା ସରୋନିଆ ସୂଚନା ଦେଇଛନ୍ତି।

# ଉତ୍ତର ଉତ୍କଳ ତୈଳିକ ସମାଜର ନୂତନ କର୍ମକର୍ତ୍ତା ଚୟନ

**କୁତ୍ରା, ୧୯।୨(ଦେବାଶିଷ ସାହୁ)**

ଉତ୍ତର ଉତ୍କଳ ତୈଳିକ ସମାଜ ଗଡଗଡବାହାଲ ଗ୍ରୁପର ସଭାପତି ହୃଦାନନ୍ଦ ଦାନୀଙ୍କ ସଭାପତିତ୍ୱରେ ସାମାଜିକ ବୈଠକ ଅନୁଷ୍ଠିତ ହେବା ସହ ଆଗାମୀ ଦିନ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ସଭାରେ ଗଡଗଡବାହାଲ, ଦାଣ୍ଡଜମର ।,ଜାଜପୁର,ବିରତଙ୍ଗାଟୋଲି,କୁସୁମଡେଗି,କ ୁତ୍ରା, କୁରଙ୍ଗା, ଗଙ୍ଗାଜଳ,ଖୁଟମୁଣ୍ଡା,ଲତାଲଗା ଆଦି ଗ୍ରାମର ସାମାଜିକ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ସାମାଜିକ ସ୍ତରରେ କିଭଳି ଭାବେ ସମସ୍ତଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରାଯାଇପାରିବ, ବିବାହ ବ୍ରତ, ସମସ୍ତଙ୍କ ଉନ୍ନତି ସାଧନ ହେବ ସେନେଇ ଆଲୋଚନା ହୋଇଥିଲା। ପରେ ଆଗାମୀ ୫ ବର୍ଷ ପାଇଁ ଗଡଗଡବାହାଲ ଗ୍ରୁପର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ପର୍ଯ୍ୟବେକ୍ଷକ ଭାବେ ଶିବ ଶଙ୍କର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ କେନ୍ଦ୍ରୀୟ କମିଟି ଉପଦେଷ୍ଟା ଡ .ଲବଣୀଧର ଦାନୀଙ୍କ ଉପସ୍ଥିତିରେ ସର୍ବ ସମ୍ମତି କ୍ରମେ ସଭାପତି ଭାବେ ବିରିଙ୍ଗାଟୋଲିର ହୃଦାନନ୍ଦ ଦାନୀ, ସମ୍ପାଦକ ଭାବେ ଜାଜପୁରର ପଞ୍ଚାନନ ପୃଷେଠ, ଉପ ସଭାପତି ଭାବେ ଗଡଗଡବାହାଲର ସନାତନ ବେହେରା, କୋଷାଧ୍ୟକ୍ଷ ଭାବେ ଦାଣ୍ଡଜମରାର ସରୋଜ କୁମାର ବେହେରାଙ୍କୁ ଚୟନ କରାଯିବା ସହ ଅନ୍ୟାନ୍ୟ ପରିଚାଳନା ସଦସ୍ୟ ମଧ୍ୟ ଚୟନ କରାଯାଇଥିଲା। ସଭା କାର୍ଯ୍ୟ ଶେଷରେ ଡ. ଲବଣୀଧର ଦାନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ ଶ୍ରମିକ

**ଲହୁଣୀପଡା, ୧୯।୨.(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଡୁମକଳା ଗ୍ରାମସ୍ଥିତ ଭାସ୍କର ସ୍ୱଞ୍ଚ କାରଖାନାର ଶ୍ରମିକମାନେ ବିଭିନ୍ନ ଦାବି ନେଇ ସୋମବାର କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ କାରଖାନା କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଶ୍ରମିକଙ୍କୁ ବୁଝାସୁଝା କରିଥିଲେ। ଯାହା ସମସ୍ୟା ଅଛି ଲିଖିତ ଆକାରରେ ପ୍ରଶାସନକୁ ଜଣାଇବା ଓ ବାହାର କରିଥିବା ଶ୍ରମିକଙ୍କୁ ପୂର୍ବ ଭଳି କାର୍ଯ୍ୟ ନିଯୁକ୍ତି ଦେବାପରେ ଶ୍ରମିକମାନେ ଆନ୍ଦୋଳନରୁ ଓହରି ଥିବା ଜଣାପଡିଛି।




# ଝାରସୁଗୁଡ଼ାରେ ଲକ୍ଷ୍ମୀ ବସ୍‌ସେବା ଉଦ୍‌ଘାଟିତ

**୧୮ ରୁଟ୍‌ରେ ଗଡ଼ିବ ବସ୍**

**ବ୍ରଜରାଜନଗର, ୧୯।୨(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲାରେ ସୋମବାର ଲକ୍ଷ୍ମୀ ବସ୍‌ସେବା ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଲୋକାର୍ପଣ କରି ଏହି ସେବା ଦ୍ୱାରା ବିଶେଷ କରି ମହିଳା, ଯୁବବର୍ଗ ଓ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି କହିଛନ୍ତି। ସ୍ଥାନୀୟ ଅମଲିପାଲି ପଡ଼ିଆଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ, ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ ଓ ଜିଲାପାଳ ଅବୋଲି ସୁନିଲ ନରୱଣେ ଉପସ୍ଥିତ ଥିଲେ। ଲକ୍ଷ୍ମୀ ବସ୍‌ସେବା ଯୋଗୁ ମହିଳା ସଶକ୍ତୀକରଣ ସୁଦୃଢ଼ ହେବ। ମହିଳାମାନଙ୍କୁ ରୋଜଗାର ଯୋଗାଇବା ସହ ଚାଷୀମାନଙ୍କ ମୁହଁରେ ହସ ଫୁଟାଇବାରେ ଏହା ସହାୟ ହେବ ବୋଲି ବିଧାୟିକା ଦୀପାଳି ଦାସ କହିଛନ୍ତି। ସମୃଦ୍ଧ ଓ ଶସକ୍ତ ଓଡିଶା ଗଠନ ଦିଗରେ ଏହି ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଲଖନପୁର ବ୍ଲକର ସୀମାନ୍ତ ଅଞ୍ଚଳରୁ ପଞ୍ଚାୟତ ଓ ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ସୁଗମ ଯାତାୟାତ ପାଇଁ ବସ୍‌ସେବା ସହାୟକ ହେବ ବୋଲି ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି କହିଛନ୍ତି। ଏହି ଯୋଜନାରେ ଜିଲାରେ ୧୮ଟି ରୁଟରେ ବସ୍ ଚାଲିବ। ଲଖନପୁରର ବିଭିନ୍ନ ପଞ୍ଚାୟତରୁ ବ୍ଲକକୁ ୫ଟି ବସ୍, ଝାରସୁଗୁଡ଼ାର ବିଭିନ୍ନ ପଞ୍ଚାୟତରୁ ୪ଟି, କୋଲାବିରା, ଲଇକେରା ଓ କିର୍ମିରାରୁ ୨ଟି ଲେଖାଏ ବସ ଚାଲିବ। ସେହିପରି ଲଖନପୁର, କୋଲାବିରା ଓ କିର୍ମିରାରୁ ଜିଲା ସଦର ମହାକୁମାକୁ ଗୋଟିଏ ଲେଖାଏ ଏସି ବସ ଚାଲିବ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

# ଦକ୍ଷତାବୃଦ୍ଧି ତାଲିମ, ପ୍ରୋତ୍ସାହନ ଦ୍ୱାରା ଜିଆଖତ ଉଦ୍ୟୋଗୀ ସୃଷ୍ଟି ସମ୍ଭବ

**ଜିଆଖତ ଉତ୍ପାଦନ ଉପରେ ଦକ୍ଷତା ବୃଦ୍ଧି ତାଲିମ ଶିବିର**

**ସୁନ୍ଦରଗଡ, ୧୯।୨(ଜୟ ନାରାୟଣ ମେଣ୍ଡୁଲି)]**

କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୫ ଦିନିଆ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର ଓଡିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ବାଡସି)ଙ୍କ ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜିଲାର ଅଧିକାରୀ କମିଟିଙ୍କ ଦ୍ୱାରା ଚୟନ କରାଯାଇଥିବା ୨୦ଜଣ ମହିଳା ଓ ପୁରୁଷଙ୍କୁ ଜିଆଖତ ଉତ୍ପାଦନ ଉପରେ ତାଲିମ୍ ଦିଆଯାଇଥିଲା। ଯୁବତୀ ଯୁବକଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥାଭାବେ ଜିଆଚାଷ ଓ ଜିଆଖତ ଉତ୍ପାଦନକୁ ଗ୍ରହଣ କରିବା ଲକ୍ଷ୍ୟନେଇ ଏହି ତାଲିମ୍ ଶିବିର ଆୟୋଜିତ ହୋଇଥିଲା। ପ୍ରଶୀକ୍ଷାର୍ଥୀଙ୍କୁ ଜିଆଚାଷ ଓ ଜିଆଖତ ଉତ୍ପାଦନ ସମ୍ବନ୍ଧୀୟ ବିଭିନ୍ନ ଜ୍ଞାନକୌଶଳ ବିଷୟରେ ତାଲିମ୍ ପ୍ରଦାନ କରାଯିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା ମୁଖ୍ୟ ପ୍ରଶିକ୍ଷକ ଭାବେ ତାଲିମ୍ ପ୍ରଦାନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ, ଡ.ଦିବ୍ୟେନ୍ଦୁ ମଣ୍ଡଳ, ଆଶିଷ କୁମାର ମହାନ୍ତି, ଡ. ସଞ୍ଜୀବ ବିଶ୍ୱାସୀ, ରିଶିକେଶ ସାହୁ ପ୍ରମୁଖ ତାଲିମ୍ ପ୍ରଦାନ କରିଥିଲେ। ଟାଙ୍ଗରପାଲି ବ୍ଲକର ଦେବଭୂମି ଅର୍ଗାନିକ୍ସ ଜିଆଖତ ଉଦ୍ୟୋଗ, ଫୁଲଧୁଡି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠି ଭିତ୍ତିକ ଜିଆଖତ ଉତ୍ପାଦନ ଏବଂ କେନ୍ଦ୍ରୀୟ ନର୍ସରୀ ଉଜ୍ୱଳପୁରକୁ ପରିଭ୍ରମଣରେ ଯାଇ କୌଶଳ ଆହରଣ କରିଥିଲେ। ଶେଷ ଦିନରେ ମୁଖ୍ୟ ଅତିଥିଭାବେ ଓମ୍ବାଡସିର ଜିବୀକା ବିଶେଷଜ୍ଞ ସଲୋନୀ ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆପିକଲର ଜିଲା ସଂଯୋଜକ ତାପସ କୁମାର ପଟେଲ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ପ୍ରଶିକ୍ଷାର୍ଥୀଙ୍କ ମୂଲ୍ୟାୟନ କରାଯାଇ ତାଲିମ୍ ପୁସ୍ତିକା, ଜିଆ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ତାଲିମ୍ ଶିବିରକୁ କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଅରୁଣ କୁମାର ମିଶ୍ର, ବିଦ୍ୟାଧର ଟୁଡୁ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ, ଷ୍ଟେନୋ କମଳ ଲୋଚନ ମହାନ୍ତ, କର୍ମଚାରୀ ଭ୍ରମରବର ସା, ଜିତେନ୍ଦ୍ର ସେଠୀ, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଫେବୃଆରୀ ୧୫ ରୁ ୧୯ ପର୍ଯ୍ୟନ୍ତ ଶିବିର ଆୟୋଜିତ ହୋଇଥିଲା।



